READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524

ବର୍ଷ-୬ ସଂଖ୍ୟା-୪୮ ୧୨ - ୧୮ ଡିସେମ୍ବର, ୨୦୨୨ ଭୁବନେଶ୍ୱର Monday Weekly VOL-6 ISSUE-48 12th - 18th DECEMBER, 2022 BHUBANESWAR ₹ 5/- (8 Pages)


ପଦ୍ମପୁର ଉପନିର୍ବାଚନରେ ବିଜୟୀ ହେବା ପରେ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଆଶୀର୍ବାଦ ନେଲେ ବର୍ଷା ସିଂ ବରିହା

# ମହିଳାଙ୍କୁ ଅସମ୍ମାନ ନିନ୍ଦନୀୟ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ରାଜନୀତିରେ ହାରିବା ଓ ଜିତିବା, ନିର୍ବାଚନରେ ଲଢ଼ିବା ଅଲଗା କଥା। କିନ୍ତୁ ଜଣେ ମହିଳାଙ୍କୁ ଅସମ୍ମାନ କରିବା ଅତି ନିନ୍ଦନୀୟ। ବର୍ଷା ସିଂ ବରିହାଙ୍କୁ ଅସମ୍ମାନ କରାଯିବା ପରେ ମୁଁ ନିଷ୍ପତ୍ତି ନେଲି, ମୁଁ ନିଜେ ଯାଇ ବର୍ଷା ସିଂ ପାଖରେ ଠିଆ ହେବି- ଜଣେ ବାପା ଭଳି, ଜଣେ ଭାଇ ଭଳି, ଜଣେ ବନ୍ଧୁ ଭଳି। ବାପା ହରାଇଥିବା ବର୍ଷା ସାଙ୍ଗରେ ଠିଆ ହେବି। ପଦ୍ମପୁର ଉପନିର୍ବାଚନରେ ବିଜେଡିର ବିପୁଳ ବିଜୟ ପରେ ଦଳୀୟ ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ ବାର୍ତ୍ତାରେ ଏହା କହିଛନ୍ତି। ସେ କହିଛନ୍ତି ଯେ, ମୁଁ ବିରୋଧୀ ଦଳକୁ-ରାଜ୍ୟର ବିଜେପି ନେତୃମଣ୍ଡଳୀଙ୍କୁ ନମ୍ରତାର ସହ ଜଣାଇ



ଦେବାକୁ ଚାହୁଁଛି ଯେ, ରାଜନୀତି କରିବା ବାହାନାରେ ଯଦି ମହିଳାମାନଙ୍କୁ ଅସମ୍ମାନ କରାଯିବ, ତାକୁ କେବେ ଓଡିଶାବାସୀ ସମର୍ଥନ କରିବେ ନାହିଁ। ଆଜି ନୁହେଁ, ସଦା ବେଳେ। ବିଜେଡି ମୁଖ୍ୟ ଶ୍ରୀ ପଟ୍ଟନାୟକ କହିଛନ୍ତି, ଆଉ ଗୋଟେ ଗୁରୁତ୍ୱପର୍ଣ୍ଣ କଥା ହେଲା-କେନ୍ଦ୍ର ମନ୍ତ୍ରୀମଣ୍ଡଳର କିଛି ➤ ପୃ-୬

## 'ବିଜେପି ମହିଳା ବିରୋଧୀ ହୋଇଥିଲେ ପ୍ରଧାନ ସେବକ ହୋଇ ନଥାନ୍ତେ ମୋଦି'

**ଭୁବନେଶ୍ୱର :** ପଦ୍ମପୁର ଉପନିର୍ବାଚନରେ ଶାସକ ବିଜେଡି ବାଜି ମାରି ନେଇଥିବା ବେଳେ ଏହାକୁ ନେଇ ଆରମ୍ଭ ହୋଇଛି ଆରୋପ ପ୍ରତ୍ୟାରୋପର ରାଜନୀତି। ବର୍ଷା ସିଂ ବରିହାଙ୍କ ପ୍ରତି ବିଜେପି ନେତା ଅସମ୍ମାନସୂଚକ ଶବ୍ଦ ପ୍ରୟୋଗ କରିବାରୁ ସେ ଜଣେ ବାପା, ଭାଇ ହିସାବରେ ପଦ୍ମପୁର ଯିବାକୁ ବାଧ୍ୟ ହେଲେ ବୋଲି ନିର୍ବାଚନ ଫଳାଫଳ ବାହାରିବା ପରେ ନିଜ ଭିଡ଼ିଓ ବାର୍ତ୍ତାରେ କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ହେଲେ ମୁଖ୍ୟମନ୍ତ୍ରୀଙ୍କ ଏହି ମନ୍ତବ୍ୟକୁ କାଉଣ୍ଟର କରିଛନ୍ତି ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର। ଏନେଇ ଟ୍ୱିଟ କରି ଜୟନାରାୟଣ କହିଛନ୍ତି, ଗଣତନ୍ତ୍ରରେ ଜନତାଙ୍କ ମତ ସର୍ବାଗ୍ରେ। କିନ୍ତୁ ମୁଖ୍ୟମନ୍ତ୍ରୀ ଯେଉଁଭଳି ଭାବେ ଅତି ଚତୁରତାର ସହ ଭିଡିଓ ବାର୍ତ୍ତା ମାଧ୍ୟମରେ ଏକ ରାଜନୈତିକ ବୟାନ ଦେଇଛନ୍ତି, ତାହାକୁ ନିନ୍ଦା କରୁଛି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜୟନାରାୟଣ କହିଛନ୍ତି, ବିଜେପି ମହିଳା ବିରୋଧୀ ବୋଲି ଆପଣ ଯେଉଁ ଆଖ୍ୟା ଦେଇଛନ୍ତି ତାହା ଯଦି ସତ ହୋଇଥାନ୍ତା ତେବେ ନରେନ୍ଦ୍ର ମୋଦି ନିଜକୁ ଦେଶର ପ୍ରଧାନ ସେବକ ଭାବେ ପ୍ରତିଷ୍ଠିତ କରି ପାରି ନ ଥାନ୍ତେ। ➤ ପୃ-୬

# ପଦ୍ମପୁର ଫଳାଫଳ ୨୦୨୪ ପାଇଁ ସତର୍କ ଘଣ୍ଟି

**ଭୁବନେଶ୍ୱର :** ପଦ୍ମପୁର ଉପନିର୍ବାଚନରେ ଶାସକ ବିଜେଡି ପ୍ରାର୍ଥୀ ବର୍ଷା ସିଂ ବରିହା ବିଶାଳ ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ବିଜେପି ପ୍ରାର୍ଥୀ ପ୍ରଦୀପ ପୁରୋହିତଙ୍କୁ ବଡ ବ୍ୟବଧାନରେ ପରାସ୍ତ କରିବା ପରେ ବିଜେଡି ମହଲରେ ଉତ୍ସାହ ବୃଦ୍ଧି ପାଇଥିବାବେଳେ କଂଗ୍ରେସ ପ୍ରାର୍ଥୀ ସତ୍ୟଭୂଷଣ ସାହୁ ନିଜର ଅମାନତ ରଖିବାକୁ ସକ୍ଷମ ନହେବା କଂଗ୍ରେସ ପାଇଁ ବିପର୍ଯ୍ୟୟର କାରଣ ହୋଇଛି। ତେବେ ପଦ୍ମପୁର ଉପନିର୍ବାଚନରେ ବିଜେଡି ଓ ବିଜେପି ମୁହାଁମୁହିଁ ହେବା ସହ ଏହାକୁ ଆଗାମୀ ୨୦୨୪ ସାଧାରଣ ନିର୍ବାଚନ ପାଇଁ ପ୍ରୟୋଗଶାଳା କରିବାର ଯେଉଁ ରିସ୍କ ଉଭୟ ଦଳ ନେଇଛନ୍ତି ତାହା ସେମାନଙ୍କ



ପାଇଁ ସତର୍କ ଘଣ୍ଟି ପାଲଟିଛି। ତା'ଛଡ଼ା ରାଜ୍ୟରେ ନିଜର ଅସ୍ତିତ୍ୱ ରକ୍ଷା ପାଇଁ ଲଢ଼େଇ କରୁଥିବା କଂଗ୍ରେସ ନିଜର ପୁରୁଖା ନେତାଙ୍କୁ ମଇଦାନକୁ ଓହ୍ଲାଇଥିଲେ ବି ସାଂଗଠନିକ ବିପର୍ଯ୍ୟୟର ନୂଆ ଅନୁଭୂତି ପାଇଛି। ପଦ୍ମପୁର ଉପନିର୍ବାଚନ ପାଇଁ ଦଳୀୟ ପରିଚାଳନା ଓ ଫଳାଫଳ ରାଜ୍ୟର ୩ ପ୍ରମୁଖ ଦଳ ବିଜେଡି, ବିଜେପି ଓ କଂଗ୍ରେସକୁ ଆଗାମୀ ୨୦୨୪ ନିର୍ବାଚନରେ ଲଢ଼ିବା ନିମନ୍ତେ ନୂଆ ରଣନୀତି ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱ ଦେବାକୁ ଏକରକମ ବାଧ କରିଛି। ସୂଚନା ଅନୁସାରେ ପଦ୍ମପୁର ଉପନିର୍ବାଚନ ଫଳାଫଳ ଉଭୟ ବିଜେପି ଓ କଂଗ୍ରେସ ପାଇଁ ଚିନ୍ତାର କାରଣ ହୋଇଥିବାବେଳେ ବିଜେଡି ପାଇଁ ଉତ୍ସାହବର୍ଦ୍ଧକ ରହିଛି। ଧାମନଗରରେ ଶକ୍ତ ପରାଜୟ ପରେ ନିଜକୁ ସଜାଡ଼ି ପରିବର୍ତ୍ତିତ ରଣନୀତି ସହ ପଦ୍ମପୁରକୁ ଓହ୍ଲାଇଥିବା ଶାସକ ବିଜେଡିକୁ ଯଦିଓ ଆଶାତୀତ ସଫଳତା ମିଳିଛି କିନ୍ତୁ ତାହା ଓଡ଼ିଶା ନିର୍ବାଚନୀ ଇତିହାସରେ ଏକ ନୂଆ ଅଧ୍ୟାୟ ଓ ପରମ୍ପରାକୁ ଜନ୍ମ ଦେଇଛି। ଯାହାକି ବିଜେଡି ପାଇଁ ୨୦୨୪ ସାଧାରଣ ନିର୍ବାଚନରେ ବୁମେରାଂ ହେବାର ଆଶଙ୍କା ରହିଛି। ପଦ୍ମପୁର ଉପନିର୍ବାଚନରେ ଦଳର ସ୍ଥାନୀୟ ନେତା ଓ ବରିଷ୍ଠ ନେତାଙ୍କୁ ଗୁରୁତ୍ୱ ଦେଇ ଆଗରେ ରଖି ସଂଘବଦ୍ଧ ଭାବେ ନିର୍ବାଚନ ପରିଚାଳନା କରିବା, ➤ ପୃ-୬

### ସୁପ୍ରିମକୋର୍ଟ କଲେଜିୟମକୁ ନେଇ ପୁଣି ବିବାଦ

# ଆରଟିଆଇ ଆବେଦନ ଖାରଜ

**ନୂଆଦିଲ୍ଲୀ :** ସୁପ୍ରିମକୋର୍ଟ କଲେଜିୟମକୁ ନେଇ ପୁଣି ବିବାଦ। ଜଜ୍ ନିଯୁକ୍ତି ପାଇଁ କଲେଜିୟମ ବୈଠକରେ ହୋଇଥିବା ଆଲୋଚନା ସାର୍ବଜନୀନ କରିବାକୁ ମନା କଲେ କୋର୍ଟ। ୨୦୧୮ ଡିସେମ୍ବର ୧୨ କଲେଜିୟମ ବୈଠକରେ ଜଜ୍ ନିଯୁକ୍ତି ପ୍ରକ୍ରିୟାକୁ ନେଇ ହୋଇଥିବା ଆଲୋଚନାର ତଥ୍ୟ ଆରଟିଆଇ ଯୋଗେ ଦେବାକୁ ପିଟିସନ ଦାଏର ହୋଇଥିଲା। ଯାହାକୁ କୋର୍ଟ ଖାରଜ କରିଦେଇଛନ୍ତି। ଟପ୍ ପ୍ୟାନେଲଙ୍କ ଆଲୋଚନା ସାର୍ବଜନୀନ କରିବା ସମ୍ଭବ ନୁହେଁ ବୋଲି ସ୍ପଷ୍ଟ କରିଛନ୍ତି ସର୍ବୋଚ୍ଚ କୋର୍ଟ। ସୂଚନା ଅଧିକାର କର୍ମୀ ଅଞ୍ଜଳି ଭରଦ୍ୱାଜ ଦାଏର କରିଥିବା ପିଟିସନକୁ କୋର୍ଟ ଖାରଜ



କରିଦେଇଛନ୍ତି। କଲେଜିୟମ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ସାର୍ବଜନୀନ କରାଯାଇଥାଏ। ମାତ୍ର ଏନେଇ ହୋଇଥିବା ଆଲୋଚନା ତଥ୍ୟ ବାହାରକୁ ଦେବା ସାମ୍ବିଧାନିକ ବ୍ୟବସ୍ଥା ପରିସରଭୁକ୍ତ ନୁହେଁ। କଲେଜିୟମ ବୈଠକରେ କରାଯାଇଥିବା ଆଲୋଚନାର ତଥ୍ୟ ମଗାଯାଇ ପାରିବ ବୋଲି କୋର୍ଟରେ ପିଟିସନ ଦାଏର ହୋଇଥିଲା। ➤ ପୃ-୬

# ପୁଣି ଖୋଲିବ ଘରୋଇ ଡିଗ୍ରୀ, ପ୍ରଫେସନାଲ୍ କଲେଜ

**ଭୁବନେଶ୍ୱର :** ଉଚ୍ଚଶିକ୍ଷା ବିଭାଗର ବଡ଼ ନିଷ୍ପତ୍ତି। ରାଜ୍ୟରେ ପୁଣି ଖୋଲିବ ଘରୋଇ ଡିଗ୍ରୀ ଓ ପ୍ରଫେସନାଲ୍ କଲେଜ୍। ଗତ ମାସ ୯ ତାରିଖରେ ବସିଥିବା ହାଇପାୱାର କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ସ୍ଥାନୀୟ ଅଞ୍ଚଳର ଶୈକ୍ଷିକ ଆବଶ୍ୟକତାକୁ ନେଇ ଘରୋଇ ଶିକ୍ଷାନୁଷ୍ଠାନ ଖୋଲାଯାଇପାରିବ। ସେହିପରି ଆବଶ୍ୟକସ୍ଥଳେ ନୂଆ କୋର୍ସ ସାମିଲ ପାଇଁ ବି ଅନୁମତି ଦିଆଯାଇଛି। ଏହାଦ୍ୱାରା ଛାତ୍ରଛାତ୍ରୀ ଉପକୃତ ହେବେ ବୋଲି ହାଇପାୱାର କମିଟି ମତ ଦେଇଛି। ଘରୋଇ କଲେଜଗୁଡିକର ପ୍ରାଦୁର୍ଭାବ ରୋକିବାକୁ ଉଚ୍ଚ ଶିକ୍ଷା ବିଭାଗ ନୂଆ ଘରୋଇ କଲେଜ ଖୋଲିବା ଉପରେ ୫ ବର୍ଷିୟା କଟକଣା ଲଗାଇଥିଲା। ତେଣୁ ଉଚ୍ଚ ଶିକ୍ଷା ବିଭାଗ ହାଇପାୱାର କମିଟିର ଏହି ନିଷ୍ପତ୍ତିକୁ ନେଇ ଅନେକ ପ୍ରଶ୍ନ ଉଠିଛି।



ରାଜ୍ୟରେ ଏବେ ୫୩ ଟି ସରକାରି ଓ ୫ଶହ ଅନୁଦାନ ପ୍ରାପ୍ତ ଡିଗ୍ରୀ କଲେଜ ରହିଛି। ଏସବୁ କଲେଜ୍ର ମୋଟ ସିଟ ସଂଖ୍ୟା ୨ଲକ୍ଷ ୫୫ ହଜାର ୯୧୩। ଏଥି ମଧ୍ୟରୁ ଚଳିତ ବର୍ଷ ଲକ୍ଷେ ୯୮ ହଜାର ୫୧୮ ସିଟ୍ର ଆଡମିଶନ ହୋଇଛି। ଅର୍ଥାତ୍ ୫୭ ହଜାର ୩୯୫ ସିଟ୍ ଖାଲି ପଡ଼ିଛି। ଏଭଳି କ୍ଷେତ୍ରରେ ଅଧିକ ଘରୋଇ କଲେଜ୍ ଖୋଲିବାର ଆବଶ୍ୟକତା କ'ଣ? କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀର ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ଏଭଳି ନିଷ୍ପତ୍ତି ନେଇନାହାନ୍ତି କି? ➤ ପୃ-୬

### ଆନନ୍ଦ ଟପ୍ପୋ ମୃତ୍ୟୁ ମାମଲା; ହାଇକୋର୍ଟ କ୍ଷୁବ୍ଧ

# ଆଇଆଇସିଙ୍କୁ ବର୍ଷେ ଯାଏ ଫିଲ୍ଡ ପୋଷ୍ଟିଂ ମନା

**କଟକ :** କଡ଼ ଲେଉଟାଇଛି ବହୁ ଚର୍ଚ୍ଚିତ ଆନନ୍ଦ ଟପ୍ପୋ ହତ୍ୟା ମାମଲା। ଏହି ମାମଲାରେ ଓଡ଼ିଶା ହାଇକୋର୍ଟ କିଛି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାରେ ତାରକା ହକି ଖେଳାଳି ତଥା ଡିଏସ୍‌ପି ବୀରେନ୍ଦ୍ର ଲାକ୍ରାଙ୍କ ବିରୋଧରେ ମୃତକଙ୍କ ବାପାଙ୍କ ଠାରୁ ଇନ୍‌ଫୋସିଟି ଥାନା ଆଇଆଇସି ସମୀତା ମିଶ୍ର ଏତଲା ନରଖିବା ନେଇ ବିରକ୍ତ ହୋଇଛନ୍ତି ହାଇକୋର୍ଟ। ସେଥିପାଇଁ ଆଇଆଇସି ସମୀତା ମିଶ୍ରଙ୍କୁ ବର୍ଷେ ଫିଲ୍ଡ ପୋଷ୍ଟିଂ ନଦେବାକୁ ହାଇକୋର୍ଟ ଭୁବନେଶ୍ୱର ଡିସିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଖାଲି ସେତିକି ନୁହେଁ, ଆଇଆଇସି ସମୀତା ମିଶ୍ର ଆଗାମୀ ଦିନରେ କେମିତି ମାମଲା




ଗୁଡ଼ିକ ପ୍ରତି ସମ୍ବେଦନଶୀଳ ହେବେ, ସେଥିପାଇଁ ତାଙ୍କୁ ଟ୍ରେନିଂରେ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ। ତାଙ୍କୁ ବିଜୁ ପଟ୍ଟନାୟକ ପୁଲିସ୍ ଏକାଡେମୀରେ ମାସେ ତାଲିମ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ନିଜେ ଡିସିପି ଏହି ମାମଲାର ତଦାରଖ କରିବାକୁ ମଧ୍ୟ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାରୁ ପ୍ରକାଶ, ଫେବ୍ରୁଆରୀ ୨୮ ତାରିଖ ଦିନ ପ୍ରାୟ ୧୨ଟା ବେଳେ ଭୁବନେଶ୍ୱର ➤ ପୃ-୬

## ବକ୍ରବାଣୀ



କାନ୍ଦି କାନ୍ଦି ବୋହୁ ଜିତିଲା ପରେ
କାନ୍ଦନ୍ତି ବାହୁନି ଶଶୁର ଘରେ
ବୋହୁର ଇଜ୍ଜତ ମହତ ଗଲା
ନିଜ ଦଳ ତା'କୁ ଘାଇଲା କଲା
ବୋହୁ ନୁହେଁ ସିଏ ଝିଅ ମୋହର
ବାପ ଭଳି ମୁଇଁ ତା'ର ଶଶୁର
ତା'ଆଖିରୁ ଯେବେ ଲୁହ ବୋହିଲା
ହୃଦୟ ମୋହର ବିଦାରି ଗଲା
ଧିକ୍ ମୋର ରାଜନୀତି ନିଶାକୁ
ଶଙ୍ଖ ଛାଡ଼ି ଆସିଥିଲି ପଦ୍ମକୁ।

———— ଟୁଟୁ

### ସହଜ ହେବ 'ଲିଜ୍ ହୋଲ୍ଡ'ରୁ ଫ୍ରି ହୋଲ୍ଡ ପରିବର୍ତ୍ତନ

# ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର :** କଟକ ଓ ଭୁବନେଶ୍ୱରରେ ଭୂସମ୍ପତ୍ତି ଖଣ୍ଡିଏର ଚିରଦିନ ମାଲିକାନା ପାଇବା ବହୁଲୋକଙ୍କ ସ୍ୱପ୍ନ। ଏହାକୁ ସାକାର କରିବା ଦିଗରେ ଅନ୍ୟଏକ ବଡ଼ ପଦକ୍ଷେପ ଭାବେ ସରକାରଙ୍କ ଠାରୁ ମିଳିଥିବା ଲିଜ୍-ହୋଲ୍ଡ ଜମିର ଫ୍ରି-ହୋଲ୍ଡ ପରିବର୍ତ୍ତନକୁ ସହଜ ଓ ସୁଗମ କରିବା ନିମନ୍ତେ ରାଜ୍ୟ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ଏଥିପାଇଁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଜମିର ମାଲିକାନା ହସ୍ତାନ୍ତର ସମ୍ବନ୍ଧିତ ବିଭିନ୍ନ ଦିଗ ଏବଂ ପ୍ରଚଳିତ ନିୟମାବଳୀକୁ ବିଚାର କରି ଏହି ଉନ୍ନୟନ କର୍ତ୍ତୃପକ୍ଷ ଏବଂ ରାଜ୍ୟ ହାଉସିଂ ବୋର୍ଡଙ୍କୁ ବିକେନ୍ଦ୍ରୀକରଣ କରିବା ନିମନ୍ତେ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର



ପରାମର୍ଶ ଦେଇଥିଲେ। ଏହା ହେଲେ ଅଣ-ବ୍ୟବସାୟିକ ଘରୋଇ ବାସଗୃହ ନିମନ୍ତେ ଜମି ଲିଜ୍‌ଧାରୀ ବ୍ୟକ୍ତିମାନେ ସହଜ ଓ ସୁବିଧାରେ ଫ୍ରି-ହୋଲଡ୍‌କୁ ପରିବର୍ତ୍ତନ ସେବା ପାଇ ପାରିବେ। ଏଥିପାଇଁ ନିର୍ଦ୍ଦିଷ୍ଟ କ୍ଷମତା ବିକେନ୍ଦ୍ରୀକରଣ ଓ ପ୍ରସ୍ତାବ ପ୍ରସ୍ତୁତ ➤ ପୃ-୬

# 'ପରିବାରବାଦ ବିରୋଧରେ ଜନ ଆକ୍ରୋଶ ଗଣତନ୍ତ୍ର ପାଇଁ ଶୁଭଙ୍କର'

**ନୂଆଦିଲ୍ଲୀ :** ଗୁଜରାଟରେ ବିଜେପିର ଐତିହାସିକ ବିଜୟ ପରେ ଦିଲ୍ଲୀରେ ପାଳନ ହୋଇଛି ବିଜୟ ଉତ୍ସବ। ଦିଲ୍ଲୀସ୍ଥିତ ବିଜେପି ମୁଖ୍ୟାଳୟରେ ଆୟୋଜିତ ବିଜୟ ଉତ୍ସବ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଧାନମନ୍ତ୍ରୀ ଖୁସିରେ ଗଦଗଦ ହୋଇପଡ଼ିଛନ୍ତି। ଗୁଜରାଟରେ ବିଜେପି ରେକର୍ଡ ୧୫୬ ଆସନରେ ଜିତିଥିବାରୁ ମୋଦି ସମସ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି। ଏଥିସହ ବିକାଶର ଧାରା ଆଗକୁ ମଧ୍ୟ ଜାରି ରହିବ ବୋଲି କହିଛନ୍ତି। ମୋଦି ଦଳୀୟ କର୍ମକର୍ତ୍ତାଙ୍କୁ ସମ୍ବୋଧନ କରି କହିଛନ୍ତି, ଏପରି ରେକର୍ଡ ବିଜୟ ପାଇଁ ଜନତାଙ୍କ ନିକଟରେ ନତମସ୍ତକ ହେଉଛି। ଜନାଦେଶ ଅଭିଭୂତ କରିଛି। ଗୁଜରାଟରେ ଏଥର ଚମତ୍କାର ହୋଇଛି। ମୁଁ ନିଜେ ମୋ ରେକର୍ଡ ଭାଙ୍ଗିବାକୁ ଜନତାଙ୍କୁ ଅପିଲ କରିଥିଲି। ଲୋକମାନେ ଗୁଜରାଟରେ ଏଥର ନୂଆ



ଇତିହାସ ସୃଷ୍ଟି କରିଛନ୍ତି। ବିଜେପି ପ୍ରତି ବଢୁଥିବା ଜନସମର୍ଥନ ପରିବାରବାଦ ବିରୋଧରେ ଲୋକଙ୍କ ମନରେ ରହିଥିବା ଆକ୍ରୋଶର ପ୍ରତିଫଳନ। ଦେଶହିତରେ ଆମେ ଅନେକ ବଡ଼ରୁ ବଡ଼ ନିଷ୍ପତ୍ତି ନେଇଛୁ। ଆମ କାମକୁ ନେଇ ଯୁବବର୍ଗ ଆମ ଉପରେ ଭରସା ରଖିଛନ୍ତି। ଯୁବବର୍ଗ ବିଜେପିର ବିକାଶ ରାଜନୀତିକୁ ପସନ୍ଦ କରୁଛନ୍ତି। ଭାରତୀୟ ଭୋଟର ଆଦୌ ଶର୍ଟକଟ ଚାହାନ୍ତି ନାହିଁ। ଦେଶର ଭୋଟର ଭଲ ଭାବେ ସେମାନଙ୍କ ଲାଭ ଓ କ୍ଷତିକୁ ବୁଝିପାରୁଛନ୍ତି। ଶର୍ଟକଟ୍ ରାଜନୀତି ଯୋଗୁ ଦେଶ କ୍ଷତି ସହିବ ବୋଲି ସେମାନେ ଜାଣିପାରୁଛନ୍ତି। ଯଦି ଦେଶର ବିକାଶ ହେବ, ତା'ହେଲେ ସମସ୍ତଙ୍କର ବିକାଶ ହେବ। ଏଥିରେ କୌଣସି ପ୍ରକାରର ସନ୍ଦେହ ନାହିଁ। ଭାରତର ବିକାଶ ପାଇଁ ଲୋକଙ୍କମାନଙ୍କ ମନରେ ଥିବା ଦୃଢ଼ ଇଚ୍ଛା ଶକ୍ତି ଗୁଜରାଟ ନିର୍ବାଚନ ରେଜଲ୍ଟରୁ ପ୍ରମାଣିତ ହୋଇଛି। ଏଥରୁ ଗୋଟିଏ ବାର୍ତ୍ତା ଯାଉଛି ଯେ ଯେତେବେଳେ ବି ଦେଶ କୌଣସି ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛି, ଲୋକମାନେ ବିଜେପି ଉପରେ ଭରସା ଦେଖାଉଛନ୍ତି। ରେକର୍ଡ ଭାଙ୍ଗି ଗୁଜରାଟ ନୂଆ ରେକର୍ଡ ସୃଷ୍ଟି କରିଛି। ଗୁଜରାଟ ଇତିହାସରେ ➤ ପୃ-୬




### ମୟୂରଭଞ୍ଜ ଜିଲ୍ଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

# ୫୦%ରୁ ଅଧିକ ଡାକ୍ତର ପଦବି ଖାଲି

**ବାରିପଦା (ବିଜୁ ସିଂ) :** ଭୌଗଳିକ ଦୃଷ୍ଟିରୁ ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ହେଉଛି ରାଜ୍ୟର ସର୍ବବୃହତ ଜିଲ୍ଲା। ଏଠାକାର ଜନସଂଖ୍ୟା ପାଖାପାଖି ୩୦ ଲକ୍ଷରୁ ଅଧିକ ହେବ। ମୟୂରଭଞ୍ଜ ଜିଲ୍ଲାରେ ଚିକିତ୍ସା ସେବା ଯୋଗାଇବା ପାଇଁ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏଣ୍ଡ ହସପିଟାଲ ଭଳି ଏକ ମେଡିକାଲ ରହିଥିବା ବେଳେ, ଉଦଳା, ରାଇରଙ୍ଗପୁର, କରଞ୍ଜିଆ ଠାରେ ଥିବା ୩ଟି ଉପଖଣ୍ଡ ସ୍ତରୀୟ ଡାକ୍ତରଖାନା, ୮୬ଟି ପି.ଏଚ୍.ସି, ୨୬ ଗୋଟି ସି.ଏଚ୍.ସି ଓ ୧ ଗୋଟି ଏରିଆ ହସପିଟାଲ ସହ ୫୮୯ଟି ସବ-ସେଣ୍ଟର ରହିଛି। ତେବେ ଜିଲ୍ଲାରେ ମୋଟ ଡାକ୍ତର




ପଦବୀ ସଂଖ୍ୟା ୫୪୭ ହୋଇଥିବା ବେଳେ ଏବେ ୨୨୫ଜଣ ରେଗୁଲାର, ୧ଜଣ ଏଡହକ୍, ୫ଜଣ ପୋଷ୍ଟ ପି.ଜି, ୪୦ ଜଣ ଚୁକ୍ତିଭିତ୍ତିକଙ୍କୁ ମିଶାଇ ୨୭୧ ଜଣ ଡାକ୍ତର କାର୍ଯ୍ୟରତ ଅଛନ୍ତି। ଏବେ ମଧ୍ୟ ଜିଲ୍ଲାରେ ୨୭୬ ଡାକ୍ତର ପଦବୀ ଖାଲି ପଡ଼ିଥିବା ବେଳେ ଟେକନିସିଆନ ଓ ସ୍ୱାସ୍ଥ୍ୟକର୍ମୀ ଭଳି ପଦବୀ ମଧ୍ୟ ଖାଲି ପଡିଛି। ଯେଉଥିପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଥିବା ଚିକିତ୍ସା ସେବା ବିପର୍ଯ୍ୟସ୍ତ ହୋଇପଡିଛି। ମେଡ଼ିକାଲ କଲେଜରେ ଅନେକ ବିଭାଗରେ ବିଶେଷଜ୍ଞ ପଦବୀ ଖାଲି ରହିଥିବା କାରଣରୁ ରୋଗୀଙ୍କୁ କଟକକୁ ସ୍ଥାନାନ୍ତର କରାଯାଉଛି। ଆଉ ସ୍ଥାନାନ୍ତର ସମୟରେ ଅନେକ ଗରୁତର ରୋଗୀଙ୍କ ବାଟରେ ମୃତ୍ୟୁ ମଧ୍ୟ ଘଟୁଛି। ଜିଲ୍ଲାର ବିଭିନ୍ନ ପି.ଏଚ୍.ସି ଓ ସି.ଏଚ୍.ସି ଗୁଡିକରେ ଚିକିତ୍ସା ଅବହେଳା ଯୋଗୁଁ ଅନେକ ନିରିହ ରୋଗୀ ଅସମୟରେ ଆଖି ବୁଜୁଥିବା ଦେଖିବାକୁ ମିଳୁଛି। ଏଥିପାଇଁ ହସ୍‌ପିଟାଲ ପରିସରରେ ଅନେକ ସମୟରେ ଆନ୍ଦୋଳନ ଓ ଖଣ୍ଡଯୁଦ୍ଧ ଭଳି ଅଶାନ୍ତିକର ପରିବେଶ ସୃଷ୍ଟି ହେଉଥିବା ଦେଖିବାକୁ ମିଳୁଛି। ପଡୋଶୀ ପଶ୍ଚିମବଙ୍ଗ ଓ ଝାଡଖଣ୍ଡ ରାଜ୍ୟର ଜନସାଧାରଣ ମଧ୍ୟ ସ୍ୱାସ୍ଥ୍ୟସେବା ପାଇଁ ମୟୂରଭଞ୍ଜ ଜିଲ୍ଲା ଉପରେ ନିର୍ଭର କରିଥାନ୍ତି। ଏପରି ସ୍ଥଳେ ଜିଲ୍ଲାରେ ଡାକ୍ତର ପଦବୀ ଖାଲି ପଡିଥିବା କାରଣରୁ ସ୍ଥାନୀୟ ବୁଦ୍ଧିଜୀବୀ ଚିନ୍ତା ବ୍ୟକ୍ତ କରିଛନ୍ତି।

## କେମିତି କଟିବ ଏ ସପ୍ତାହ

**ମେଷ** ସ୍ୱାସ୍ଥ୍ୟ ଉତ୍ତମ ରହିବ। ଆୟରେ ବୃଦ୍ଧି ହେବ। ସଞ୍ଚୟ ହେବ। ପରିବାର ସହଯୋଗ ପାଇବେ ନାହିଁ। ସ୍ଥାନାନ୍ତରଣ ଯୋଗ ଅଛି। ବିଦେଶରେ ପାଠ ପଢ଼ିପାରନ୍ତି। ଦାମ୍ପତ୍ୟ ଜୀବନରେ ଅସ୍ଥିରତା ଯୋଗ ଅଛି। ପ୍ରତିକାର : ପ୍ରତିଦିନ ୧୦ଥର ଓଁ ଭୌମାୟ ନମଃ ଜପ କରନ୍ତୁ।

**ବୃଷ** ମାଦକ ଦ୍ରବ୍ୟ ସେବନରୁ ଦୂରେଇ ପାରନ୍ତି। ବାପା ମାଆଙ୍କ ସହଯୋଗ ପାଇ କାର୍ଯ୍ୟକ୍ଷେତ୍ରରେ ନୂତନ ଉପଲବ୍ଧି ପାଇବେ। ଛାତ୍ରୀମାନଙ୍କ ପାଇଁ ସମୟ ଅନୁକୂଳ। ଜୀବନସାଥୀଙ୍କ ସହ ତାଳ ମେଳ ବଢ଼ିବ। ପ୍ରତିକାର : ପ୍ରତିଦିନ ୪୦ଥର ଓଁ ରାହବେ ନମଃ ଜପ କରନ୍ତୁ।

**ମିଥୁନ** ଖରାପ ସ୍ୱାସ୍ଥ୍ୟ ଆତ୍ମବିଶ୍ୱାସ କମିବ। ବ୍ୟୟରେ ବୃଦ୍ଧି ହେବ। ଉଧାର କରିପାରନ୍ତି। ବୀପରିତ ଲିଙ୍ଗି ବ୍ୟକ୍ତିଙ୍କୁ ଆକର୍ଷି କରିପାରନ୍ତି। କାର୍ଯ୍ୟକ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେବ। ପ୍ରତିକାର : ପ୍ରତିଦିନ ୪୧ଥର ଓଁ ବୁଧାୟ ନମଃ ଜପ କରନ୍ତୁ।

**କର୍କଟ** ପେଟରେ ସମସ୍ୟା ଦେଖାଦେଇପାରେ। ବ୍ୟବସାୟରେ ସଫଳ ହେବେ। ଧନହାନୀ ହୋଇପାରେ। ସହକର୍ମୀ ଆପଣଙ୍କ ଉପରେ କ୍ଷୁବ୍ଧ ହୋଇପାରନ୍ତି। ପ୍ରତିକାର : ବିକଳାଙ୍ଗଙ୍କୁ ଖାଦ୍ୟ ଖୁଆନ୍ତୁ।

**ସିଂହ** ଖେଳକୁଦରେ ଭାଗ ନିଅନ୍ତୁ। ଦୀର୍ଘ ମିଆଦି ବ୍ୟବସାୟ କରନ୍ତୁ। ପରିବାରରେ ସମ୍ପର୍କ ବିଗିଡିପାରେ। କାର୍ଯ୍ୟକ୍ଷେତ୍ରରେ ଅନ୍ୟର ସହଯୋଗ ନିଅନ୍ତୁ। ପ୍ରତିକାର : ମଙ୍ଗଳବାର ଦିନ ରାହୁଙ୍କ ପାଇଁ ହୋମ କରନ୍ତୁ।

**କନ୍ୟା** ସ୍ୱାସ୍ଥ୍ୟରେ ଉନ୍ନତି ହେବ। କୌଣସି ସନ୍ଥଙ୍କ ଆଶୀର୍ବାଦ ପାଇବେ। ଅର୍ଥ ପ୍ରାପ୍ତ ଯୋଗ ଅଛି। ଆତ୍ମୀୟଙ୍କ ସହ ମତଭେଦ ହୋଇପାରେ। ପ୍ରେମୀ ନାରାଜ ହୋଇପାରନ୍ତି। ପ୍ରତିକାର : ପ୍ରତିଦିନ ବିଷ୍ଣୁ ସହସ୍ର ନାମ ଜପ କରନ୍ତୁ।

**ତୁଳା** ମନ ଅସ୍ଥିର ରହିବ। ବ୍ୟବସାୟରେ ବିସ୍ତାର ପାଇଁ ଋଣ ନେଇପାରନ୍ତି। ଅନ୍ୟ ସହମତ ଭେଦ ହୋଇପାରେ। ସତର୍କ ରହନ୍ତୁ। ଶିକ୍ଷକଙ୍କ ସହଯୋଗ ପାଇବେ। ପ୍ରତିକାର : ପ୍ରତିଦିନ ୩୧ଥର ଓଁ ଶୁକ୍ରାୟ ନମଃ ଜପ କରନ୍ତୁ।

**ବିଛା** ଅଧିକ ଚିନ୍ତା କରନ୍ତୁ ନାହିଁ। କମ୍ ପରିଶ୍ରମରେ ଅଧିକ ଆୟ ହେବ। ପରିବାରରେ ସୁଖ ପାଇଷବ। ଲକ୍ଷ୍ୟପ୍ରାପ୍ତି ଯୋଗ ଅଛି। ପ୍ରେମୀ ମାନେ ଭ୍ରମଣ ପାଇଁ ଯାଇପାରନ୍ତି। ପ୍ରତିକାର : ପ୍ରତିଦିନ ୨୭ଥର ଓଁ ଶୁକ୍ରାୟ ନମଃ ଧ୍ୟାନ କରନ୍ତୁ।

**ଧନୁ** ଖର୍ଚ୍ଚ ପାଇଁ ମାର୍ଗ ପ୍ରସ୍ତୁତ କରନ୍ତୁ। ମାଆଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଛାତ୍ରମାନଙ୍କ ସମୟ ପ୍ରତିକୂଳ ରହିବ। ପ୍ରେମୀମାନେ ବିବାହ ପ୍ରସ୍ତାବ ରଖିପାରନ୍ତି। ପ୍ରତିକାର : ଗୁରୁବାର ଦିନ ଗୁରୁଜନଙ୍କ ଆଶୀର୍ବାଦ ନିଅନ୍ତୁ।

**ମକର** ଅର୍ଥ ଆଗମନର ସୂଚନା ପାଇବେ। ଧନର ଠିକ୍ ଉପଯୋଗ କରନ୍ତୁ। ପରିବାରର କାର୍ଯ୍ୟରେ ବାନ୍ଧି ହୋଇପାରନ୍ତି। ବାପା ବା ମାଆଙ୍କ ସ୍ୱାସ୍ଥ୍ୟ ଖରାପ ହୋଇପାରେ। ପ୍ରତିକାର : ୧୧ଥର ଓଁ ଭାସ୍କରାୟ ନମଃ ଜପ କରନ୍ତୁ।

**କୁମ୍ଭ** ପାଚନ ରୋଗରୁ ମୁକ୍ତି ପାଇବେ। ଆର୍ଥିକ ସ୍ଥିତିରେ ଉନ୍ନତି ହେବ। ପରିବାର ଓ ବନ୍ଧୁଙ୍କ ସହଯୋଗ ପାଇବେ। ଛାତ୍ରଙ୍କୁ ସଫଳତା ମିଳିବ। ପ୍ରେମୀଙ୍କ ଠାରୁ ଦୂରେଇ ରହିବା କଷ୍ଟ ହୋଇପାରେ। ପ୍ରତିକାର : ଭଗବାନ ଶିଙ୍କ ଉପାସନା କରନ୍ତୁ।

**ମୀନ** ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ବ୍ୟୟରେ ବୃଦ୍ଧି ହେବ। ପରିବାର ସହ ସମୟ କଟିବ। ପଦୋନ୍ନତି ହୋଇପାରେ। ଛାତ୍ରମାନେ ସଫଳତା ପାଇବେ। ଜୀବନସାଥୀଙ୍କ ସହ ବାଦବିବାଦ ହୋଇପାରେ। ପ୍ରତିକାର : ପ୍ରତିଦିନ ୨୧ଥର ଓଁ ଗଣେଷାୟ ନମଃ ଜପନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

### ଜଳବାୟୁ ପରିବର୍ତ୍ତନର ଗୁରୁତର ପ୍ରଭାବ

# ଅସହ୍ୟ ହେବ ଗ୍ରୀଷ୍ମପ୍ରବାହ

**ନୂଆଦିଲ୍ଲୀ :** ଜଳବାୟୁ ପରିବର୍ତ୍ତନର ଗୁରୁତର ପ୍ରଭାବ ଭାରତ ଉପରେ ପଡ଼ିବା ଆରମ୍ଭ ହୋଇଛି। ଏହା ଫଳରେ ପ୍ରବଳ ଗ୍ରୀଷ୍ମପ୍ରବାହ ସହ ନିୟମିତ ବନ୍ୟାବାତ୍ୟା ହେଉଛି। କିନ୍ତୁ ଆଗକୁ ଭାରତରେ ଏପରି ଗ୍ରୀଷ୍ମପ୍ରବାହ ହେବ ଯେ ତାହାକୁ ମଣିଷ ସହିପାରିବ ନାହିଁ ବୋଲି ବିଶ୍ୱବ୍ୟାଙ୍କର ଏକ ରିପୋର୍ଟରୁ ଜଣାପଡ଼ିଛି। ବିଶ୍ୱବ୍ୟାଙ୍କ ପକ୍ଷରୁ ପ୍ରକାଶିତ ରିପୋର୍ଟ "କ୍ଲାଇମେଟ୍ ଇନଭେଷ୍ଟମେଣ୍ଟ ଅପର୍ଚୁନିଟିଜ୍ ଇନ ଇଣ୍ଡିଆସ କୁଲିଂ ସେକ୍ଟର"ରେ କୁହାଯାଇଛି ଯେ ଭାରତରେ ଏବେ ଶୀଘ୍ର ଗ୍ରୀଷ୍ମପ୍ରବାହ ଆସୁଛି ଓ ଦୀର୍ଘ ଦିନ ଧରି ରହୁଛି। ଆଗକୁ ଏପରି ଗ୍ରୀଷ୍ମପ୍ରବାହ ଅନୁଭୂତ ହେବ ଯାହା ମଣିଷ ପାଇଁ ଅସହ୍ୟ ହୋଇପଡ଼ିବ। ୨୦୨୨ ମାର୍ଚ୍ଚରେ ତାପମାତ୍ରା ହଠାତ ବଢିଯାଇଥିଲା ଓ ଏହାକୁ ସବୁଠାରୁ ଗରମ ମାର୍ଚ୍ଚମାସ ବୋଲି କୁହାଯାଉଛି। ଏପ୍ରିଲ ମାସରେ ତାପମାତ୍ରା ରେକର୍ଡ ଉଚ୍ଚତାକୁ ଛୁଇଁଥିଲା। ଦିଲ୍ଲୀରେ ତାପମାତ୍ରା ୪୬ ଡିଗ୍ରୀକୁ ପଳାଇଯାଇଥିଲା। ଆଗକୁ ଭାରତରେ



ଏପରି ଗରମ ହେବ ଯେ ତାହା ମଣିଷର ସହନ କ୍ଷମତା ବାହାରକୁ ଚାଲିଯିବ। ଏପରି ସ୍ଥିତି ସଂପର୍କରେ ଜଳବାୟୁ ବିଜ୍ଞାନୀମାନେ ଆଗରୁ ଚେତାଇ ଦେଇଥିଲେ। ଅଧିକା ତାପମାତ୍ରା ଭାରତର ଆର୍ଥିକ ଉତ୍ପାଦକତାକୁ ପ୍ରଭାବିତ କରିବ ବୋଲି ରିପୋର୍ଟରେ କୁହାଯାଇଛି। ବିଶ୍ୱବ୍ୟାଙ୍କ ଓ କେରଳ ସରକାରଙ୍କ ସହଯୋଗିତାରେ ଆରମ୍ଭ ହୋଇଥିବା ଇଣ୍ଡିଆ କ୍ଲାଇମେଟ୍ ଏଣ୍ଡ ଡେଭଲପମେଣ୍ଟ ମିଟ୍ ଅବସରରେ ଏହି ରିପୋର୍ଟକୁ ଉନ୍ମୋଚନ କରାଯିବ। ଗତ ଅଗଷ୍ଟ ମାସରେ ଆଇପିସିସି ପକ୍ଷରୁ ମଧ୍ୟ ସମାନ ପ୍ରକାରର ଚେତାବନୀ ଦିଆଯାଇଥିଲା। ଏହି ରିପୋର୍ଟକୁ ତିରୁଅନନ୍ତପୁରମରେ କେରଳ ସରକାରଙ୍କ ସହଯୋଗରେ ବିଶ୍ୱ ବ୍ୟାଙ୍କ ଆୟୋଜନ କରୁଥିବା 'ଇଣ୍ଡିଆ କ୍ଲାଇମେଟ୍ ଏଣ୍ଡ ଡେଭଲପମେଣ୍ଟ ପାର୍ଟନର୍ସ' ଶୀର୍ଷକ ବୈଠକରେ ଉପସ୍ଥାପନ କରାଯିବ। ରିପୋର୍ଟରେ କୁହାଯାଇଛି ଯେ ଅଗଷ୍ଟ ୨୦୨୧ରେ ଇଣ୍ଟର ଗଭର୍ଣ୍ଣମେଣ୍ଟାଲ ପାନେଲ ଫର କ୍ଲାଇମେଟ୍ ଚେଞ୍ଜ (ଆଇପିସିସି) ତାଙ୍କ ଷଷ୍ଠ ଆକଳନ ରିପୋର୍ଟରେ ଭାରତୀୟ ଉପମହାଦ୍ୱୀପରେ ଆଗାମୀ ଦଶକମାନଙ୍କରେ ଅଧିକ ଗ୍ରୀଷ୍ମ ପ୍ରବାହ(ଲୁ)ର ମାମଲା ସାମ୍ନାକୁ ଆସିବ ବୋଲି ଚେତାବନୀ ଦେଇଥିବା କୁହାଯାଇଛି। ରିପୋର୍ଟ ଅନୁସାରେ ୨୦୨୧ରେ ଜି-୨୦ କ୍ଲାଇମେଟ୍ ରିସ୍କ ଏଟଲାସରେ ମଧ୍ୟ ଏନେଇ ସତର୍କ କରାଯାଇଛି। ଏଥିରେ ଯଦି କାର୍ବନ ଉତ୍ସର୍ଜନ ସ୍ତର ଅଧିକ ରହିବ ତେବେ ପୁରା ଭାରତରେ ୨୦୩୬ରୁ ୨୦୬୫ ମସିହା ପର୍ଯ୍ୟନ୍ତ ୨୫ ଗୁଣା ଅଧିକ ସମୟ ପର୍ଯ୍ୟନ୍ତ ଲୁ' ଜାରି ରହିବ ବୋଲି କୁହାଯାଇଛି। ବର୍ଦ୍ଧିତ ଗରମ ଭାରତର ଆର୍ଥିକ ଉତ୍ପାଦକତା କମ କରିପାରେ ବୋଲି ଆକଳନ କରାଯାଉଛି। ରିପୋର୍ଟରେ କୁହାଯାଇଛି ଯେ, ଭାରତର ୭୫ ପ୍ରତିଶତ କାର୍ଯ୍ୟବଳ ଅର୍ଥାତ ୩୮ କୋଟି ଲୋକ ଏପରି କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି ଯେଉଁମାନଙ୍କୁ ଉଷ୍ମ ବାତାବରଣରେ ରହିବାକୁ ପଡିବ। ଏପରିକି ଅନେକ ସମୟରେ ସେମାନଙ୍କୁ ଜୀବନ ଲାଗି ବିପଦଜନକ ତାପମାତ୍ରାରେ ମଧ୍ୟ କାମ କରିବାକୁ ପଡୁଛି। ଏଣୁ ୨୦୩୦ ସୁଦ୍ଧା ଗରମ ଯୋଗୁ ଉତ୍ପାଦକତା ହ୍ରାସ କାରଣରୁ ବୈଶ୍ୱିକ ସ୍ତରରେ ଯେଉଁ ୮ କୋଟି ନିଯୁକ୍ତି ହରାଇବାର ସମ୍ଭାବନା ରହିଛି ସେଥିରେ କେବଳ ଭାରତରେ ୩.୪ କୋଟି ଲୋକେ ଚାକିରୀ ହରେଇବେ ବୋଲି କୁହାଯାଇଛି।

## 'ଶେଷ ବ୍ୟକ୍ତି ପର୍ଯ୍ୟନ୍ତ ଖାଦ୍ୟଶସ୍ୟ ପହଞ୍ଚାଇବା ସରକାରଙ୍କ ଦାୟିତ୍ୱ'

**ନୂଆଦିଲ୍ଲୀ :** କେହି ଯେପରି ଭୋକିଲା ଶୋଇବ ନାହିଁ ତାହା ସୁନିଶ୍ଚିତ କରିବା ହେଉଛି ଆମ ସଂସ୍କୃତି। ମଙ୍ଗଳବାର ସୁପ୍ରିମକୋର୍ଟ ଏହି ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ କରିବା ସହ ଜାତୀୟ ଖାଦ୍ୟ



ସୁରକ୍ଷା ଆଇନରେ ସମସ୍ତ ହିତାଧିକାରୀଙ୍କ ନିକଟରେ ଖାଦ୍ୟଶସ୍ୟ ଯେପରି ପହଞ୍ଚିବ ତାହା ତଦାରଖ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ଏମ.ଆର ଶାହ ଏବଂ ହିମା କୋହଲିଙ୍କ ଖଣ୍ଡପୀଠ ଏହା ଉପରେ ଫ୍ରେସ୍ ଚାର୍ଟ ଏବଂ ଇ-ଶ୍ରମ ପୋର୍ଟାଲରେ ପଞ୍ଜିକୃତ କରିଥିବା ପ୍ରବାସୀ ଏବଂ ଅଣସଂଗଠିତ ଶ୍ରମିକଙ୍କ ସଂଖ୍ୟା ଜଣାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି, ରାଷ୍ଟ୍ରୀୟ ଖାଦ୍ୟ ସୁରକ୍ଷା ଅଧିନିୟମରେ ଖାଦ୍ୟାନ୍ନ ଶେଷ ମଣିଷ ପାଖରେ ଯେପରି ପହଞ୍ଚିବ ତାହା ଦେଖିବା କେନ୍ଦ୍ରର ଦାୟିତ୍ୱ। ଆମେ କହୁନୁ ଯେ କେନ୍ଦ୍ର ସରକାର କିଛି କରୁ ନାହାନ୍ତି, ଭାରତ ସରକାର କୋଭିଡ ସମୟରେ ଲୋକଙ୍କ ନିକଟରେ ଖାଦ୍ୟଶସ୍ୟ ପହଞ୍ଚାଇଛନ୍ତି। ଏହା ଯେପରି ଜାରି ରହିବ ତାହା ଆମକୁ ଦେଖିବାକୁ ପଡିବ। କେହି ଯେପରି ଖାଲି ପେଟରେ ଶୋଇବନି ତାହା ଆମ ସଂସ୍କୃତି। ତିନି ସାମାଜିକ କର୍ମୀ ଅଞ୍ଜଳି ଭରଦ୍ୱାଜ, ହର୍ଷ ମନ୍ଦର ଏବଂ ଜଗଦୀପ ଛୋକରଙ୍କ ପକ୍ଷରୁ ଆଇନଜୀବୀ ପ୍ରଶାନ୍ତ ଭୂଷଣ କହିଥିଲେ ଯେ ୨୦୧୧ର ଜନଗଣନା ପରେ ଦେଶର ଜନସଂଖ୍ୟା ବୃଦ୍ଧି ହୋଇଛି ଏବଂ ଏନଏଫଏସଏ ଜରିଆରେ ଲାଭାର୍ଥୀଙ୍କ ସଂଖ୍ୟା ମଧ୍ୟ ବଢିଛି। ସେ କହିଛନ୍ତି ଯଦି ଏହାକୁ ପ୍ରଭାବୀ ଢଙ୍ଗରେ ଲାଗୁ କରା ନଯାଏ ତେବେ ପ୍ରକୃତ ହିତାଧିକାରୀ ଏହାର ଲାଭରୁ ବଞ୍ଚିତ ହୋଇଯିବେ। ଆଇନଜୀବୀ ପ୍ରଶାନ୍ତ ଭୂଷଣ କହିଥିଲେ ଯେ ସରକାରଙ୍କ ଦାବି ପ୍ରତିବର୍ଷ ଲୋକଙ୍କ ମୁଣ୍ଡପିଛା ଆୟରେ ବୃଦ୍ଧି ଘଟିଛି, କିନ୍ତୁ ଭାରତ ବିଶ୍ୱ କ୍ଷୁଧା ସୂଚକାଙ୍କରେ ଦ୍ରୁତ ଗତିରେ ତଳକୁ ଖସୁଛି। କେନ୍ଦ୍ର ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ ଐଶର୍ଯ୍ୟା ଭଟୀ କହିଥିଲେ, ଏନଏଫଏସଏ ଅଧିନରେ ୮୧.୩୫ କୋଟି ଲାଭାର୍ଥୀ ଅଛନ୍ତି, ଏହା ଏକ ବହୁତ ବଡ଼ ସଂଖ୍ୟା ଅଟେ।

### କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ କଡ଼ାବାଣୀ

## କଲେଜିୟମ ବ୍ୟବସ୍ଥା ମାନିବାକୁ ପଡ଼ିବ

**ନୂଆଦିଲ୍ଲୀ :** କଲେଜିୟମ ବ୍ୟବସ୍ଥାକୁ ନେଇ ବିଗତ କିଛି ଦିନ ହେଲା ସୁପ୍ରିମକୋର୍ଟ ଏବଂ କେନ୍ଦ୍ର ସରକାର ମୁହାଁମୁହିଁ ହୋଇଛନ୍ତି। ଏହି ବ୍ୟବସ୍ଥାକୁ ନେଇ ପ୍ରଥମେ କେନ୍ଦ୍ର ଆଇନମନ୍ତ୍ରୀ କିରଣ ରିଜିଜୁ ସ୍ୱର ଉତ୍ତୋଳନ କରିବା ସହିତ ପରୋକ୍ଷରେ ସୁପ୍ରିମକୋର୍ଟଙ୍କ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଥିଲେ। ଏହା ପରେ ପରେ ଉପ ରାଷ୍ଟ୍ରପତି ଜଗଦୀପ ଧନକର ମଧ୍ୟ କଲେଜିୟମ ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠାଇଥିଲେ। ଏଭଳି ସ୍ଥିତିରେ କଲେଜିୟମ ବିବାଦ ବେଳକୁ ବେଳ ତୀବ୍ର ହେବାରେ ଲାଗିଥିବା ବେଳେ ଗୁରୁବାର ସୁପ୍ରିମକୋର୍ଟ ଏହି ବ୍ୟବସ୍ଥାକୁ ନେଇ କେନ୍ଦ୍ର ସରକାରଙ୍କ ପ୍ରତି କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। କଲେଜିୟମ ବ୍ୟବସ୍ଥା ଦେଶର ଆଇନ ବ୍ୟବସ୍ଥା ପରିସର ମଧ୍ୟରେ ସାମିଲ ରହିଛି ଏବଂ ଏହାକୁ କୌଣସିମତେ ମାନିବାକୁ ପଡ଼ିବ ବୋଲି ସୁପ୍ରିମକୋର୍ଟ କଡ଼ା ସ୍ୱରରେ କହିଛନ୍ତି। ଏହାକୁ ଯଦି କୌଣସି ସ୍ତରରେ ବିରୋଧ କରାଯାଉଛି ତାହା ଆମ ପାଇଁ ପ୍ରଜୁଜ୍ୟ ନୁହେଁ। କଲେଜିୟମ ବ୍ୟବସ୍ଥା ନିଶ୍ଚିତ ଭାବେ କାର୍ଯ୍ୟକାରୀ ହେବ ବୋଲି କୋର୍ଟ କହିଛନ୍ତି। ବିଭିନ୍ନ ହାଇକୋର୍ଟମାନଙ୍କରେ ବିଚାରପତିମାନଙ୍କ ନିଯୁକ୍ତି ବିଳମ୍ବକୁ ନେଇ ବେଙ୍ଗାଲୁରୁ ଓକିଲ ସଂଘ ପକ୍ଷରୁ କରାଯାଇଥିବା ଆବେଦନ ଉପରେ ଶୁଣାଣି କରି ଜଷ୍ଟିସ୍ ସଞ୍ଜୟ କିଷାନ କୌଲ , ଜଷ୍ଟିସ୍ ଅଭୟ ଏସ ଓକା ଏବଂ ଜଷ୍ଟିସ ବିକ୍ରମ ନାଥଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ କହିଛନ୍ତି ଯେ, ଦେଶରେ ବିଭିନ୍ନ ସାମ୍ବିଧାନିକ ଅନୁଷ୍ଠାନ ଆଇନ ପ୍ରଣୟନ କରିଥାଆନ୍ତି। କିନ୍ତୁ ସମାଜର ଅନେକ ବର୍ଗ ସବୁ ଆଇନକୁ ସ୍ୱାଗତ କରି ନ ଥାଆନ୍ତି।

### ଜଟିଳ ଅର୍ଥନୀତି; ଆର୍‌ବିଆଇ ଝଟ୍‌କା

## ସୁଧହାର ୦.୩୫% ବୃଦ୍ଧି

**ନୂଆଦିଲ୍ଲୀ :** ବଢ଼ିଲା ରେପୋ ରେଟ୍। ଭାରତୀୟ ରିଜର୍ଭ ବ୍ୟାଙ୍କ ରେପୋ ରେଟ୍ ୩୫ ବେସିସ୍ ପଏଣ୍ଟ୍ ବୃଦ୍ଧି କରିଛି। ଫଳରେ ମହଙ୍ଗା ହେବ ଋଣ। ଆରବିଆଇ ପକ୍ଷରୁ ରେପୋ ରେଟ୍ ୦.୩୫% ବୃଦ୍ଧି କରାଯାଇଛି। ବର୍ତ୍ତମାନ ରେପୋ ରେଟ୍ ୫.୯୦ ପ୍ରତିଶତରୁ ୬.୨୫%କୁ ବୃଦ୍ଧି ପାଇଛି। ମୁଦ୍ରାସ୍ଫୀତିକୁ ଦୃଷ୍ଟିରେ ରଖି ଆରବିଆଇ ମନିଟାରୀ କମିଟିରେ ଏହି ନିଷ୍ପତ୍ତି ନିଆଯାଇଛି। ରେପୋ ରେଟ୍ ବୃଦ୍ଧି ପରେ ଋଣ ପରିଶୋଧ ମହଙ୍ଗା ହେବ। ଏହା ସହ ଅନ୍ୟାନ୍ୟ ସାମଗ୍ରୀ ଉପରେ ମଧ୍ୟ ଏହାର ପ୍ରଭାବ ପଡିବା ନେଇ ଘୋଷଣା କରିଛନ୍ତି ଆରବିଆଇ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ। ଚଳିତବର୍ଷ ପଞ୍ଚମ ଥର ପାଇଁ ରେପୋ ରେଟ୍ ବୃଦ୍ଧି କରିଛି ଭାରତୀୟ ରିଜର୍ଭ ବ୍ୟାଙ୍କ।



ଯାହାଫଳରେ କାର, ହୋମ୍ ଓ ପର୍ସନାଲ ଲୋନ୍ ଆଜି ମହଙ୍ଗା ହେବ। ପୂର୍ବରୁ ରେପୋ ରେଟ୍ ୫.୯୦ ପ୍ରତିଶତ ରହିଥିଲା। ରେପୋ ରେଟ୍ ବୃଦ୍ଧି ଯୋଗୁ ଇଏମ୍‌ଆଇ ବଢିବ। ସେହିପରି ହୋମ୍ ଲୋନ୍, କାର୍ ଲୋନ୍ ଓ ପର୍ସନାଲ ଲୋନ୍ ମହଙ୍ଗା ହେବ। ଏମପିସି ବୈଠକ ପରେ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ବୁଧବାର ନୀତିଗତ ଦରବୃଦ୍ଧି କରିବାକୁ ଘୋଷଣା କରିଛନ୍ତି। ଆରବିଆଇ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ କହିଛନ୍ତି, ଦେଶରେ ମୁଦ୍ରାସ୍ଫୀତି ହାରକୁ ୬ ପ୍ରତିଶତ ଧାର୍ଯ୍ୟ ଲକ୍ଷ୍ୟଠାରୁ କମ୍ କରିବାକୁ ପଡିବ। ଅକ୍ଟୋବର ମାସରେ ମୁଦ୍ରାସ୍ଫୀତି ହ୍ରାସ ପାଇ ୬.୭୭ ପ୍ରତିଶତରେ ପହଞ୍ଚିଥିଲା। ସୂଚନା ଅନୁଯାୟୀ, ସେପ୍ଟେମ୍ବର ମାସରେ ରିଜର୍ଭ ବ୍ୟାଙ୍କ୍ ରେପୋ ରେଟ୍ ୫୦ ବେସିସ୍ ପଏଣ୍ଟ୍ ବୃଦ୍ଧି କରି ୫.୯% କରିଥିଲା। ସେହିଭଳି, ନିୟମିତ 'ମନିଟାରି ପଲିସି ରିଭ୍ୟୁ' ବାହାରେ ମଧ୍ୟ ଗତ ଅଗଷ୍ଟ ମାସରେ 'ରେପୋ ରେଟ୍' ୫୦ ବେସିସ୍ ପଏଣ୍ଟ୍ ବୃଦ୍ଧି କରି ୫.୪% କରିଥିଲା।

## ଆପ୍ ଜାତୀୟ ଦଳରେ ପରିଣତ ହୋଇଛି: କେଜ୍ରିୱାଲ

**ନୂଆଦିଲ୍ଲୀ :** ନିର୍ବାଚନ ପୂର୍ବରୁ ଗୁଜରାଟ ଏବଂ ହିମାଚଳ ପ୍ରଦେଶରେ ଆପ୍ ଦଳ ପକ୍ଷରୁ ଜୋରଦାର ଅଭିଯାନ ଚଳାଯିବା ସହିତ



ଦଳ ଏହିସବୁ ରାଜ୍ୟରେ ବଡ଼ ବିଜୟ ଲକ୍ଷ୍ୟ ରଖିଥିଲା। ଏପରିକି ଗୁଜରାଟରେ ଦଳ ସରକାର ଗଠନ କରିବାକୁ ଯାଉଛି ବୋଲି ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲ ଘୋଷଣା କରିଥିଲେ। ହେଲେ ଫଳାଫଳ ପ୍ରକାଶ ପାଇବା ପରେ ଆପ୍ ସ୍ଥିତି ସ୍ପଷ୍ଟ ହୋଇଛି। ତେବେ ଗୁଜରାଟରେ ଆପ୍ ୫ଟି ଆସନରେ ବିଜୟୀ ହୋଇ ଖାତା ଖୋଲିଥିବାରୁ ଏହା ଦଳ ପାଇଁ ନିଶ୍ଚିତ ଭାବେ ଖୁସିର କାରଣ ହୋଇଛି। ବିଜେପି ଗଡ଼ରେ ଆପ୍ ପ୍ରବେଶ କରିସାରିଛି ବୋଲି କେଜ୍ରିୱାଲ କହିଥିଲା ବେଳେ ଦଳ ଏକ ଜାତୀୟ ରାଜନୈତିକ ଦଳର ମାନ୍ୟତା ପାଇବାକୁ ଯାଉଛି ବୋଲି କହିଛନ୍ତି। ଚଳିତଥର ବିଜେପିର ଦୁର୍ଗ ଭାବରେ ପରିଗଣିତ ଗୁଜରାଟରେ ତାଙ୍କ ଦଳ ପ୍ରବେଶ କରିବାକୁ ସକ୍ଷମ ହୋଇଥିଲା ବେଳେ ଆରଥରକୁ ସେଠାରୁ ଜିତିବ ବୋଲି କହିଛନ୍ତି।

# କର୍ମକ୍ଷେତ୍ରରେ ମାନସିକ ନିର୍ଯାତନାର ଶିକାର କର୍ମଚାରୀ

**ନୂଆଦିଲ୍ଲୀ :** କାର୍ଯ୍ୟକ୍ଷେତ୍ରରେ ବଢୁଛି ଅଧିକ ମାନସିକ ନିର୍ଯାତନା। ଅଫିସ୍ ତଥା କର୍ମକ୍ଷେତ୍ରରେ ହେଉଥିବା ହିଂସା ଏବଂ ନିର୍ଯାତନା ଉପରେ ହୋଇଥିବା ଏକ ସର୍ଭେରୁ ଆଶ୍ଚର୍ଯ୍ୟକର ତଥ୍ୟ ସାମ୍ନାକୁ ଆସିଛି। ଯେଉଁଥିରେ କର୍ମକ୍ଷେତ୍ରରେ ଯୌନ ନିର୍ଯାତନା ତୁଳନାରେ ମାନସିକ ନିର୍ଯାତନା ମାମଲା ଅଧିକ ରହିଛି। ଇଣ୍ଟରନାସନାଲ ଲେବର ଅର୍ଗାନାଇଜେସନ (ଆଇଏଲଓ), ଲଏଡ୍ସ ରେଜିଷ୍ଟର ଫାଉଣ୍ଡେସନ (ଏଲଆରଏଫ୍) ଏବଂ ଗାଲପ୍ ତରଫରୁ କରାଯାଇଥିବା ଏକ ସର୍ଭେରୁ ଜଣାପଡ଼ିଥିଲା ଯେ, ପ୍ରାୟ ୫ ବ୍ୟକ୍ତିଙ୍କ ମଧ୍ୟରୁ ଜଣକୁ ବା ୧୭.୯ ପ୍ରତିଶତ ଲୋକ କର୍ମକ୍ଷେତ୍ରରେ ମାନସିକ ନିର୍ଯ୍ୟାତନାର ଶିକାର ହେଉଛନ୍ତି। ଏହାର ଅର୍ଥ ୫୮୩ ମିଲିୟନ ବିଶ୍ୱରେ



କର୍ମକ୍ଷେତ୍ରରେ ଲଜ୍ଜିତ ହେବା, ଭୟଭୀତ କରାଇବା, ହଇରାଣ ଭଳି ନିର୍ଯାତନାର ଶିକାର ହେଉଛନ୍ତି। ସେହିଭଳି ୧୫ ରୁ ଜଣେ ବା ୬.୩ ପ୍ରତିଶତ ଯୌନ ନିର୍ଯ୍ୟାତନାର ଶିକାର ହେଉଛନ୍ତି। ବିଶ୍ୱରେ ୨୦୫ ମିଲିୟନ କର୍ମଚାରୀଙ୍କ ଇଚ୍ଛା ବିରୋଧରେ ସେମାନଙ୍କ ଶରୀରକୁ ଛୁଇଁବା, ଟିପ୍ପଣୀ କରିବା, ଫଟୋ, ଇ-ମେଲ କରିବା, ଯୌନ ନିବେଦନ ଭଳି ନିର୍ଯ୍ୟାତନା ଦେଖିବାକୁ ମିଳିଥିଲା। ମହିଳାଙ୍କ କ୍ଷେତ୍ରରେ ଯୌନ ନିର୍ଯାତନାର ଅଧିକ ଶିକାର ହେଉଥିବା ବେଳେ ପୁରୁଷଙ୍କ କ୍ଷେତ୍ରରେ ମାନସିକ ନିର୍ଯାତନା ଅଧିକ ରହିଛି। ଶାରୀରିକ ନିର୍ଯାତନା ମଧ୍ୟ ଦେଖିବାକୁ ମିଳିଛି। ୨୭୭ ମିଲିୟନ ଲୋକ ବା ୮.୫ ପ୍ରତିଶତ ଲୋକ ମାଡ଼, ଛେପ ପକାଇବା ଭଳି ଶାରୀରିକ ନିର୍ଯାତନାର ଶିକାର ହେଉଛନ୍ତି। ଉଭୟ ମହିଳା ଏବଂ ପୁରୁଷଙ୍କ କ୍ଷେତ୍ରରେ ନିର୍ଯାତନା ଦେଖିବାକୁ ମିଳିଥିଲେ ବି ପୁରୁଷଙ୍କ କ୍ଷେତ୍ରରେ ନିର୍ଯାତନା ଅଧିକ ମାତ୍ରାରେ ଦେଖିବାକୁ ମିଳିଥିଲା। ଯୁବକ, ପ୍ରବାସୀ, ମଜୁରୀ ଏବଂ ବେତନପ୍ରାପ୍ତ ମହିଳା ଏବଂ ପୁରୁଷ କର୍ମକ୍ଷେତ୍ରରେ ଅଧିକ ନିର୍ଯାତନାର ଶିକାର ହେଉଛନ୍ତି। ନିର୍ଦ୍ଦିଷ୍ଟ ଭାବେ ମହିଳାଙ୍କ କ୍ଷେତ୍ରରେ ଏହା ଦେଖିବାକୁ ମିଳିଛି। ତେବେ ଏହି ନିର୍ଯାତନା ସଂଖ୍ୟା ଅଧିକ ଥିଲେ ବି ମାତ୍ର ଦୁଇରୁ ଜଣେ ବା ୫୪.୪ ପ୍ରତିଶତ ପୀଡ଼ିତ ଏହା ବିଷୟରେ କହିପାରୁଛନ୍ତି। ପୀଡ଼ିତ କେବଳ ବନ୍ଧୁ କିମ୍ବା ପରିବାର ଲୋକଙ୍କୁ କହିପାରୁଛନ୍ତି। ଆଇଏଲଓ ଅନୁଯାୟୀ, ସେମାନେ ଏହି ସବୁ କଥା ବିଷୟରେ ଏଥିପାଇଁ କହିବାକୁ ଡରୁଛନ୍ତି କାରଣ ସେମାନେ ଭାବୁଛନ୍ତି ଏହା ଜଣାଇବା ଦ୍ୱାରା ସମୟ ନଷ୍ଟ ହେବା ସହ ସମ୍ମାନହାନୀ ହେବ। ରିପୋର୍ଟରେ ଏହାକୁ ରୋକିବା ପାଇଁ ଉପଯୁକ୍ତ ବ୍ୟବସ୍ଥା କରାଯିବା ନେଇ କୁହାଯାଇଛି। ଏହାସହ ହିଂସା ଏବଂ ନିର୍ଯାତନାକୁ ରୋକିବା ପାଇଁ ସଚେତନା କରାଯିବା ଦରକାର। ପ୍ରଭାବଶାଳୀ ପ୍ରତିକାର ଯୋଗାଇବା ପାଇଁ ଅନୁଷ୍ଠାନଗୁଡ଼ିକର ଦକ୍ଷତା ବୃଦ୍ଧି କରିବା ଦରକାର ଏବଂ ସମସ୍ୟାର ମୁକାବିଲା ପାଇଁ ଏକ ସଠିକ୍ ଢାଞ୍ଚା ତିଆରି କରିବା ଦରକାର।

# ୨୦୨୩ ସୁଦ୍ଧା ଦେଶରେ ନିଯୁକ୍ତି ପାଇବେ ୧ ଲକ୍ଷ ଡ୍ରୋନ୍ ପାଇଲଟ

**ନୂଆଦିଲ୍ଲୀ :** ଭାରତ ଡ୍ରୋନ୍ ଟେକ୍ନୋଲୋଜିର ଏକ କେନ୍ଦ୍ରରେ ପରିଣତ ହେବ ଏବଂ ଆସନ୍ତା ବର୍ଷ ସୁଦ୍ଧା ଭାରତକୁ ଅତି କମରେ ଏକ ଲକ୍ଷ ଡ୍ରୋନ୍ ପାଇଲଟଙ୍କର ଆବଶ୍ୟକତା ପଡିବ ବୋଲି କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ସିଂହ ଠାକୁର କହିଛନ୍ତି। ସେ ଚେନ୍ନାଇ ଠାରେ 'ଡ୍ରୋନ୍ ଯାତ୍ରା ୨.୦'କୁ ଉଦଘାଟନ କରିବା ପରେ ଏହି ବକ୍ତବ୍ୟରେ ଏହି କଥା କହିଛନ୍ତି। ୨୦୨୩ ମସିହାରେ ଭାରତକୁ ଅତି କମରେ ଏକ ଲକ୍ଷ ପାଇଲଟଙ୍କର ଆବଶ୍ୟକତା ପଡିବ ଏବଂ ପ୍ରତ୍ୟେକ ପାଇଲଟ୍ ମାସକୁ ଅତି କମରେ ୫୦ – ୮୦ ହଜାର ଟଙ୍କା ରୋଜଗାର କରିବେ ବୋଲି ସେ ଘୋଷଣା କରିଛନ୍ତି। ଟେକ୍ନୋଲୋଜି ପ୍ରକୃତରେ ଦ୍ରୁତ ଗତିରେ ବିଶ୍ୱକୁ ପରିବର୍ତ୍ତନ କରିବାରେ ଲାଗିଛି ଏବଂ ଏହା ପୂର୍ବ ଅପେକ୍ଷା ବର୍ତ୍ତମାନ ଅଧିକ ପ୍ରାସଙ୍ଗିକ ହୋଇ ପଡିଛି, କାରଣ ଏହାର ପ୍ରୟୋଗ ପୃଥିବୀର ଅନେକ ଜଟିଳ ସମସ୍ୟାର ସମାଧାନ କରୁଛି ବୋଲି ମନ୍ତ୍ରୀ ତାଙ୍କ ବକ୍ତବ୍ୟରେ କହିଛନ୍ତି। ଭାରତରେ ଡ୍ରୋନ୍ ଟେକ୍ନୋଲୋଜି କ୍ଷେତ୍ରରେ ହେଉଥିବା ଅଗ୍ରଗତି ବିଷୟରେ ବିସ୍ତୃତ ଭାବରେ ସେ ସୂଚନା ଦେଇ କହିଛନ୍ତି ଯେ , ବିଟିଂ ରିଟ୍ରିଟ୍ ସମୟରେ ଆଇଆଇଟିର ପୂର୍ବତନ ଛାତ୍ରମାନଙ୍କ ନେତୃତ୍ୱରେ ଭାରତୀୟ ଷ୍ଟାର୍ଟ – ଅପ୍ 'ବୋଟ୍ଲ୍ୟାବ୍ ଡାଇନାମିକ୍ସ' ଦ୍ୱାରା ୧୦୦୦ ଭାରତରେ ପ୍ରସ୍ତୁତ ଡ୍ରୋନର ଚମତ୍କାର ପ୍ରଦର୍ଶନ ଦ୍ୱାରା ସମଗ୍ର ଦେଶ ଆଶ୍ଚର୍ଯ୍ୟଚକିତ ହୋଇଥିଲା। ସ୍ୱାମିତ୍ୱ ଯୋଜନା (ଗ୍ରାମ ଗୁଡିକର ସର୍ଭେ ଏବଂ ଗ୍ରାମାଂଚଳରେ ଉନ୍ନତତର ଟେକ୍ନୋଲୋଜି ସହିତ ମ୍ୟାପିଂ)ର ଏକ ଅଂଶ ଭାବରେ ଗ୍ରାମ ଗୁଡିକରେ ଡ୍ରୋନ୍ ମାଧ୍ୟମରେ ଜମି ଏବଂ ଘର ଉପରେ ସର୍ଭେ ପ୍ରସ୍ତୁତ କରା ଯାଉଛି ବୋଲି ସେ କହିଛନ୍ତି। ଗ୍ରାମାଞ୍ଚଳର ଜମିରେ କୀଟନାଶକ ଏବଂ ନାନୋ ସାର ସିଂଚନ ପାଇଁ ଡ୍ରୋନକୁ ବହୁଳ ଭାବେ ବ୍ୟବହାର କରାଯାଉଛି। ସେ କହିଛନ୍ତି ଯେ, ନିକଟରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ (ଏମ୍‌ଓସିଏ) ଏବଂ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ଭାରତର ୨୦୨୧ର କ୍ରିକେଟ୍ ସିଜନରେ ଆକାଶ ମାର୍ଗରୁ ସିଧାପ୍ରସାରଣ ଲାଗି ସିନେମାଟୋଗ୍ରାଫି ନିମନ୍ତେ ଡ୍ରୋନ ନିୟୋଜନ ପାଇଁ କ୍ରିକେଟ୍ ବୋର୍ଡ



ଅଫ୍ ଇଣ୍ଡିଆ (ବିସିସିଆଇ) କୁ ସର୍ତ୍ତମୂଳକ ରିହାତି ପ୍ରଦାନ କରିଥିଲେ। ଭାରତର ବୃହତ୍ତମ ଡ୍ରୋନ୍ ଉତ୍ପାଦନ ସଂସ୍ଥା ଗରୁଡ ଏରୋସ୍ପେସ୍ ଦ୍ୱାରା କରାଯାଇଥିବା ପ୍ରୟାସକୁ ସେ ପ୍ରଶଂସା କରିଥିଲେ। ଏହି ସଂସ୍ଥା ପରିଦର୍ଶନ କରିବା ସମୟରେ ମନ୍ତ୍ରୀ ଗରୁଡ କିଷାନ ଡ୍ରୋନର ଉନ୍ନତ ଉପକରଣ ଏବଂ ଉତ୍ପାଦନ ପ୍ରକ୍ରିୟାକୁ ମଧ୍ୟ ଦେଖିଥିଲେ, ଯାହାକୁ ପ୍ରଧାନମନ୍ତ୍ରୀ ମୋଦୀ ଚଳିତ ବର୍ଷ ଆରମ୍ଭ କରିଥିଲେ। ଏତେ କମ୍ ସମୟ ମଧ୍ୟରେ ଏହି ସଂସ୍ଥା ପାଇଥିବା ସଫଳତାକୁ ନେଇ ସେ ଖୁସି ବ୍ୟକ୍ତ କରିଥିଲେ। ଏହି ସଂସ୍ଥାରେ ଥିବା ଇଞ୍ଜିନିୟରମାନେ ଉନ୍ନତ ମାନର 'ଭାରତରେ ପ୍ରସ୍ତୁତ' ଡ୍ରୋନର କାର୍ଯ୍ୟ ବିଷୟରେ ମନ୍ତ୍ରୀଙ୍କୁ ବିସ୍ତୃତ ଭାବରେ ବୁଝାଇ ଥିଲେ। ପ୍ରତିରକ୍ଷା ଠାରୁ ଆରମ୍ଭ କରି କୃଷି ଏବଂ ସ୍ୱାସ୍ଥ୍ୟ ଏବଂ ମନୋରଞ୍ଜନ ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ର ପାଇଁ ଡ୍ରୋନ୍ ଟେକ୍ନୋଲୋଜି ଜରୁରୀ ବୋଲି ସେ କହିଛନ୍ତି। ପ୍ରଡକ୍ସନ୍ ଲିଙ୍କଡ୍ ଇନସେଂଟିଭ୍ (ପିଏଲ୍‌ଆଇ) ଭଳି ଯୋଜନା ମାଧ୍ୟମରେ ଦେଶରେ ଏକ ଶକ୍ତିଶାଳୀ ଡ୍ରୋନ୍ ଉତ୍ପାଦନ ପାରିବେଶିକ ବ୍ୟବସ୍ଥା ସୃଷ୍ଟି କରିବା ଦିଗରେ ମଧ୍ୟ ଭାରତ ଆଗକୁ ବଢୁଛି ବୋଲି ସେ ତାଙ୍କ ବକ୍ତବ୍ୟରେ ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି ଯେ ମୋଦୀ ସରକାର ତିନିଟି ଗୁରୁତ୍ୱପୂର୍ଣ୍ଣ ଦୃଷ୍ଟିକୋଣ ମାଧ୍ୟମରେ ଅତ୍ୟାଧୁନିକ ଡ୍ରୋନ୍ ଟେକ୍ନୋଲୋଜି ଏବଂ ସେବା ଗୁଡିକର ଚାହିଦା ବୃଦ୍ଧି କରିବାକୁ ଚେଷ୍ଟା କରୁଛନ୍ତି। ପ୍ରଭାବଶାଳୀ ନୀତି ଗୁଡିକ ହେଉଛି ନୂତନ ଡ୍ରୋନ୍ ନିୟମ ୨୦୨୧; ଡ୍ରୋନ୍ ଏବଂ ଡ୍ରୋନ୍ ଉପାଦାନ ଗୁଡ଼ିକ ପାଇଁ ପିଏଲ୍‌ଆଇ ଆକାରରେ ପ୍ରୋତ୍ସାହନ ପ୍ରଦାନ କରିବା; ଏବଂ ସ୍ୱଦେଶୀ ଚାହିଦା ସୃଷ୍ଟି କରିବା ଯେଉଁଥିରେ କେନ୍ଦ୍ର ସରକାରଙ୍କ ୧୨ ଟି ମନ୍ତ୍ରଣାଳୟକୁ ଏହାକୁ ଆଗକୁ ନେବାକୁ ଦାୟିତ୍ୱ ଦିଆ ଯାଇଛି।

### ପୂରଣ ହେବ ପୂର୍ଣ୍ଣ ଅନୁଦାନପ୍ରାପ୍ତ ସ୍କୁଲର ୧୮ଶହ ଶିକ୍ଷକ ପଦ

# ପ୍ରତି ହାଇସ୍କୁଲରେ ନିଯୁକ୍ତ ହେବେ ଆଇଟି ଶିକ୍ଷକ

**ଭୁବନେଶ୍ୱର :** ଶିକ୍ଷା ରୂପାନ୍ତରଣର ସ୍ୱର୍ଣ୍ଣିମ ଅଧ୍ୟାୟ ଚାଲିଥିବାବେଳେ ରାଜ୍ୟ ସରକାର ଅନେକ ଅଭିନବ ପଦକ୍ଷେପ ଗ୍ରହଣ କରୁଛନ୍ତି। ସ୍କୁଲ ରୂପାନ୍ତରଣ ଓ ଶିକ୍ଷକ ନିଯୁକ୍ତି କ୍ଷେତ୍ରରେ ସରକାର ଯୁଗାନ୍ତକାରୀ ପ୍ରଦକ୍ଷେପ ଗ୍ରହଣ କରିଥିବାବେଳେ ଏହିକ୍ରମରେ ଆଉ ଏକ ଅଭିନବ ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି। ସ୍କୁଲ ଓ ଗଣଶିକ୍ଷା ବିଭାଗରେ ଲିଭ୍ ଆଣ୍ଡ ଟ୍ରେନିଂ ରିଜର୍ଭ ପୋଷ୍ଟ(ଏଲଟିଆରପି) ସୃଷ୍ଟି କରାଯିବ। ସ୍କୁଲଗୁଡ଼ିକରେ ଅନେକ ଶିକ୍ଷକ ସ୍ୱାସ୍ଥ୍ୟଗତ କାରଣରୁ, ବିଭିନ୍ନ ପ୍ରଶିକ୍ଷଣ ତଥା ଅନେକ କାରଣରୁ ସ୍କୁଲରେ ଅନୁପସ୍ଥିତ ରହୁଥିବା ସମସ୍ୟାକୁ ଦୂର କରିବା ଲାଗି ଅନ୍ୟ ବିଭାଗ ଭଳି ଗଣଶିକ୍ଷା ବିଭାଗରେ 'ଏଲଟିଆରପି' ସୃଷ୍ଟି କରାଯିବ। ସରକାରୀ ସ୍କୁଲଗୁଡ଼ିକରେ ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ଯୋଗାଇବା ପାଇଁ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ବିଗତ ଅକ୍ଟୋବର ୧୯ ତାରିଖରେ ସ୍କୁଲ ଓ ଗଣଶିକ୍ଷା ବିଭାଗର ଅଧିକାରୀମାନଙ୍କୁ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ୬ଟି ପ୍ରମୁଖ କ୍ଷେତ୍ର ପ୍ରତି ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ରାଜ୍ୟ ସରକାର ଶିକ୍ଷା ବ୍ୟବସ୍ଥାକୁ ଗୁଣାତ୍ମକ କରିବା ଲାଗି ଅନେକ ଯୋଜନା କରିଥିବା ବେଳେ ଶିକ୍ଷକ ନିଯୁକ୍ତିକୁ ମଧ୍ୟ ତ୍ୱରାନ୍ୱିତ କରିଛନ୍ତି। ତେବେ ଏ ବାଦ୍ ଅନେକ ଦିଗ ଏପରି ରହିଯାଉଛି ଯେଉଁଥିଲାଗି ଶିକ୍ଷା ବ୍ୟବସ୍ଥାରେ ଯୋଜନା ଓ ସମନ୍ୱୟ ମଧ୍ୟରେ ତାଳମେଳ ରହୁନି। ଏହାକୁ ଦୂର କରିବା ଲାଗି ବିଗତ ମାସରେ ହୋଇଥିବା ବୈଠକରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହେବା ପରେ ମୁଖ୍ୟ ଶାସନ ସଚିବ ତୁରନ୍ତ କାର୍ଯ୍ୟକାରୀ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ମାଧ୍ୟମିକ ସ୍କୁଲଗୁଡ଼ିକରେ ଅନେକ ଶିକ୍ଷକ ସ୍ୱାସ୍ଥ୍ୟଗତ କାରଣରୁ, ବିଭିନ୍ନ ପ୍ରଶିକ୍ଷଣ ତଥା ଅନେକ କାରଣରୁ ସ୍କୁଲରେ ଅନୁପସ୍ଥିତ ରହୁଛନ୍ତି। ତେଣୁ ପାଠପଢ଼ାରେ ବାଧା ଉପୁଜୁଛି। ଏହି ସମସ୍ୟାକୁ ଦୂର କରିବା ଲାଗି ଅନ୍ୟ ବିଭାଗ ଭଳି ସ୍କୁଲ ଓ ଗଣଶିକ୍ଷା ବିଭାଗରେ ଲିଭ ଆଣ୍ଡ ଟ୍ରେନିଂ ରିଜର୍ଭ ପୋଷ୍ଟ (ଏଲଟିଆରପି) ସୃଷ୍ଟି କରାଯିବ। ମୋଟ ୬ହଜାର ପଦ ଏହି ବାବଦରେ ସ୍କୁଲ ଓ ଗଣଶିକ୍ଷା ବିଭାଗ ପୂରଣ କରିବ। ଏହା ସହ ପ୍ରତି ହାଇସ୍କୁଲରେ ଆଇଟି ଶିକ୍ଷକ ନିଯୁକ୍ତି ଲାଗି ଶିକ୍ଷାଗତ ଯୋଗ୍ୟତା ନିର୍ଦ୍ଧାରଣ କରିବାକୁ କୁହାଯାଇଛି। ସେକେଣ୍ଡାରୀ ସ୍କୁଲ ପାଇଁ ଉର୍ଦ୍ଦୁ ଶିକ୍ଷକ ମଧ୍ୟ ନିଯୁକ୍ତି ପାଇବେ। ନିଯୁକ୍ତ ହେବାକୁ ଥିବା ଉର୍ଦ୍ଦୁ ଶିକ୍ଷକଙ୍କ ଶିକ୍ଷାଗତ ଯୋଗ୍ୟତା ଆଲିମ, ଫାଜିଲ ସହିତ ଏନସିଇଟିଇ ମାନ୍ୟତା ପ୍ରାପ୍ତ ଯେ କୌଣସି ବିଶ୍ୱବିଦ୍ୟାଳୟ ବା କଲେଜରୁ ବିଏଡ ଡିଗ୍ରୀ ହାସଲ କରିଥିବା ନିର୍ଦ୍ଧାରଣ କରାଯାଇଛି। ସେହିଭଳି ସ୍କୁଲ ଓ ଗଣଶିକ୍ଷା ବିଭାଗ ମଧ୍ୟ ହାଇଦ୍ରାବଦର ଜାତୀୟ ଉର୍ଦ୍ଦୁ ବିଶ୍ୱବିଦ୍ୟାଳୟ ନିକଟକୁ ଚିଠିଲେଖି ଆଲିମ, ଫାଜିଲ ସମକକ୍ଷ ଆଉ କେଉଁ ସବୁ ଡିଗ୍ରୀ ଓ ପିଜି କୋର୍ସ ରହିଛି ତାହା ଜାଣିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାର ଖୁବ ଶିଘ୍ର ପ୍ରତି ହାଇସ୍କୁଲରେ ଜଣେ ଲେଖାଏଁ ଆଇଟି ଶିକ୍ଷକଙ୍କୁ ନିଯୁକ୍ତି ଦେବାକୁ ଯାଉଛନ୍ତି। ଏହା ସହିତ ରାଜ୍ୟରେ ଥିବା ୬୯୦ଟି ପୂର୍ଣ୍ଣ ଅନୁଦାନ ବିଦ୍ୟାଳୟ ଗୁଡ଼ିକରେ ଖାଲିପଡ଼ିଥିବା ୧୮ଶହ ପଦବୀ ପୂରଣ ଖୁବ ଶିଘ୍ର କରାଯିବ। ପ୍ରାଥମିକ ଶିକ୍ଷକ କ୍ୟାଡର ପୁନର୍ଗଠନ ଓ ୨୦୨୧ ଗ୍ରାଣ୍ଟଇନ୍ ଏଡ୍ର କାର୍ଯ୍ୟକାରୀତା ଆଦି ଦିଗ ପ୍ରତି ଗୁରୁତ୍ୱ ଦିଆଯିବ। ମୁଖ୍ୟଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବିଗତ ମାସ ବୈଠକ ଅନୁଷ୍ଠିତ ହୋଇଥିବାବେଳେ ଏଥିରେ ଯୋଜନା ସଂଯୋଜନା, ସାଧାରଣ ପ୍ରଶାସନ, ଅର୍ଥ, ଉଚ୍ଚଶିକ୍ଷା, ଅନୁସୂଚିତ ଜାତି ଓ ଜନଜାତି ଏବଂ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଉପସ୍ଥିତ ଥିଲେ। ଉକ୍ତ ପ୍ରସଙ୍ଗରେ ପଦକ୍ଷେପ ଗ୍ରହଣ ପାଇଁ ମୁଖ୍ୟ ଶାସନ ସଚିବ ସବୁଜ ସଙ୍କେତ ଦେଇଥିବା ସୂଚନା ମିଳିଛି।

# ଜାନୁଆରୀ ୨୫ରେ ଶ୍ରୀଜିଉଙ୍କ ପଦ୍ମବେଶ

**ପୁରୀ :** ଜାନୁଆରି ୨୫ରେ ଶ୍ରୀଜିଉଙ୍କ ପଦ୍ମବେଶ ଅନୁଷ୍ଠିତ ହେବ। ପଦ୍ମଫୁଲରେ ସଜ୍ଜିତ ହେବେ ବଡଠାକୁର ଶ୍ରୀବଳଭଦ୍ର, ମା' ସୁଭଦ୍ରା ଓ ମହାପ୍ରଭୁ ଶ୍ରୀଜଗନ୍ନାଥ। ଏଥିପାଇଁ ବେଶ ପ୍ରସ୍ତୁତି ପୂର୍ବରୁ ଆଜି ବଡ଼ଛତା ମଠରେ ଅନୁକୂଳ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ମଠ ପରିସରରେ ମହନ୍ତ, କାରିଗରଙ୍କ ଉପସ୍ଥିତିରେ ବେଶ ପ୍ରସ୍ତୁତି ସାମଗ୍ରୀ ଓ ବେଶ ପ୍ରସ୍ତୁତିରେ କାରିଗରଙ୍କ ଦ୍ୱାରା ବ୍ୟବହାର ହେବାକୁ ଥିବା ସରଞ୍ଜାମ ପୂଜାର୍ଚ୍ଚନା କରାଯାଇଛି। ଏହାସହ ଆଜିଠାରୁ ବେଶ ପ୍ରସ୍ତୁତି କାମ ଆରମ୍ଭ ହୋଇଛି। ବେଶ କାରିଗରମାନେ ପ୍ରାୟ ଦେଢ଼ ମାସ ଧରି ଶୁଦ୍ଧପୁତ ଭାବେ ପଦ୍ମବେଶ ପ୍ରସ୍ତୁତିରେ ଲାଗିବେ। ଶ୍ରୀଜିଉଙ୍କ ଶ୍ରୀମୁଖ ପଦ୍ମ, ଡାଳି, ସିଂହାସନ ସହ ଗଛ, ଶ୍ରୀହସ୍ତ ପଦ୍ମ କଡ଼, ହଂସ, କରପଲ୍ଲବ ମାଳ, ପଦ୍ମଫୁଲ, ଚୁଳ କାମ ଆଦି ପ୍ରସ୍ତୁତ ହେବ। ବେଶ ପ୍ରସ୍ତୁତି ପାଇଁ ସୋଲ, ବାଉଁଶ, ସନ୍ତରା ପଟ, ପଇତା, କନା, ଜରି, ଡୋରି, କଇଁଥ ଅଠା ଆଦି ଆବଶ୍ୟକ ସାମଗ୍ରୀ ବଡ଼ଛତା ମଠ ପକ୍ଷରୁ କାରିଗରମାନଙ୍କୁ ଯୋଗାଇ ଦିଆଯାଇଛି। ଶହ ଶହ ବର୍ଷ ଧରି ବଡ଼ଛତା ମଠ ପକ୍ଷରୁ ମହାପ୍ରଭୁଙ୍କ ଏହି ବେଶ ପ୍ରସ୍ତୁତ କରାଯାଉଛି। ନିଜସ୍ୱ ଖର୍ଚ୍ଚରେ ପଦ୍ମବେଶ ପ୍ରସ୍ତୁତି ପରେ ବଡ଼ଛତା ମଠ ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରାଯିବ। ଚଳିତବର୍ଷ ୬ଜଣ କାରିଗର ଏହି ବେଶ ପ୍ରସ୍ତୁତିରେ ଯୋଗ ଦେଇଛନ୍ତି। ପରମ୍ପରା ଅନୁଯାୟୀ, ଆସନ୍ତା ଆନୁଆରି ୨୫ ତାରିଖ ପଦ୍ମବେଶ ଦିନ ସଂଧ୍ୟା ଆଳତି ପରେ ବଡ଼ଛତା ମଠରୁ ଏହି ବେଶ ଶ୍ରୀମନ୍ଦିରକୁ ବିଜେ କରିବ। ଶ୍ରୀମୁଖ ବଳା ପାଇଁ ମଠରୁ ତୁଳସୀ ମାଳ, ଗେଣ୍ଡୁ ଫୁଲ ମାଳ ବି ଶ୍ରୀମନ୍ଦିର ଯାଇଥାଏ। ସେହିଦିନ ରାତିରେ ଅର୍ଥାତ୍ ବଡ଼ସିଂହାର ବେଶରେ ମହାପ୍ରଭୁଙ୍କ ଏହି ବେଶ ସହ ତୁଳସୀ ମାଳ, ଗେଣ୍ଡୁ ମାଳ ଆଦି ଲାଗି କରାଯିବ। ବିଧି ଅନୁଯାୟୀ, ମାଘମାସ ଅମାବାସ୍ୟାଠାରୁ ଶ୍ରୀପଞ୍ଚମୀ ଭିତରେ ପଡୁଥିବା ବୁଧବାର ଅବା ଶନିବାର ଦିନ ବଡ଼ସିଂହାର ବେଶରେ ଏହି ବେଶ ଲାଗି ହୋଇଥାଏ। ମାଘମାସ ଅର୍ଥାତ୍ ଶୀତ ଦିନରେ ବୁଧବାର ନୀଳ ଘୋଡ଼ ଓ ଶନିବାର କଳାଘୋଡ଼ ଲାଗି ସମୟରେ ଶ୍ରୀଜିଉ ପଦ୍ମବେଶ ହୋଇଥାନ୍ତି। ନୀଳ ଅବା କଳା ଘୋଡ଼ ଲାଗି ସମୟରେ ପଦ୍ମବେଶ ହେଲେ ଗଭୀର ଜଳରାଶିରେ ପଦ୍ମ ଫୁଟିଲା ଭଳି ଦିଶିବା ସହ ମହାପ୍ରଭୁ ଆହୁରି ସୁନ୍ଦର ଦେଖାଯାଆନ୍ତି।

# ନୂଆବର୍ଷରୁ ଶ୍ରୀମନ୍ଦିରରେ ସ୍ମାର୍ଟ ଫୋନ୍ ବ୍ୟାନ୍

**ପୁରୀ :** ନୂଆବର୍ଷରୁ ହେବ ନୂଆ ନିୟମ। ନୂଆବର୍ଷ ପହିଲାରୁ ଶ୍ରୀମନ୍ଦିର ଭିତରେ ସ୍ମାର୍ଟ ଫୋନ୍ ବ୍ୟବହାର ନିଷିଦ୍ଧ ହେବ। ଶ୍ରୀମନ୍ଦିର ଅଧିକାରୀ, କର୍ମଚାରୀଙ୍କ ସମେତ ପ୍ରଶାସନିକ କର୍ମଚାରୀ ଉପରେ ଏହି ନିଷେଦ୍ଧାଦେଶ ବଳବତ୍ତର କରାଯିବ। ଆସନ୍ତା ଜାନୁଆରୀ ୧ରୁ ଏହି କଟକଣା ଲାଗୁ କରାଯିବା ନେଇ ଛତିଶା ନିଯୋଗ ବୈଠକରେ ନିଷ୍ପତ୍ତି ହୋଇଛି। ଶ୍ରୀମନ୍ଦିର ଭିତର ଫଟୋ ବାରମ୍ବାର ସୋସିଆଲ ମିଡ଼ିଆରେ ଭାଇରାଲ ହେବା ପରେ ଆଜି ଛତିଶା ନିଯୋଗ ବୈଠକରେ ଏଭଳି ନିଷ୍ପତ୍ତି ନିଆଯାଇଛି। କେବଳ ଜରୁରୀ ନୀତି ନିର୍ଘଣ୍ଟ ସୂଚନା ଦେବା ପାଇଁ ଶ୍ରୀମନ୍ଦିର କମାଣ୍ଡର ସ୍ମାର୍ଟ ଫୋନ୍ ବ୍ୟବହାର କରି ପାରିବେ। ଅନ୍ୟାନ୍ୟ ପ୍ରାଧିକୃତ ଶ୍ରୀମନ୍ଦିର ଅଧିକାରୀ ଓ ସେବାୟତମାନେ ସାଧାରଣ କିପ୍ୟାଡ ଥିବା ମୋବାଇଲ ବ୍ୟବହାର କରି ପାରିବେ। ପୂର୍ବରୁ ଭକ୍ତମାନେ ଶ୍ରୀମନ୍ଦିରକୁ ମୋବାଇଲ ନେବା ଉପରେ ସମ୍ପୂର୍ଣ୍ଣ ନିଷିଦ୍ଧ ରହିବ। ଆଜି ଛତିଶା ନିଯୋଗ ବୈଠକରେ ଏନେଇ ବିଚାର ବିମର୍ଶ କରାଯିବା ପରେ ଏଭଳି କଟକଣା ନେଇ ସହମତି



ପ୍ରକାଶ ପାଇଛି। ଆସନ୍ତା ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏହି କଟକଣାକୁ ଅନୁମୋଦନ କରାଯିବ। ସେହିପରି ଧନୁ ସଂକ୍ରାନ୍ତି ଠାରୁ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ହେବାକୁ ଥିବା ପହିଲି ଭୋଗ ନୀତି ନିର୍ଘଣ୍ଟକୁ ଆଜି ଛତିଶା ନିଯୋଗ ବୈଠକରେ ଅନୁମୋଦନ କରାଯାଇଛି। ଆସନ୍ତା ୧୬ ତାରିଖରୁ ଜାନୁଆରୀ ୧୩ ପର୍ଯ୍ୟନ୍ତ ହେବାକୁ ଥିବା ପହିଲି ଭୋଗ ନୀତିରେ ରାତ୍ର ୨ଟାରୁ ଦ୍ୱାର ଫିଟା କରାଯାଇ ୬ଟା ସୁଦ୍ଧା ପହିଲି ଭୋଗ ନୀତି ସମ୍ପାଦନା ହେବ। ହାଛଡା ଆସନ୍ତା ଜାନୁଆରୀ ୬ ତାରିଖ ପୌଷ ପୂର୍ଣ୍ଣିମା ତିଥିରେ ମହାପ୍ରଭୁଙ୍କ ଅନୁଷ୍ଠିତ ହେବାକୁ ଥିବା ଦେବାଭିଷେକ ନୀତି ନୀର୍ଘଣ୍ଟ ମଧ୍ୟ ଅନୁମୋଦିତ ହୋଇଛି। ଏସେହିପରି ସେବାୟତଙ୍କ ଜମିଜମା ସଂପର୍କିତ ସମସ୍ୟା ନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ଶ୍ରୀମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ, ଜିଲ୍ଲାପାଳ ସମର୍ଥ ବର୍ମା, ଏସପି କନୱର ବିଶାଳ ସିଂ, ପରିଚାଳନା କମିଟି ସଦସ୍ୟ, ଛତିଶା ନିଯୋଗର ସମସ୍ତ ସଦସ୍ୟମାନେ ଉପସ୍ଥିତ ଥିଲେ। ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ କହିଛନ୍ତି, ଦୁଇଟି ବୈଠକ ହୋଇଥିଲା। ଗୋଟିଏ ଛତିଶା ନିଯୋଗ ବୈଠକ ଓ ଅନ୍ୟଟି ନୀତି ସବ୍କମିଟି ବୈଠକ। ସେବାୟତ ହୁଅନ୍ତୁ ଅବା ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ଆସନ୍ତା ନୂଆବର୍ଷ ଠାରୁ କେହିବି ଶ୍ରୀମନ୍ଦିର ଭିତରକୁ ସ୍ମାର୍ଟ ନେବା ତଥା ବ୍ୟବହାର ଉପରେ ନିଷିଦ୍ଧାଦେଶ ଜାରି କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି।

### ପୋଲିସ ଅଧିକାରୀଙ୍କୁ କଡ଼ା ଚେତାବନୀ

# ଏତଲା ପଞ୍ଜୀକରଣ ନକଲେ ହେବ କାର୍ଯ୍ୟାନୁଷ୍ଠାନ

**କଟକ :** ଏଥର ଏତଲା ପଞ୍ଜୀକରଣ ନକଲେ ପୋଲିସ ଅଧିକାରୀଙ୍କ ଉପରେ ହେବ କଡା କାର୍ଯ୍ୟାନୁଷ୍ଠାନ। ଏତଲା ପଞ୍ଜୀକରଣ କ୍ଷେତ୍ରରେ ପୋଲିସର ନିଷ୍କ୍ରିୟତା ପ୍ରସଙ୍ଗକୁ ନେଇ ହାଇକୋର୍ଟ କଡା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏନେଇ ରହିଥିବା ନିୟମ ପାଳନ କରୁ ନଥିବା ପୋଲିସ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରସଙ୍ଗରେ ଜବାବ ଦାଖଲ ପାଇଁ ମଧ୍ୟ ପୋଲିସ ଡିଜିଙ୍କୁ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି। ଡକ୍ଟର ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏକ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ଦିଆଯାଇଛି। ନାଗରିକମାନେ ଥାନାକୁ ଅଭିଯୋଗ ନେଇ ଯାଉଛନ୍ତି; କିନ୍ତୁ ବହୁ ସଂଖ୍ୟାରେ ଏପରି




ମାମଲା ଥାନାରେ ପଞ୍ଜୀକରଣ କରାଯାଉ ନାହିଁ। ଏହି ପ୍ରସଙ୍ଗରେ ପୋଲିସ ମହାନିର୍ଦ୍ଦେଶ (ଡିଜି) ଏକ ସବିଶେଷ ସତ୍ୟପାଠ ଦାଖଲ କରିବେ। କୌଣସି ଆଇନଶୃଙ୍ଖଳା ପରିସ୍ଥିତି ଦ୍ୱାରା କ୍ଷୁବ୍ଧ/ ଅପମାନିତ ହେଲେ ବା ଫୌଜଦାରୀ ବିବାଦର ସମ୍ମୁଖୀନ ହେଲେ ଲୋକମାନେ ଥାନାକୁ ଯାଇଥାନ୍ତି। ଏଭଳି ମାମଲାରେ ପୋଲିସ ପଞ୍ଜୀକରଣ ନକଲେ ଏହା ସୁପ୍ରିମକୋର୍ଟଙ୍କ 'ଲଳିତା କୁମାରୀ ବନାମ ୟୁପି ସରକାର' ରାୟରେ ଉଲ୍ଲେଖ କରାଯାଇଥିବା ନିୟମାବଳୀର ଉଲ୍ଲଂଘନ ବୋଲି କୁହାଯାଇଛି। ଏଭଳି ସ୍ଥିତିରେ ଲଳିତା କୁମାରୀ ରାୟରେ ପ୍ରଦାନ କରାଯାଇଥିବା ନିୟମାବଳୀ ରାଜ୍ୟର ସବୁ ଥାନାରେ ପ୍ରଦର୍ଶନ କରାଯିବ। ଏହି ନିୟମାବଳୀ ରାଜ୍ୟର ସବୁ ଥାନା ମାନଙ୍କରେ ଉଭୟ ସ୍ଥାନୀୟ ଭାଷା ଓ ଇଂରାଜୀରେ ପ୍ରଦର୍ଶନ କରାଯିବା ଜରୁରୀ ବୋଲି କୁହାଯାଇଛି। ଯାହାକୁ ପୋଲିସ ଡିଜି ଏହାକୁ ସୁନିଶ୍ଚିତ କରିବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିୟମାବଳୀ ପାଳନ କରୁ ନଥିବା ପୋଲିସ ଅଧିକାରୀଙ୍କ ବିରୋଧରେ ଯେମିତି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଏ, ତାହା ଡିଜି ସୁନିଶ୍ଚିତ କରିବେ ବୋଲି ହାଇକୋର୍ଟ କହିଛନ୍ତି। ଡିସେମ୍ବର ୨୧ ତାରିଖ ସୁଦ୍ଧା ଏ ନେଇ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# 'ଓଡ଼ିଶାରେ ଶିଶୁ ଅପପୁଷ୍ଟି ଓ ଗେଡାପଣ ଦୂର ଅଭିଯାନ ପାଇଁ ପୃଷ୍ଠଭୂମି ପ୍ରସ୍ତୁତ'

**ଭୁବନେଶ୍ୱର :** ଓଡ଼ିଶାରେ ଶିଶୁ ଅପପୁଷ୍ଟି ଓ ଗେଡାପଣ କମାଯାଇ ପାରିବ ଏବଂ ଏଥି ପାଇଁ ପୂର୍ଣ୍ଣ କ୍ଷେତ୍ର ପ୍ରସ୍ତୁତ କରାଯାଉଛି ବୋଲି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି। ହୋଟେଲ ମେ ଫେୟାରଠାରେ ଅନୁଷ୍ଠିତ ଭାରତରେ ଶିଶୁ ଅପପୁଷ୍ଟି ଓ ଗେଡାପଣ ନିରାକରଣ ଶୀର୍ଷକ ଜାତୀୟ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସେ ଏହା କହିଛନ୍ତି। ମହାପାତ୍ର ଆହୁରି ମଧ୍ୟ କହିଥିଲେ ଯେ ପୃଷ୍ଟି-ବଜେଟ୍ ପ୍ରସ୍ତୁତିରେ ଓଡ଼ିଶା ପ୍ରଥମ ରାଜ୍ୟ। ବର୍ତ୍ତମାନ ରାଜ୍ୟ ସରକାର ସ୍ୱାସ୍ଥ୍ୟ, ଶିକ୍ଷା, ପୁଷ୍ଟିଯୋଗାଣ ଏବଂ ପରିମଳ ଭଳି ସାମାଜିକ କ୍ଷେତ୍ର ଗୁଡିକରେ ବିପୁଳ ପୁଞ୍ଜି ବିନିଯୋଗ କରୁଛନ୍ତି। ଖାଦ୍ୟ ସୁରକ୍ଷା କାର୍ଯ୍ୟକ୍ରମରେ ରାଜ୍ୟର ପ୍ରାୟ ୯୬.୫ ଲକ୍ଷ ପରିବାର ସାମିଲ ହେବା, ପ୍ରାୟ ୭୫ ହଜାର ଅଙ୍ଗନୱାଡି କେନ୍ଦ୍ର ମାଧ୍ୟମରେ ଅତିରିକ୍ତ ପୁଷ୍ଟି



ଯୋଗାଣ କାର୍ଯ୍ୟକ୍ରମ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଟେକହୋମ୍ ରାସନ କାର୍ଯ୍ୟକ୍ରମ, ୫୫ ହଜାର ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ, ସହରାଞ୍ଚଳରେ ଆହାର କେନ୍ଦ୍ର ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଭିଟାମିନ୍ ଯୁକ୍ତ ଚାଉଳ ଓ ମାଣ୍ଡିଆ ଯୋଗାଣ ଆଦି କାର୍ଯ୍ୟକ୍ରମ ଓଡ଼ିଶାରେ ଜାରି ରହିଛି। ଅଙ୍ଗନୱାଡି କେନ୍ଦ୍ର ମାନଙ୍କରେ ଶିଶୁମାନଙ୍କ ଅପପୁଷ୍ଟି ଓ ଗେଡାପଣ ସଂକ୍ରାନ୍ତୀୟ ନିର୍ଭୁଲ ତଥ୍ୟ ମଧ୍ୟ ସଂଗ୍ରହ କରାଯାଉଛି। ଏହି ପୃଷ୍ଠ ଭୂମିରେ ଓଡ଼ିଶା ଅପପୃଷ୍ଟି ଓ ଗେଡାପଣ ନିୟନ୍ତ୍ରଣ ନିମନ୍ତେ ଏକ ଲକ୍ଷ୍ୟଭେଦୀ ଅଭିଯାନ ପାଇଁ ପ୍ରସ୍ତୁତ ହେଉଛି। ଏହି ଆଲୋଚନା ଚକ୍ରରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମହିଳା ଓ ଶିଶୁ ବିକାଶ ଶାସନ ସଚିବ ଶୁଭା ଶର୍ମା, ୟୁନିସେଫ୍ ନିୟୁଟ୍ରିସନ ମୁଖ୍ୟ ଆରଜନ ଡ଼ି ୱାଗ୍, ନିୟୁଟ୍ରିସନ ବିଶେଷଜ୍ଞ ପ୍ରଫେସର ଶ୍ରୀନାଥ ରେଡ୍ଡୀ, ଓଡ଼ିଶା ରାଜ୍ୟ ଖାଦ୍ୟ ସୁରକ୍ଷା କମିଶନ ଅଧକ୍ଷ ପ୍ରମୋଦ କୁମାର ମେର୍କପ ପ୍ରମୁଖ ଶିଶୁ ଅପପୁଷ୍ଟି ଓ ଗେଡାପଣ ସଂପର୍କିତ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ମୁଖ୍ୟ ଶାସନ ସଚିବ "କୋଭିଡ-୧୯ ଏବଂ ଓଡ଼ିଶାରେ ପୁଷ୍ଟି ଯୋଗାଣ" ସଂପର୍କିତ ଏକ ଅଧ୍ୟୟନ ରିପୋଟ ଉନ୍ମୋଚନ କରିଥିଲେ। ଏହି ଆଲୋଚନା ଚକ୍ର ଓଡ଼ିଶା ସରକାର, ବିଶ୍ୱବ୍ୟାଙ୍କ୍, ୟୁନିସେଫ୍ ଏବଂ ଆନ୍ତର୍ଜାତିକ ଖାଦ୍ୟନୀତି ଗବେଷଣା ସଂସ୍ଥାଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା।

# ପହିଲାରୁ ସିବିଏସ୍‌ଇ ପ୍ରାକ୍ଟିକାଲ ପରୀକ୍ଷା

**ଭୁବନେଶ୍ୱର :** କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ(ସିବିଏସ୍‌ଇ) ଅଧୀନ ବିଦ୍ୟାଳୟଗୁଡ଼ିକର ଦଶମ ଓ ଦ୍ୱାଦଶ ଶ୍ରେଣୀ ପ୍ରାକ୍ଟିକାଲ ପରୀକ୍ଷା ଜାନୁଆରି ପହିଲାରୁ ଆରମ୍ଭ ହେବ। ତା'ପୂର୍ବରୁ ସମସ୍ତ ଅଂଶୀଦାରମାନେ ପ୍ରାକ୍ଟିକାଲ ପରୀକ୍ଷା/ ଇଣ୍ଟରନାଲ ଆସେସ୍ମେଣ୍ଟ/ପ୍ରୋଜେକ୍ଟ ଆସେସ୍ମେଣ୍ଟ ପାଇଁ ପ୍ରସ୍ତୁତି ଆରମ୍ଭ କରିବାକୁ ସିବିଏସ୍‌ଇ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ଯେଉଁଥିରେ କୁହାଯାଇଛି ଯେ ସ୍କୁଲ କର୍ତ୍ତୃପକ୍ଷମାନେ ପ୍ରାକ୍ଟିକାଲ ପରୀକ୍ଷା ଲାଗି ଆବଶ୍ୟକୀୟ ସିଲାବସ୍ ଧାର୍ଯ୍ୟ ସମୟ ସୁଦ୍ଧା ଶେଷ କରିବେ। ପରୀକ୍ଷା ଲାଗି ଆବଶ୍ୟକୀୟ ବ୍ୟବସ୍ଥା କରିବେ। ଲାବରେଟୋରିଗୁଡ଼ିକୁ ପ୍ରସ୍ତୁତ ରଖିବା ଓ ଇଣ୍ଟରନାଲ ପରୀକ୍ଷକ ଚୟନ କରିବେ। ପ୍ରାକ୍ଟିକାଲ ପରୀକ୍ଷା ଡେଟ୍-ସିଟ୍ ସମ୍ପର୍କରେ ସ୍କୁଲ କର୍ତ୍ତୃପକ୍ଷ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ଜଣାଇବେ। କେଉଁ ଛାତ୍ରଛାତ୍ରୀ କେଉଁ ବିଷୟର ପ୍ରାକ୍ଟିକାଲ ପରୀକ୍ଷା ଦେବେ ତାହାର ତାଲିକା ଯେପରି ଠିକ୍ ଥିବ ସେଥିପ୍ରତି ଗୁରୁତ୍ୱ ଦେବେ। ପରୀକ୍ଷା ପୂର୍ବରୁ ଯେପରି ପର୍ଯ୍ୟାପ୍ତ ପରିମାଣର ଉତ୍ତର ଖାତା



ସ୍କୁଲରେ ମହଜୁଦ ରହିଥିବ ସେଥିପ୍ରତି ପ୍ରାଥମିକତା ଦେବାକୁ କୁହାଯାଇଛି। ପରିଷଦ ପକ୍ଷରୁ ନିଯୁକ୍ତ ହୋଇଥିବା ଏକ୍ସଟରନାଲ ପରୀକ୍ଷକଙ୍କୁ ନେଇ ଦ୍ୱାଦଶ ଶ୍ରେଣୀ ପ୍ରାକ୍ଟିକାଲ ପରୀକ୍ଷା କରାଯିବ। ଗାଇଡ୍ଲାଇନ୍ ଅନୁଯାୟୀ ପରୀକ୍ଷା କରିବା, ସମସ୍ତ ପରୀକ୍ଷା ଯେପରି ଧାର୍ଯ୍ୟ ସମୟରେ ଶେଷ ହେବ ଏବଂ ପରୀକ୍ଷା ପୂର୍ବରୁ ସ୍କୁଲଗୁଡ଼ିକରେ ଉତ୍ତର ଖାତା ପହଞ୍ଚିବ ସେଦିଗରେ ସିବିଏସ୍‌ଇ ଆଞ୍ଚଳିକ ଜୋନ୍ର ଅଧିକାରୀମାନେ ଗୁରୁତ୍ୱ ଦେବେ।

# ଅଧିକାରୀ ବଦଳିଲେ ବି ବଦଳୁନି ଚରିତ୍ର

**ଭଦ୍ରକ :** ବନ୍ତ ବିଇଓ ଅଫିସରେ ସାଙ୍ଘାତିକ ଖେଳ ଚାଲିଛି। ପୂର୍ବରୁ ଥିବା ବିଇଓ ଯେଭଳି ଦୁର୍ନୀତିଗ୍ରସ୍ତ ଥିଲେ ବର୍ତ୍ତମାନର ବିଇଓ ତାଙ୍କରି ପଥ ଅନୁସରଣ କରୁଛନ୍ତି। ଆରଟିଆଇରେ କୌଣସି ତଥ୍ୟ ମାଗିଲେ ଦେଉନାହାନ୍ତି ବିଇଓ। ବରଂ ତଥ୍ୟ ମାଗିବା ଲୋକକୁ ତାଗିଦ କରୁଛନ୍ତି। ବିଇଓ ସରକାରୀ ଚାକିରି କରୁଥିଲେ ବି ସମସ୍ତ ନୀତିନିୟମର ଉଲ୍ଲଘଂନ କରି ନିଜର ଦବଦବା ଜାହିର କରିବାକୁ ଚେଷ୍ଟା କରୁଛନ୍ତି। ବିଇଓ ଅଫିସରେ ଏହି କଳାକାରନାମାକୁ ନେଇ ସାଧାରଣରେ ଚର୍ଚ୍ଚା ହେଉଥିଲା ବେଳେ ଡିଇଓ କିନ୍ତୁ ସବୁ ଜାଣି ନିରବ ରହିବା ବିସ୍ମୟ ମନେହେଉଛି। ତେଣୁ ଆଗାମୀ ଦିନରେ ଏହାକୁ ନେଇ ବଡ ଆନ୍ଦୋଳନ ହୋଇପାରେ ବୋଲି ଜଣାପଡିଛି।

# ଡିଇଓ ଅଫିସରେ ଦିନକୁ ଦିନ କେଳେଙ୍କାରୀ ବଢୁଛି

**ଭଦ୍ରକ :** ଭଦ୍ରକ ଜିଲ୍ଲା ଶିକ୍ଷା ବିଭାଗରେ ବ୍ୟାପକ କେଳେଙ୍କାରୀ ଚାଲିଥିବା ଅନେକ ଦିନୁ ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ଜିଲ୍ଲା ଶିକ୍ଷାଧିକାରୀ ଏହାକୁ ଭ୍ରୁକ୍ଷେପ କରୁନାହାନ୍ତି। ଏଠାରେ ମଧ୍ୟ ସଂଘର ଜଣେ ନେତା ଓ ଜଣେ ନେତ୍ରୀଙ୍କ ମାଧ୍ୟମରେ ଡିଇଓ ଲାଞ୍ଚ ଆଦାୟ କରୁଥିବା ନେଇ ସାଧାରଣରେ ଅଭିଯୋଗ ହେଉଛି। ନୂଆ ନିଯୁକ୍ତି ହେଉ କିମ୍ବା ବଦଳି ପ୍ରତି ଘଟଣାରେ ଲାଞ୍ଚ କାରବାର ହେଉଥିବା ଅଭିଯୋଗ ହେଉଛି। ବିଭାଗୀୟ ଅଧିକାରୀ



ଏହାର ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ସାଧାରଣରେ ଦାବି ହେଉଛି।

# ବ୍ଲାକରୋଜ୍ ଜାହାଜ ବୁଡ଼ି; ବିନା ତଦନ୍ତରେ କେସ୍ ବନ୍ଦ କଲା ସିବିଆଇ



**ଭୁବନେଶ୍ୱର :** ପାରାଦୀପ ବନ୍ଦର ନିକଟରେ ସମୁଦ୍ର ଭିତରେ ବହୁଚର୍ଚ୍ଚିତ ଏମଭି ବ୍ଲାକରୋଜ୍ ଜାହାଜ ବୁଡ଼ି ମାମଲାକୁ ସିବିଆଇ ବିନା ତଦନ୍ତରେ ବନ୍ଦ କରିଦେଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଯୋଗ ନମିଳିବା ତଥା ଏ ସଂକ୍ରାନ୍ତ ଦସ୍ତାବିଜ ଅଭାବରୁ ସିବିଆଇ ଏହି ବ୍ଲାକରୋଜ୍ ଜାହାଜ ବୁଡ଼ି ମାମଲାର ତଦନ୍ତ ନକରି ଏହାକୁ ବନ୍ଦ କରିଦେଇଥିବା ସୂଚନା ମିଳିଛି। ସୂଚନା ଅଧିକାର ଆଇନ ବଳରେ ସିବିଆଇ ଦେଇଥିବା ତଥ୍ୟ ସମ୍ପର୍କରେ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମକୁ ସୂଚନା ଦେଇ ସୂଚନା କର୍ମୀ ପ୍ରଦୀପ ପ୍ରଧାନ କହିଛନ୍ତି ଯେ, ୨୦୦୯ ମସିହାରେ ୨୩୮୪୭ ମେଟ୍ରିକ ଟନ୍ ଲୁହାପଥର ଓ ୯୨୦ ମେଟ୍ରିକ ଟନ୍ ଫରନେସ ତେଲ ନେଇ ଚୀନ ଅଭିମୁଖେ ଯାଉଥିବା ଏମଭି ବ୍ଲାକରୋଜ୍ ନାମକ ଜାହାଜ ପାରାଦୀପ ବନ୍ଦରଠାରୁ ୫ କିମି ଦୂରରେ ସମୁଦ୍ର ଗର୍ଭରେ ବୁଡ଼ି ଯାଇଥିଲା। ନକଲି କାଗଜପତ୍ର ପ୍ରସ୍ତୁତ କରି ବେଆଇନ ଭାବେ ଏହି ଲୁହାପଥର ଚୋରାଚାଲାଣ କରାଯାଉଥିଲା ବୋଲି ବିରୋଧୀ ଦଳ ଅଭିଯୋଗ କରିବା ସହ ସିବିଆଇ ତଦନ୍ତ ଦାବି କରିଥିଲେ। ତେବେ ଏହି ଜାହାଜ ବୁଡ଼ି ଘଟଣାର ତଦନ୍ତର ଅଗ୍ରଗତି ସମ୍ପର୍କରେ ୨୦୨୨ ମେ' ୧୧ତାରିଖରେ ସୂଚନାକର୍ମୀ ଶ୍ରୀ ପ୍ରଧାନ ସିବିଆଇକୁ ଏ ସଂକ୍ରାନ୍ତ ତଥ୍ୟ ମାଗିଥିଲେ ଓ ଯାହାର ଉତ୍ତର ତାଙ୍କୁ ୨୦୨୨ ନଭେମ୍ବର ୭ତାରିଖରେ ମିଳିଥିଲା। ସେ କହିଛନ୍ତି ଯେ, ଏହି ବ୍ଲାକରୋଜ୍ ଜାହାଜ ବୁଡ଼ି ଘଟଣାର ତଦନ୍ତ ଏକ ନିରପେକ୍ଷ ସଂସ୍ଥା ଦ୍ୱାରା କରାଇବା ନିମନ୍ତେ ଗୁରୁପ୍ରସାଦ ମହାନ୍ତି ଏବଂ ସିବିଆଇ ତଦନ୍ତ ଦାବିରେ ଶଙ୍ଖନାଦ ବେହେରା ନାମକ ଦୁଇଜଣ ବ୍ୟକ୍ତି ଦୁଇଟି କେସ୍ ହାଇକୋର୍ଟରେ ଦାଏର କରିଥିଲେ। ସିବିଆଇ ମଧ୍ୟ ୨୦୦୯ ମସିହାରେ ହାଇକୋର୍ଟରେ ସତ୍ୟପାଠ ଦାଖଲ କରି କୋର୍ଟ ନିର୍ଦ୍ଦେଶ ଦେଲେ ଜାହାଜ ବୁଡ଼ି ମାମଲାର ତଦନ୍ତ କରିବାକୁ ପ୍ରସ୍ତୁତ ଥିବା କହିଥିଲା। ତେବେ ଆବେଦନକାରୀ ଶଙ୍ଖନାଦ ବେହେରାଙ୍କ ମୃତ୍ୟୁ ଯୋଗୁ ହାଇକୋର୍ଟ ଉକ୍ତ ମାମଲାକୁ ଖାରଜ କରିଦେଇଥିଲେ। କିନ୍ତୁ ସେହି ସମୟରେ କେନ୍ଦ୍ର ଜାହାଜ ମନ୍ତ୍ରଣାଳୟକୁ ଚିଠି ଲେଖି ତତକାଳୀନ ସିବିଆଇ ନିର୍ଦ୍ଦେଶକ ବ୍ଲାକରୋଜ୍ ବୁଡ଼ି ଘଟଣାରେ ଓଡ଼ିଶା ହାଇକୋର୍ଟରେ ମାମଲା ରୁଜୁ ପାଇଁ ଅନୁରୋଧ କରିଥିଲେ। କିନ୍ତୁ ମନ୍ତ୍ରଣାଳୟ ନିରବ ରହିଥିଲା। ଏହାପରେ ପାରାଦୀପ ପୋର୍ଟର ଦୁଇଜଣ ଟ୍ରଷ୍ଟି ଭୁବନମୋହନ ଜେନା(୨୦୧୬ ଜୁଲାଇ ୨୯ ଓ ସେପ୍ଟେମ୍ବର ୯) ଓ ପ୍ରତାପ କୁମାର ମିଶ୍ର (୨୦୧୬ ଜୁଲାଇ ୨୯ ଓ ୨୦୧୮ ଜାନୁୟାରୀ ୩୧)ଙ୍କ ଲିଖିତ ଅଭିଯୋଗକୁ କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରଣାଳୟର ତତକାଳୀନ ଅନୁସଚିବ ଶଙ୍କର ଚୌଧୁରୀ ୨୦୧୮ ଜୁନ୍ ୨୦ତାରିଖରେ ସିବିଆଇ ନିର୍ଦ୍ଦେଶକଙ୍କ ନିକଟକୁ ପଠାଇ ତଦନ୍ତ ପାଇଁ ଅନୁରୋଧ କରିଥିଲେ।



ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୨ - ୧୮ ଡିସେମ୍ବର, ୨୦୨୨

# କାହା ଚାପ, କିଏ ଚେପା !

ଗତ ସପ୍ତାହରେ ସାରା ଓଡ଼ିଶାରେ ପଦ୍ମପୁର ନିର୍ବାଚନୀ ଉତ୍ତପ୍ତତା ରହିଥିଲା ବେଳେ ଏ ସପ୍ତାହରେ ଅର୍ଚ୍ଚନା ନିଆଁ ସବୁ ଆଡେ। କିଏ କହୁଛି, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ବା ଇଡି ଏଭଳି ଖୋଳତାଡ଼ କରୁଛି ଯେ, ଅର୍ଚ୍ଚନା ଖାଲି ମନ୍ତ୍ରୀ, ଅଫିସରଙ୍କ ନାଁ ଗାଳି ପକେଇବ। କାରଣ ଗତ ମଙ୍ଗଳବାର ଅର୍ଚ୍ଚନା ଏଭଳି କିଛି କଥା କହିଥିଲେ ଯାହା ଶୀତ ଛଡାଇ ଦେବା ଭଳି। ଗଣମାଧ୍ୟମ ଆଗରେ ଅର୍ଚ୍ଚନା କହିଲେ – କାହାରିକୁ ଛାଡ଼ିବି ନାହିଁ। ସିଏ ନେତା ହୁଅନ୍ତୁ ଅବା ଅଫିସର। ତାଙ୍କୁ ଯିଏ ଫସାଉଛନ୍ତି ତାଙ୍କ ମୁଖା ଖୋଲିଦେବେ। ସେ କହିଥିଲେ ଯେ, ମୋତେ ମାତ୍ର ୩୦ ମିନିଟ ସମୟ ଦିଅନ୍ତୁ, ସବୁ ସତ କହିଦେବି। ଏମିତି କଥା କହିଦେବି ଯେ ରାଜ୍ୟ ଦୋହଲିଯିବ। ବିନା କୌଣସି ତଥ୍ୟ ପ୍ରମାଣରେ ତାଙ୍କୁ ବଦନାମ କରିବାକୁ ମଧ୍ୟ ମିଡ଼ିଆକୁ କହିଥିଲେ। ସେ କାହାରିକୁ ଛାଡ଼ିବିନି ବୋଲି କହିବା ସହିତ କହିଥିଲେ, ଯେତେ ତଦନ୍ତ ସଂସ୍ଥା ଆସୁ ମୁଁ ତାର ସାମ୍ନା କରିବି, ସେମାନେ ତଦନ୍ତ କରନ୍ତୁ। ଆହୁରି ମଧ୍ୟ କହିଲେ, ମୁଁ ଜଣେ ଆତଙ୍କବାଦୀ ଯେ ଡରିଯିବି। ମୋ ପାଞ୍ଚ ବର୍ଷର ପୁଅ ମୁହଁକୁ ବି ଚାହିଁଲେନି? ସମସ୍ତଙ୍କ ଉପରେ ନିଶ୍ୱାସ ପଡିବ। ତେବେ ଏଇ ସମସ୍ତେ କିଏ ବୋଲି ସ୍ପଷ୍ଟ କରିନଥିଲେ ଅର୍ଚ୍ଚନା। ପୁଣିଥରେ ଏଭଳି ଚାଞ୍ଚଲ୍ୟ ସୃଷ୍ଟିକାରୀ ବୟାନ ଦେଇ ଚର୍ଚ୍ଚାକୁ ଆସିଛନ୍ତି ଅର୍ଚ୍ଚନା ନାଗ। ତାଙ୍କ ବିସ୍ଫୋରକ ବୟାନ ପରେ ରାଜନୈତିକ ଓ ପ୍ରଶାସନିକ ମହଲରେ କମ୍ପନ ସୃଷ୍ଟି ହୋଇଥିବା ଚର୍ଚ୍ଚା ହେଉଥିଲେ ବି ଏହାର ପ୍ରଭାବ କଣ ପଡିବ କେହି କହିପାରୁନାହାନ୍ତି। କିଛି ଲୋକଙ୍କ କହିବା କଥା ଯେତେବେଳେ ଚିଟଫଣ୍ଡ ମାମଲାରେ ସିବିଆଇ ତଦନ୍ତ କରୁଥିଲା ଏଭଳି କିଛି ଆକଳନ କରାଯାଉଥିଲା। ହେଲେ ଦୀର୍ଘବର୍ଷ ବିତିଯାଇଥିଲେ ବି ଉକ୍ତ ମାମଲାର ସେମିତି କିଛି ବଡ଼ମୁଣ୍ଡ ଫସିଲେ ନାହିଁ। ଚିଟଫଣ୍ଡ ଝଡ଼ ପରେ ଅର୍ଚ୍ଚନା ଝଡ଼ ରାଜନୀତି ପାଇଁ ଖୋରାକ ଯୋଗାଉଦେଇଛି, ହେଲେ ଏହାକୁ ନେଇ ଏଯାଏ ରାଜନୀତି ହେଉନି। ଅର୍ଚ୍ଚନା ମାମଲାରେ ରାଜ୍ୟର କୌଣସି ବି ରାଜନୈତିକ ଦଳ ବିଶେଷ ହଙ୍ଗାମା କରୁନାହାନ୍ତି। ଲୋକ ଭାବୁଛନ୍ତି ଆଗକୁ ବଡ଼ ମାଛ ଇଡି ତଦନ୍ତ ପରିସରଭୁକ୍ତ ହୋଇପାରନ୍ତି। ମାତ୍ର ଇଡି ଏଭଳି କିଛି ତଥ୍ୟ ପ୍ରକାଶ କରିନାହିଁ। କେବଳ ଅନୁମାନ କରାଯାଉଛି ଯେ, ଅର୍ଚ୍ଚନା ସହ ଶାସକଦଳର କିଛି ମନ୍ତ୍ରୀ ବିଧାୟକ ରହିଛନ୍ତି ଏବଂ କିଛି ଅଫିସର ଅଛନ୍ତି। ଯାହାଙ୍କ ବଳରେ ଅର୍ଚ୍ଚନା ବଳିୟାନ ହୋଇ ସାମ୍ରାଜ୍ୟ ବିସ୍ତାର କରିଥିଲା। ବର୍ତ୍ତମାନର ଇଡି ତଦନ୍ତ ଖଗେଶ୍ୱର, ଅର୍ଚ୍ଚନାଙ୍କ ଗାଡି ଚାଳକ, ହୋଟେଲ ମାଲିକ ଓ ଅମୀୟ ଦାସଙ୍କ ପର୍ଯ୍ୟନ୍ତ ପହଞ୍ଚିଛି। ସାତ ଦିନିଆ ରିମାଣ୍ଡରେ ଇଡି ହେପାଜତରେ ଅଛନ୍ତି ଏବେ ଅର୍ଚ୍ଚନା। ତେବେ ଅର୍ଚ୍ଚନା ମାମଲାରେ ଦିନକୁଦିନ ନୂଆ ଲୋକଙ୍କ ସମ୍ପୃକ୍ତି ନେଇ ତଥ୍ୟ ହାସଲ କରିଛି ଇଡି। ଏଥିରେ ଅର୍ଚ୍ଚନା ନାଗଙ୍କ ଆଲିସାନ ବଂଗ୍ଳୋର ଆର୍କିଟେକ୍ଟଙ୍କୁ ମଧ୍ୟ ଇଡି ପଚରାଉଚୁରା କରିଛି। ସମ୍ପୃକ୍ତ ବ୍ୟକ୍ତି ଏହି ଘରର ଡିଜାଇନ ଦେବାକୁ ଛ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କା ନେଇଥିବା ମଧ୍ୟ ଜଣାପଡିଛି। ସେହିଭଳି ଅର୍ଚ୍ଚନାଙ୍କ ସ୍ୱାମୀ ଜଗବନ୍ଧୁଙ୍କ ସାନଭାଇ ଓ ବଡଭାଇଙ୍କୁ ଇଡି ପରିସରଭୁକ୍ତ କରିଥିବା ସୂଚନା ମିଳିଛି। କିନ୍ତୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ରାଜ୍ୟର ଜଣେ ବିଶିଷ୍ଟ ଶିଳ୍ପପତି ଅର୍ଚ୍ଚନାଙ୍କୁ ବହୁତ ଅର୍ଥ ପ୍ରଦାନ କରିଥିବା କେଇ ଇଡି ଜାଣିବାକୁ ପାଇଛି ତେବେ କେଉଁ ପରିସ୍ଥିତିରେ ଅର୍ଚ୍ଚନାଙ୍କ ସହ ଏହି ଶିଳ୍ପପତିଙ୍କର ସମ୍ପର୍କ ବଢିଛି ତାହା ତଦନ୍ତ ପରେ ଜଣାପଡିବ।

**ସମ୍ପାଦକୀୟ**



ତାରକ ମହାନ୍ତି

ହେଲେ ଏହି ମାମଲାରେ ଇଡି ଆଗରେ ଆଉ ମୁହଁ ଖୋଲୁନାହାନ୍ତି ଅର୍ଚ୍ଚନା। ପୂର୍ବରୁ ବିସ୍ଫୋରକ ବୟାନ ଦେଇଥିବା ଅର୍ଚ୍ଚନା ଇଡିକୁ କିଛି କହୁନଥିବା ସୂଚନା ମିଳୁଛି।ଗତ ବୁଧବାର ଓ ଗୁରୁବାର ଦୁଇଦିନ ହେବ ଇଡି ତାଙ୍କୁ ଯାହା ପଚରା ଉଚୁରା କରିଥିଲେ,ଏହାର ଉତ୍ତରରେ କୌଣସି ସନ୍ତୋଷଜନକ ଉତ୍ତର ଦେଇନଥିଲେ। ଫଳରେ ଅର୍ଚ୍ଚନାଙ୍କୁ ନେଇ ଇଡି ଏବେ ହରଡ଼ ଘଣାରେ। ଇଡି ଯେଉଁ ଆଶା ରଖିଥିଲା ଅର୍ଚ୍ଚନାଙ୍କୁ ରିମାଣ୍ଡରେ ଆଣି ଅନେକ ତଥ୍ୟ ପାଇ ତଦନ୍ତକୁ ଆଗେଇନେବ ସେଥିରେ ଏବେ ପାଣି ପୁରାଇଦେବେଣି ଅର୍ଚ୍ଚନା। ଅନ୍ୟପକ୍ଷରେ ଅର୍ଚ୍ଚନାଙ୍କ ଘର ତିଆରି କରିଥିବା ଠିକାଦାରଙ୍କୁ ଇଡି ଜେରା କରିଛି। ଅର୍ଚ୍ଚନାଙ୍କ ଘର ତିଆରିରେ କେତେ ଟଙ୍କା ଖର୍ଚ୍ଚ ହୋଇଛି ତାହାର ତଥ୍ୟ ହାସଲ ପାଇଁ ଇଡି ଉଦ୍ୟମ କରିଛି। ଅର୍ଚ୍ଚନା ଘର ତିଆରି ପାଇଁ ଠିକାଦାରଙ୍କୁ କେତେ ଟଙ୍କା ନଗଦରେ ବା ଚେକରେ ଦେଇଥିଲେ ତାହା ଇଡି ତଦନ୍ତ କରୁଛି। ଇଡି ରିମାଣ୍ଡରେ ଅର୍ଚ୍ଚନାଙ୍କୁ ଆଣିଲା ବେଳେ କୋର୍ଟ ଓ ହସ୍ପିଟାଲରେ ବିସ୍ଫୋରକ ବୟାନ ଦେଇଥିଲେ ଅର୍ଚ୍ଚନା। କହିଥିଲେ, ତାଙ୍କୁ ୩୦ ମିନିଟ ସମୟ ଦେଲେ ସେ ଓଡିଶାକୁ ଦୋହଲେଇଦେବେ। କିନ୍ତୁ ଇଡି ରିମାଣ୍ଡକୁ ଆସିଲା ପରେ ସେ ସେଭଳି କୌଣସି ତଥ୍ୟ ନଦେବା ଇଡିକୁ ଅଡୁଆରେ ପକାଇଛି। କେବଳ ପୋଲିସ ଉପରେ ଦୋଷ ଲଦି ଚାଲିଛନ୍ତି ଅର୍ଚ୍ଚନା। ଏଥିସହିତ ନିଜ ପାଞ୍ଚବର୍ଷର ପୁଅ କଥା କହି କେବଳ ଲୁହ ଗଡାଉଛନ୍ତି। ଇଡି ଅଧିକାରୀ ଏଭଳି ଅବସ୍ଥା ଦେଖି କଣ କରିବେ ମଧ୍ୟ ଭାବିପାରୁନାହାନ୍ତି।କାରଣ ଇଡିରେ କୌଣସି ମହିଳା ଅଧିକାରୀ ନଥିବାରୁ ପଚରା ଉଚୁରା ନେଇ ସମସ୍ୟା ମଧ୍ୟ ସୃଷ୍ଟିହେଉଛି। ଖବର ଅନୁଯାୟୀ, ବ୍ଲାକମେଲିଙ୍ଗ କୁଇନ ଅର୍ଚ୍ଚନା ନାଗଙ୍କ ଗିରଫ ପରେ ତନାଘନା ଆରମ୍ଭ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ। ଏହିକ୍ରମରେ ଅର୍ଚ୍ଚନାଙ୍କ ସହିତ ଜଡିତ ଅନେକ ଲୋକଙ୍କୁ ଡାକି ଜେରା କରିସାରିଛି ଇଡି। ତେବେ ଗତ ମଙ୍ଗଳବାର ଦିନ ଆର୍କିଟେକ୍ଟ ରଞ୍ଜିତ ବେହେରାଙ୍କୁ ଦୀର୍ଘ ୧୨ଘଣ୍ଟା କାଳ ଇଡି ଜେରା କରିଥିଲା। ବୁଧବାର ମଧ୍ୟ ଇଡି ଡ଼ାକରାରେ ରଞ୍ଜିତ ଇଡି ନିକଟରେ ହାଜର ହୋଇଥିଲେ। ଯାହା ଆଶା କରାଯାଉଥିଲା, ଅର୍ଚ୍ଚନା ମାମଲାରେ ଇଡି ତଦନ୍ତ ଦାୟିତ୍ୱ ନେବାପରେ ଅନେକ ବଡ଼ମୁଣ୍ଡ ସାମ୍ନାକୁ ଆସିବେ। ହେଲେ ଏପର୍ଯ୍ୟନ୍ତ ତଦନ୍ତର ଦିଗ ସେହି ଦିଗରେ ଥିବା ଜଣାପଡୁନାହିଁ। ହେଲେ ଚର୍ଚ୍ଚା ହେଉଛି ଆଗକୁ କେରାଣ୍ଡି ନୁହେଁ ବାଳିଆ ହିଁ ଫସିବେ। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ଇଡି କରିଥିବା ତଦନ୍ତରେ ସେଭଳି କିଛି ବାଳିଆଙ୍କୁ ପଚରା ଉଚୁରା ପାଇଁ ଡକାଯାଇ ନଥିବା ଜଣାପଡିଛି। କିନ୍ତୁ ପୂର୍ବରୁ ଚର୍ଚ୍ଚା ହେଉଥିଲା ଯେ, ବିଭିନ୍ନ ରାଜନୈତିକ ଦଳର ବଡବଡ ନେତା ଅର୍ଚ୍ଚନା ଲିଙ୍କରେ ରହିଛନ୍ତି। ବର୍ତ୍ତମାନ ଆରକିଟେକ୍ଟ, ଠିକାଦାର, ହୋଟେଲ ମାଲିକ ଏବଂ ଜଗବନ୍ଧୁଙ୍କ ପରିବାର ଲୋକଙ୍କୁ ଇଡି ଅଫିସ ଡାକୁଥିବା ନେଇ ସୂଚନା ମିଳିଛି। ହେଲେ ୩୦ ମିନିଟ୍‌ରେ ଓଡିଶା ବଦଳାଇ ଦେବାକୁ କହୁଥିବା ଅର୍ଚ୍ଚନା ଅଚାନକ ନିରବି ଗଲେ କେମିତି। ଏହା ପଛରେ କିଛି ଷଡଯନ୍ତ୍ର ବା ଚକ୍ରାନ୍ତ ରହିଥିବାନେଇ ମଧ୍ୟ ଆଲୋଚନା ହେଉଛି। କାରଣ ଯିଏ କୋର୍ଟ ଆଗରେ ଏଭଳି ଗର୍ଜନ କରୁଥିଲେ ଓ ସବୁ ଦୋଷ ପୋଲିସର ବୋଲି କହୁଥିଲେ ସିଏ ଇଡି ଆଗରେ ସେଭଳି କିଛି ତଥ୍ୟ ନଖୋଲିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଲାଗୁଛି। କିଛି ଲୋକଙ୍କ କହିବା କଥା ଏଥିରେ ବଡବଡ ନେତା ରହିଥିବା କାରଣରୁ ହୁଏତ ଅର୍ଚ୍ଚନାଙ୍କ ଉପରେ ଅଦୃଶ୍ୟ ଶକ୍ତିର ଚାପ ପଡୁଛି କି? କିନ୍ତୁ ପ୍ରକୃତରେ କେତି ବ୍ଲାକମେଲର ଅର୍ଚ୍ଚନାଙ୍କ ନିକଟରେ ଯଦି କୌଣସି ତଥ୍ୟ ପ୍ରମାଣ ରହିଥାଏ ସିଏ ଇଡିକୁ ଦେଉନାହାନ୍ତି କାହିଁକି ତାହା ସନ୍ଦେହ ସୃଷ୍ଟି କରୁଛି।

**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୭, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଓକିଲଙ୍କ ଆନ୍ଦୋଳନ



ଗଜାନନ ମିଶ୍ର

ଅଦାଲତର କାର୍ଯ୍ୟରେ କେହି ବାଧା ସୃଷ୍ଟିକାରୀ ହୋଇ ପାରିବେ ନାହିଁ। ଓକିଲଙ୍କ ଆନ୍ଦୋଳନକୁ ନେଇ ଏପରି ଅସନ୍ତୋଷ ଓ କଡା ଆଭିମୁଖ୍ୟ ପ୍ରକାଶ କରିଛନ୍ତି ଉଚ୍ଚତମ ନ୍ୟାୟାଳୟ। ଏଇଟା ସତ ଯେ ଗଣତାନ୍ତ୍ରିକ ବ୍ୟବସ୍ଥାରେ କେହି ନ୍ୟାୟପାଳିକାକୁ ଅସମ୍ମାନ କରି ପାରିବେ ନାହିଁ କି ଅଦାଲତର ରାୟକୁ ଅବମାନନା କରି ପାରିବେ ନାହିଁ । ଏହି ପରିପ୍ରେକ୍ଷୀରେ ଭାରତ ବର୍ଷର ପବିତ୍ର ଗ୍ରନ୍ଥ ଆମ ସମ୍ବିଧାନ, ଯୋଉଥିରେ ଝଲସୁଛି ଆତ୍ମାର ଉଚ୍ଚାରଣ, ଯାହାର ପ୍ରଥମ ଧାଡି, ' ଆମ୍ଭେ, ଭାରତର ଲୋକେ' ପାଖରେ ସାର୍ବଭୌମ କ୍ଷମତା ଦେଇଛି। ଜନଗଣଙ୍କ ପାଇଁ ସଭିଏଁ ଉତ୍ସର୍ଗୀକୃତ ଏଠି। ଜନଗଣଙ୍କ ସୁଖ ସୁବିଧା ପାଇଁ ସତତ ଚେଷ୍ଟିତ। ଓକିଲଗଣ ମଧ୍ୟ ଲୋକଙ୍କ ପାଇଁ ଦିନରାତି କାର୍ଯ୍ୟରେ ବ୍ୟସ୍ତ। ପ୍ରତ୍ୟେକ ଓକିଲ ବିଚାରାଳୟର ଜଣେ ଜଣେ ବିଜ୍ଞ ଅଧିକାରୀ। ଯେପରି ବିଚାରପତିଙ୍କୁ ଅସମ୍ମାନ ପ୍ରଦର୍ଶନ ଦୋଷାବହ ଠିକ୍ ସେପରି ଓକିଲଙ୍କୁ ନୀଚ ଦୃଷ୍ଟିରେ ଦେଖି ବ୍ୟଙ୍ଗ ବିଦ୍ରୁପ କରିବା ଅସହ୍ୟ।

ଜଣା ଯେ, ଓକିଲଙ୍କ ଦୃଢ ନେତୃତ୍ୱରେ ଭାରତର ମୁକ୍ତି ଆନ୍ଦୋଳନ ତୀବ୍ରରୂପ ଧାରଣ କରିଥିଲା। ଯାହା ଫଳରେ ବ୍ରିଟିଶ ସରକାର ଭାରତ ଛାଡି ଚାଲିଯିବାକୁ ବାଧ୍ୟ ହୋଇଥିଲେ। ସେହି ଓକିଲଙ୍କ ଉଚିତ୍ ନେତୃତ୍ୱରେ ଭାରତର ସମ୍ବିଧାନ ରୂପରେଖ ପାଇଥିଲା। ଏଇଟା ସର୍ବଜନ ବିଦିତ ଯେ ବିଚାରାଳୟରେ ଓକିଲଙ୍କ ସେବା ଅତ୍ୟାବଶ୍ୟକ ଅଟେ। ସମାଜର ଗରିବ ଓ ନିମ୍ନସ୍ତରର ଲୋକଟିଏ ପାଇଁ ଅଦାଲତରେ ଓକିଲଟିଏ ଆଗେଇ ଆସେ, ଆଇନ ସହାୟତା କେନ୍ଦ୍ର ସବୁ ନ ଅଛି, ନୁହେଁ। ତଥାପି କେଉଁଠି ନା କେଉଁଠି ଅଦାଲତି ବ୍ୟବସ୍ଥା ମଧ୍ୟରେ ଦୁର୍ବଳତା ରହିଛି, ଯାହାକୁ ତୁରନ୍ତ ଠିକ୍ କରାଯିବା ଉଚିତ୍। ଏବେ ବି ଆମ ଭାରତର ଜନସାଧାରଣ ଅଶିକ୍ଷାରେ ଦାରିଦ୍ର୍ୟର ପକ୍ଷାଘାତରେ ଛଟପଟ ହେଉଛନ୍ତି। ଅର୍ଥାଭାବ ଓ ଅସଚେତନତା ଯୋଗୁଁ ନ୍ୟାୟ ଚକ୍ରର ମନ୍ଦଗତିରେ ଘଣାରେ ପେଶି ହେଉଛନ୍ତି। ମହାମହିମ ରାଷ୍ଟ୍ରପତି ସେଇଥିପାଇଁ ତିନି ଅଙ୍ଗ ଯଥା ନ୍ୟାୟପାଳିକା, କାର୍ଯ୍ୟପାଳିକା ଓ ବିଧାନପାଳିକା ମିଳିତ ଭାବରେ ସବୁ ସମସ୍ୟା ସମାଧାନ କରିବାକୁ ଆହ୍ୱାନ ଦେଇଛନ୍ତି।

ଲୋକଙ୍କ ସୁବିଧା ପାଇଁ ପ୍ରତି ବ୍ଲକରେ ମୁନସିଫ ତଥା ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ଦଣ୍ଡପାଳଙ୍କ ଅଦାଲତ ରହିଛି। ଗ୍ରାମ ନ୍ୟାୟାଳୟ ପ୍ରତିଷ୍ଠା ହୋଇଛି। ଅନେକ ଜାଗାରେ ଏକାଧିକ ଅତିରିକ୍ତ ଜିଲ୍ଲା ବିଚାରପତିଙ୍କ ନିଯୁକ୍ତି ହୋଇଛି। ଏସବୁ ଯଦି ଅଛି ତେବେ ପ୍ରତି ଦୁଇଶହ/ ତିନିଶହ କି.ମି. ଦୂରତାରେ ଉଚ୍ଚ ନ୍ୟାୟାଳୟ ଖୋଲିବାରେ ଅସୁବିଧା କୋଉଠି ? ଗୋଟିଏ ନିର୍ଦ୍ଦିଷ୍ଟ ଜାଗାରେ କୋଡିଏ ପଚିଶ ବିଚାରପତି ବସିବା ବଦଳରେ ପାଂଚ ପାଂଚଜଣ ଯଦି ଚାରି/ପାଂଚ ଜାଗାରେ ବସିବେ ତେବେ ବହୁତ ଲୋକ ଉପକୃତ ହେବେ, ଏହା ନିଶ୍ଚିତ। ଆମ ଓଡିଶା ବିଷୟରେ କଥା ପଡିଲେ କୁହାଯାଇପାରେ, କଟକରେ ଉଚ୍ଚ ନ୍ୟାୟାଳୟ ରହିଛି, ଏଇ କଟକଠାରୁ ନୂଆପଡା ପାଖାପାଖି ଛଅ ଶହ କି ମି। ଏତେ ଦୂରରୁ ଲୋକଟିଏ ଯାଇ ନ୍ୟାୟ ପାଇଁ ଆର୍ଥିକ, ମାନସିକ, ଶାରୀରିକ କଷ୍ଟ ବହୁତ ପାଇବ। ଏମିତି ବି ବଲାଙ୍ଗୀରରେ ପାଟଣା ରାଜ୍ୟରେ ଉଚ୍ଚ ନ୍ୟାୟାଳୟ ଥିଲା। ୧୯୪୮ରେ କଟକ ଉଚ୍ଚ ନ୍ୟାୟାଳୟ ସହିତ ମିଶିଗଲା। ଏକ ପ୍ରକାର ଏହା ଲୋକ ବିରୋଧୀ କାର୍ଯ୍ୟ ନ ଥିଲା କି ? ଏବେ ସେହି ଉଚ୍ଚ ନ୍ୟାୟାଳୟର ପୁନଃ ସ୍ଥାପନ ଦାବିରେ ଆନ୍ଦୋଳନ କରିବା କଣ ପାପ ?

ଗଣତନ୍ତ୍ର ଶାସନ ହେଉଛି ଲୋକଙ୍କର ଲୋକଙ୍କ ପାଇଁ ଲୋକଙ୍କ ଦ୍ୱାରା। ରାଷ୍ଟ୍ରପତି ହୁଅନ୍ତୁ କି ବିଚାରପତି, ପ୍ରଧାନମନ୍ତ୍ରୀ ହୁଅନ୍ତୁ କି ଯନ୍ତ୍ରୀ, ଭାରତୀୟ ପ୍ରଶାସନିକ ସେବୀ ହୁଅନ୍ତୁ କି ଚତୁର୍ଥ ଶ୍ରେଣୀ କର୍ମଚାରୀ ସମସ୍ତେ ଭାରତୀୟଙ୍କ ସେବାରେ ନିୟୋଜିତ, ଏ କଥା ଭୁଲିଗଲେ ହେବ ନାହିଁ। ଓକିଲଗଣ କିନ୍ତୁ ସର୍ବସାଧାରଣ ସକାଶେ ପାଟି ଫିଟାଇ ନ କହିବେ ତ କହିବ ଆଉ କିଏ ? ସମସ୍ତେ ଲୋକଙ୍କ ଟିକସଟଙ୍କାରେ ଚଳୁଛନ୍ତି। ଲୋକଙ୍କ ପାଇଁ ଯୋଉ କାର୍ଯ୍ୟ ମଙ୍ଗଳକର ସେଇଟାକୁ ଶୀଘ୍ର କରିଦେବା ଉଚିତ୍। ଆମ ଓଡିଶା ରାଜ୍ୟ କଣ ଏତେ ଛୋଟ ଯେ ଆଉ ଗୋଟିଏ ବା ଦୁଇଟି ଉଚ୍ଚ ନ୍ୟାୟାଳୟ ସତରେ କରା ଯାଇ ପାରିବ ନାହିଁ! ଯା ସହିତ ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ନ୍ୟାୟପାଳିକାର ଭାରତୀୟ କରଣ। ବିଚାରାଳୟରେ ଭାରତୀୟ ଭାଷାର ବ୍ୟବହାର ପାଇଁ କେବେଠୁ ଆନ୍ଦୋଳନ ଚାଲିଛି। ଏମିତି ବି ୧୯୬୫ରୁ ଆଉ ବିଦେଶୀ ଭାଷାର ସ୍ଥାନ ନାହିଁ। ଅଷ୍ଟମ ସୂଚୀରେ କୌଣସି ବିଦେଶୀ ଭାଷାର ଉଲ୍ଲେଖ ନାହିଁ। ଭାରତର ପ୍ରଧାନ ବିଚାରପତି ମହୋଦୟ ଏ ଦିଗରେ କାର୍ଯ୍ୟ କରିବା ନିହାତି ଆବଶ୍ୟକ। ଲୋକଙ୍କ ଭାଷାରେ ବିଚାରାଳୟରେ କାର୍ଯ୍ୟ ନ ହେବା ଦ୍ୱାରା ଲୋକଙ୍କ ଠାରୁ ବିଚାରାଳୟ ଦୂରେଇ ଯାଉ ନାହିଁ କି ? ଭାରତୀୟ ଭାଷା ଆନ୍ଦୋଳନ, ନୂଆଦିଲ୍ଲୀରୁ ଅନେକ କାର୍ଯ୍ୟକ୍ରମ କରି ଚାଲିଛି। 'ସତ୍ୟ ମେବ ଜୟତେ'ର ସଠିକ୍ ରୂପାୟନ ହେବ ସ୍ଥାନୀୟ ଭାଷା ବ୍ୟବହାର ହେଲେ ହିଁ। ନ୍ୟାୟାଳୟ ଲୋକାଭିମୁଖୀ ହେଲେ ସ୍ୱତଃ ନ୍ୟାୟର ମାନ ସମ୍ମାନ ବୃଦ୍ଧି ହେବ।

*ତପୋବନ, ଟିଟିଲାଗଡ*

# ଭାରତ ସ୍ୱାଧୀନତା ସଂଗ୍ରାମର ବିସ୍ମୃତ ବୀର ପୁଙ୍ଗବ



ଡକ୍ଟର ଧୀରେନ୍ଦ୍ର ନନ୍ଦ

ମହାନ୍ ଶହୀଦ୍ ସଂଗ୍ରାମୀ ଜୟକୃଷ୍ଣ ରାଜଗୁରୁ ମହାପାତ୍ରଙ୍କର ବୀରତ୍ୱ, ନିଷ୍ଠା, ବଳିଦାନ ଏବଂ ଦେଶପ୍ରେମ ଅବିସ୍ମରଣୀୟ। ୧୮୦୪ ମସିହାରେ ଏହା ଥିଲା ଇଂରେଜ ସାମ୍ରାଜ୍ୟବାଦ ବିରୋଧରେ ଏକ ସଂଗଠିତ ସଂଗ୍ରାମ। ପାଇକ ସଂଗ୍ରାମର ଦୁଇଶତ ବାର୍ଷିକୀ ପାଳନ ଅବସରରେ ମହାନ୍ ଶହୀଦ୍ ଜୟୀ ରାଜଗୁରୁଙ୍କ ଦ୍ୱାରା ପରିଚାଳିତ ଇଂରେଜ ଶାସନ ବିରୋଧରେ ସଂଗ୍ରାମକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବରେ ପରିଗଣିତ କଲାବେଳେ ମନରେ ସ୍ୱତଃ ଖୋରଧାର ବୀର ପାଇକ ଏବଂ ଶହୀଦ୍ ବିପ୍ଳବୀ ଜୟୀ ରାଜଗୁରୁଙ୍କ ମହାନ୍ ସ୍ମୃତି ଉଦ୍‌ଜୀବିତ ହୁଏ। ଜୟୀ ରାଜଗୁରୁ ଭାରତମାତାର ଯଜ୍ଞବେଦୀରେ ଆତ୍ମୋତ୍ସର୍ଗର ଯେଉଁ ଜ୍ୱଳନ୍ତ ଉଦାହରଣ ସୃଷ୍ଟି କରିଯାଇଛନ୍ତି, ତାହା ଦେଶର ଅଗଣିତ ସ୍ୱାଧୀନତା ସଂଗ୍ରାମୀ ମାନଙ୍କର ଏକ ମହାନ୍ ଆଦର୍ଶ ରୂପେ ପରିଗଣିତ ହୋଇପାରିଛି। ଅଧିକନ୍ତୁ, ଜୟୀ ରାଜଗୁରୁଙ୍କ ୧୮୦୪ ମସିହା ସଂଗ୍ରାମଟି ଇଂରେଜ ମାନଙ୍କର କୁତ୍ସିତ କୁଟଚକ୍ରାନ୍ତ ଏବଂ ପ୍ରତାରଣା ପୂର୍ଣ୍ଣ ଶାସନ ବିରୋଧରେ, ଇଂରେଜ ସାମ୍ରାଜ୍ୟବାଦ ବିରୋଧରେ ତଥା ଜାତୀୟ ସମ୍ମାନ ସପକ୍ଷରେ ଏକ ସଂଗଠିତ ସଂଗ୍ରାମ ଥିଲା।

ଓଡିଶାର ଇତିହାସକୁ ବିଶ୍ଳେଷଣ କଲେ ଜଣାଯାଏ ଯେ ପ୍ରଥମ ରାମଚନ୍ଦ୍ରଙ୍କ ଦ୍ୱାରା ୧୫୬୮ ମସିହାରେ ଭୋଇ ରାଜବଂଶର ପ୍ରତିଷ୍ଠା ହୋଇଥିଲା, ଯିଏ କି ୧୫୭୦ ମସିହାରେ ଖୋର୍ଦ୍ଧାଗଡକୁ ରାଜଧାନୀ ରୂପେ ନିର୍ମାଣ କରିଥିଲେ। ଏହି ରାଜବଂଶରେ କ୍ରମାନ୍ୱୟରେ ୧୨ ଜଣ ରାଜା ଦୀର୍ଘ ୨୨୬ ବର୍ଷ ଧରି (୧୫୬୮-୧୮୦୪) ଶାସନ କରିଥିଲେ। ପାରଳାଖେମୁଣ୍ଡିର ମହାରାଜା ଜଗନ୍ନାଥ ନାରାୟଣ ଦେବ ଯିଏ କି ନିଜକୁ ଗଜପତି ବୋଲି ଅଭିହିତ କରି ଗଙ୍ଗ ରାଜବଂଶର ଦାୟାଦ ରୂପେ ଦାବୀ କରି ଆସୁଥିଲେ, ଯେତେବେଳେ ଖୋର୍ଦ୍ଧାଗଡକୁ ଆକ୍ରମଣ କରିଥିଲେ ସେତେବେଳେ ତତ୍କାଳୀନ ଖୋର୍ଦ୍ଧା ରାଜା ବୀର କିଶୋର ଦେବ ମରହଟ୍ଟା ମାନଙ୍କର ସାହାଯ୍ୟ ନେଇ ତାଙ୍କୁ ପ୍ରତିରୋଧ କରିଥିଲେ। ଏହାର ପ୍ରତି ବଦଳରେ ମରହଟ୍ଟାମାନେ ଏକ ଲକ୍ଷ ମୁଦ୍ରା ଦାବୀ କରିଥିଲେ। ଯୁଦ୍ଧ ପରେ ପାରଳାଖେମୁଣ୍ଡିର ରାଜା ପରାସ୍ତ ହୋଇଥିଲେ, କିନ୍ତୁ ଅର୍ଥନୈତିକ ସଙ୍କଟ କାରଣରୁ ରାଜା ବୀର କିଶୋର ଦେବ ମରହଟ୍ଟା ମାନଙ୍କର ସର୍ତ୍ତକୁ ରକ୍ଷା କରିପାରି ନଥିଲେ। ଫଳରେ ସେ ତାଙ୍କର ଶାସିତ ଚାରୋଟି ପ୍ରଗଣା ଯଥା ପୁରୀ ନିକଟସ୍ଥ ରାହାଙ୍ଗ, ବ୍ରହ୍ମଗିରି ନିକଟସ୍ଥ ଚବିଶକୁଦ, ସତ୍ୟବାଦୀ ନିକଟସ୍ଥ ସିରାଇ ଏବଂ ଡେଲାଙ୍ଗ ନିକଟସ୍ଥ ଲେମ୍ବାଇ ସବୁକୁ ମରହଟ୍ଟା ମାନଙ୍କୁ ଦେଇଦେଇଥିଲେ। ଏହି ଚାରୋଟି ପ୍ରଗଣା ରାଜାଙ୍କର ରାଜସ୍ୱ ଆଦାୟର ମୂଳାଧାର ଥିଲା, ଯାହାକି ଜଗନ୍ନାଥ ମନ୍ଦିରର ରକ୍ଷଣା ବେକ୍ଷଣା ତଥା ସମସ୍ତ କ୍ରିୟା ପଦ୍ଧତି ପାଇଁ ଖର୍ଚ୍ଚ କରାଯାଉଥିଲା। ଦ୍ୱିତୀୟ ଦିବ୍ୟସିଂହ ଦେବଙ୍କ ସମୟରେ ଜୟୀ ରାଜଗୁରୁ ନିଜର ୪୧ ବର୍ଷ ବୟସରେ (୧୭୩୯ ମସିହା ଅକ୍ଟୋବର ୨୯ ତାରିଖ ପବିତ୍ର ଅଁଳା ନବମୀ ରେ ଜନ୍ମିତ) ୧୭୮୦ ମସିହାରେ ରାଜାଙ୍କର ରାଜଗୁରୁ ରୂପେ ଦାୟିତ୍ୱ ଗ୍ରହଣ କରିଥିଲେ। ସେତେବେଳେ ରାଜା ଦିବ୍ୟସିଂହ ଦେବଙ୍କ ରାଜତ୍ୱ ଅର୍ଥନୈତିକ ସଂକଟ ଦେଇ ଗତି କରୁଥିଲା। ୧୭୯୦ ମସିହାରେ ରାଜାଙ୍କର ମୃତ୍ୟୁ ପରେ ବାହ୍ୟ ଶକ୍ତିଙ୍କ ବଳରେ ତାଙ୍କର ଭାଇ ଶ୍ୟାମ ସୁନ୍ଦର ଦେବ ସିଂହାସନ ଛଡାଇ ନେବା ପାଇଁ ଦାବୀ କରିଥିଲେ। ମାତ୍ର ନ୍ୟାୟବନ୍ତ ଜୟୀ ରାଜଗୁରୁଙ୍କ ଭଳି ରାଜାଙ୍କର ଜଣେ ମହାନ୍ ସମର୍ଥକ ଦିବ୍ୟସିଂହ ଦେବଙ୍କ ନାବାଳକ ପୁତ୍ର ଦ୍ୱିତୀୟ ମୁକୁନ୍ଦ ଦେବଙ୍କୁ ୧୭୯୮ ମସିହାରେ ସିଂହାସନରେ ଅଭିଷିକ୍ତ କରାଇବାରେ ସମର୍ଥ ହୋଇଥିଲେ। ଜୟୀ ରାଜଗୁରୁ ନିଜେ ରାଜ୍ୟର ରଜଗୁରୁ ତଥା ପ୍ରଶାସକ ଭାବରେ ଦ୍ୱୈତ ଦାୟିତ୍ୱ ନିର୍ବାହ କରିଥିଲେ। ତାଙ୍କ ପ୍ରତି ସ୍ୱୟଂ ରାଜା ଏବଂ ମନ୍ତ୍ରୀ ପରିଷଦର ଅକୁଣ୍ଠ ସମର୍ଥନ ରହିଥିଲା, କାରଣ କେବଳ ଜଣେ ରାଜଗୁରୁ ଏବଂ ଶାସ୍ତ୍ରକାର ଭାବରେ ତାଙ୍କର ବିଭିନ୍ନ ଶାସ୍ତ୍ର ଉପରେ ଅଗାଧ ପାଣ୍ଡିତ୍ୟ ନ ଥିଲା, ଜଣେ ଦକ୍ଷ ସୈନିକ ଭାବରେ ଗୁଳିଗୋଳା କମାଣକୁ ପରିଚାଳନା କରିବାରେ ମଧ୍ୟ ସେ ସିଦ୍ଧହସ୍ତ ଥିଲେ।

ସେତେବେଳର ଖୋର୍ଦ୍ଧା ରାଜ୍ୟର ପରିସୀମା ୧୫୦୦୦ ବର୍ଗ ମାଇଲ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା, ଯହିଁରେ ୭୧ଟି ଦୁର୍ଗ ଏବଂ ସୁଦକ୍ଷ ସୈନ୍ୟବାହିନୀ ମଧ୍ୟରେ ଦଳବେହେରା, ଦଳେଇ, ନାୟକ ଏବଂ ପାଇକଙ୍କ ଭଳି ସୈନ୍ୟ ସାମନ୍ତ ରୂପେ ପରିଗଣିତ ହେଉଥିଲେ। ସାମରିକ ବ୍ୟବସ୍ଥାରେ ଦଳବେହେରାମାନେ ପ୍ରମୁଖ ଭୂମିକା ଗ୍ରହଣ କରୁଥିଲେ ଏବଂ ଦଳାଇ, ନାୟକ ପ୍ରଭୃତି ଯଥାକ୍ରମେ ସ୍ୱତନ୍ତ୍ର ସେନାନୀ ତଥା ଗ୍ରାମ ଗୁଡିକରେ ପ୍ରମୁଖ ଭାବରେ ରହୁଥିଲେ। କିନ୍ତୁ ସେନା ବାହିନୀର ପ୍ରମୁଖ ଶକ୍ତି ଥିଲେ 'ପାଇକ', ଯେଉଁମାନଙ୍କର ଯୁଦ୍ଧ ସମ୍ବଳିତ କଳା ନୈପୁଣ୍ୟ ହିଁ ତାଙ୍କୁ ସେନାବାହିନୀର ପ୍ରମୁଖତା ପ୍ରଦାନ କରିଥିଲା। ପାଇକର ଆକ୍ଷରିକ ଅର୍ଥ ହେଉଛି 'ପଦାତିକ' ଏବଂ ତାଙ୍କ କାର୍ଯ୍ୟ ପଦ୍ଧତି ଇଚ୍ଛାଧିନ ଥିଲେ ମଧ୍ୟ ଆଜ୍ଞାଶୀଳ ଥିଲା। ପାଇକମାନେ ରାଜ୍ୟର ରାଜକୀୟ ସୈନ୍ୟ ନ ଥିଲେ ବି ସେମାନଙ୍କୁ କିଛି ପାରିଶ୍ରମିକ ଦିଆଯାଉନଥିଲା, କିନ୍ତୁ ରାଜା ସେମାନଙ୍କୁ ଚାଷ କାର୍ଯ୍ୟ କରିବା ପାଇଁ କିଛି ଭୂମି ପ୍ରଦାନ କରିଥିଲେ। ବାହ୍ୟ ଶତୃଙ୍କ ଆକ୍ରମଣ ଆଶଙ୍କା କିମ୍ବା ଯୁଦ୍ଧର ଆଶଙ୍କା ବେଳେ ସେମାନଙ୍କୁ ସୈନ୍ୟବାହିନୀରେ ସାମିଲ କରାଯାଉଥିଲା। ଦଳବେହେରା ଏବଂ ଦଳାଇମାନଙ୍କ ଅଧିନରେ ଥିବା ପାଇକ ମାନଙ୍କ ବ୍ୟତୀତ ରାଜାଙ୍କର ପ୍ରାୟ ୧୫୦୦୦ ସ୍ୱତନ୍ତ୍ର ସୈନ୍ୟସାମନ୍ତ ଥିଲେ ଯେଉଁମାନଙ୍କୁ ଜୟୀ ରାଜଗୁରୁ ପ୍ରତ୍ୟକ୍ଷ ଭାବରେ ପରିଚାଳନା କରୁଥିଲେ। ପଦାତିକ ବାହିନୀ ବ୍ୟତୀତ ରାଜାଙ୍କର ୪୦୦୦ ଅଶ୍ୱ ଏବଂ ୨୦୦୦ ହସ୍ତୀ ମଧ୍ୟ ସୈନ୍ୟବାହିନୀରେ ନିୟୋଯିତ ହୋଇଥିଲେ।

ଦେଶରେ କେନ୍ଦ୍ରୀୟ ଶାସକଙ୍କର ଦୁର୍ବଳତା ତଥା କ୍ଷୁଦ୍ର କ୍ଷୁଦ୍ର ରାଜବଂଶ ମାନଙ୍କ ମଧ୍ୟରେ ଅନ୍ତର୍ଦ୍ୱନ୍ଦର ସୁଯୋଗ ନେଇ ବ୍ରିଟିସ୍ ଇଷ୍ଟ୍ ଇଣ୍ଡିଆ କଂପାନୀ ତାର ବାଣିଜ୍ୟିକ କାରବାର ସହିତ ନିଜର ରାଜନୈତିକ ଅଭିସନ୍ଧି ଫଳବତୀ କରିବା ପାଇଁ ଯୋଜନା କରିଥିଲା। ଫଳରେ ସେମାନେ ଗୋଟିକ ପରେ ଗୋଟିଏ ରାଜ୍ୟ ଅଧିଗ୍ରହଣ କରିବା ସହିତ କଲିକତା, ବମ୍ବେ ଏବଂ ମାନ୍ଦ୍ରାଜରେ ତାଙ୍କର କେନ୍ଦ୍ର ସ୍ଥାପନା କଲେ। ଉତରରେ ବଙ୍ଗଳା ଠାରୁ ଦକ୍ଷିଣରେ ମାନ୍ଦ୍ରାଜ ପର୍ଯ୍ୟନ୍ତ ପ୍ରତିରୋଧ ବିହୀନ ଜୟଯାତ୍ରା ପାଇଁ ସେମାନେ ଖୋର୍ଦ୍ଧା ଅଂଚଳକୁ ଅଧିକାର କରିବାର ଆବଶ୍ୟକତା ଅନୁଭବ କଲେ। ଚତୁର ଇଂରେଜମାନେ ଖୋର୍ଦ୍ଧାର ଗଜପତି ଦ୍ୱିତୀୟ ମୁକୁନ୍ଦଦେବଙ୍କ ସହିତ ମୁକ୍ତ ଯୋଗାଯୋଗ ପଥ ତଥା ମରହଟ୍ଟା ମାନଙ୍କୁ ପରାସ୍ତ କରିବା ପାଇଁ ସହଯୋଗ କରିବାର ବୁଝାମଣା କଲେ। ଯଦିଓ ଜୟୀ ରାଜଗୁରୁ ଏକ ଦୂରଦର୍ଶୀ ଚିନ୍ତକ ଭାବରେ ଇଂରେଜ ମାନଙ୍କର ଏହି ବୁଝାମଣାକୁ ପ୍ରତିରୋଧ କରିଥିଲେ, କିନ୍ତୁ ପରବର୍ତୀ ସମୟରେ ରାଜାଙ୍କ ଚାପରେ ରାଜି ହୋଇଥିଲେ। ବୁଝାମଣା ପତ୍ର ଅନୁଯାୟୀ ରାଜାଙ୍କୁ ଇଂରେଜ ମାନେ ଏକ ଲକ୍ଷ ଟଙ୍କା ଦେବା ସହିତ ମରହଟ୍ଟା ମାନଙ୍କ କବଳରେ ଥିବା ରାଜା ବୀର କିଶୋର ଦେବଙ୍କ ସ୍ୱପ୍ନର ଚାରୋଟି ପ୍ରଗଣା ଫେରସ୍ତ କରିଦେବା ପାଇଁ ସର୍ତ୍ତ ରଖିଥିଲେ। ବୁଝାମଣା ଅନୁଯାୟୀ କର୍ଣ୍ଣେଲ ହାରକୋର୍ଟଙ୍କ ନିର୍ଦ୍ଦେଶରେ ଇରେଜ ସେନା ବାହିନୀ ୧୮୦୩ ମସିହା ସେପ୍ଟେମ୍ବର ୧୧ ତାରିଖରେ ଖୋର୍ଦ୍ଧା ଅଂଚଳରେ ପ୍ରବେଶ କଲେ ଏବଂ ୧୭୫୧ରୁ ଓଡିଶାକୁ ଦଖଲ କରିଆସୁଥିବା ମରହଟ୍ଟା ମାନଙ୍କୁ କଟକ ବାରବାଟି ଦୁର୍ଗରୁ ଅକ୍ଟୋବର ୧୪ରେ ବେଦଖଲ କରି ନିଜେ ଅକ୍ତିଆର କରିନେଲେ।

କିନ୍ତୁ ବିଶ୍ୱାସଘାତକ ଇଂରେଜ ମାନେ ରାଜାଙ୍କ ସହିତ ହୋଇଥିବା ସର୍ତ୍ତ ଓ ବୁଝାମଣାକୁ ଖିଲାପ କରି ରାଜାଙ୍କୁ ଟଙ୍କା ଏବଂ ଚାରୋଟି ପ୍ରଗଣା ଦେଲେ ନାହିଁ। ରାଜାଙ୍କ ଦ୍ୱାରା ବାରମ୍ବାର ମନେ ପକାଇ ଦିଆଯାଇଥିଲେ ମଧ୍ୟ ବ୍ରିଟିଶ ଅଧିକାରୀମାନେ ଏହି ବିଷୟରେ ଉଦାସୀନ ରହିଥିଲେ। ଅପର ପକ୍ଷରେ ୧୮୦୩ ମସିହା ନଭେମ୍ବର ୧୯ରେ ଇଂରେଜମାନଙ୍କୁ ରାଜା ସ୍ୱୀକୃତୀ ପ୍ରଦାନ କରି ସଲାମୀ ଆକାରରେ ନିର୍ଦ୍ଦିଷ୍ଟ ପରିମାଣର ମୁଦ୍ରା ଦେବାପାଇଁ ଇଂରେଜ ମାନେ ଘୋଷଣା କରିଥିଲେ। ଆଶ୍ଚର୍ଯ୍ୟ ବଶତଃ, ଏହି ଘୋଷଣା ନାମାରେ ଖୋର୍ଦ୍ଧା ରାଜ୍ୟର ସ୍ୱାଧିନତା ଉପରେ କୌଣସି ସର୍ତ୍ତ ବା ରାଜ୍ୟର କ୍ଷତିପୂରଣ ପାଇଁ ଅର୍ଥ ବା ଚାରୋଟି ପ୍ରଗଣା ଫେରସ୍ତ ବାବଦରେ କୌଣସି ବ୍ୟବସ୍ଥା ନଥିଲା। ବରଂ ରାଜାଙ୍କୁ ନିଃସର୍ତ୍ତ ଭାବରେ ଏହି ଘୋଷଣାନାମାରେ ସ୍ୱାକ୍ଷର କରିବାକୁ କୁହାଗଲା। ଫଳରେ ଏହା ପୂର୍ବ ବର୍ଣ୍ଣିତ ଚାରୋଟି ପ୍ରଗଣାକୁ ଫେରିପାଇବାର ସ୍ୱପ୍ନରେ ଏକ ଦୃଢ଼ ଆଘାତ ଏବଂ ହତାଶାବୋଧ ସୃଷ୍ଟି କରିଥିଲା। ଜୟୀରାଜଗୁରୁ ରାଜାଙ୍କୁ ଇଂରେଜମାନଙ୍କ ସହିତ କୌଣସି ଚୁକ୍ତି ନକରିବାର କାରଣ ଏଠାରେ ସ୍ପଷ୍ଟ କରିଦେଇଥିଲେ। ସେତେବେଳେ ରାଜା ତାଙ୍କର ତୃଟିକୁ ଅନୁଭବ କରି ଜୟୀ ରାଜଗୁରୁଙ୍କ ପରାମର୍ଶ ଲୋଡିଥିଲେ। ଜୟୀ ରାଜଗୁରୁ ରାଜାଙ୍କୁ ଘୋଷଣାପତ୍ରରେ ଦସ୍ତଗତ ନ କରିବାକୁ ପରାମର୍ଶ ଦେଇଥିଲେ। କିନ୍ତୁ ପରେ ଗୋଟିଏ ସମାଧାନର ଉଦ୍ଦେଶ୍ୟ ରଖି ଜୟୀ ରାଜଗୁରୁ କଟକରେ କର୍ଣ୍ଣେଲ ହାରକୋର୍ଟଙ୍କୁ ସାକ୍ଷାତ କରିବାକୁ ସ୍ଥିର କଲେ। ତଦନୁଯାୟୀ ଜୟୀ ରାଜଗୁରୁ ଦୁଇ ହଜାର ପାଇକଙ୍କୁ ନେଇ କର୍ଣ୍ଣେଲ୍‌ଙ୍କୁ କଟକରେ ଘେରାବନ୍ଦୀ କରି ତାଙ୍କୁ ବିସ୍ମିତ କରିଦେଇଥିଲେ। ଏହାଦ୍ୱାରା କର୍ଣ୍ଣେଲ୍ ହାରକୋର୍ଟ ମାତ୍ର ୪୦ ହଜାର ଟଙ୍କା ଦେଲେ, କିନ୍ତୁ ଚାରୋଟି ଯାକ ପ୍ରଗଣାକୁ ମରହଟ୍ଟା ମାନଙ୍କ ଠାରୁ ଇଂରେଜମାନେ ଜୟ କରି ନେଇଥିବାରୁ ସେଗୁଡିକୁ ନ ଫେରାଇବାକୁ ଯୁକ୍ତି ବାଢ଼ିଥିଲେ। ଜୟୀ ରାଜଗୁରୁ ଏହି ଟଙ୍କାକୁ ଏକ କୌଶଳ ରୂପେ ଗ୍ରହଣ କରି ଭବିଷ୍ୟତରେ ଚାରୋଟି ପ୍ରଗଣାକୁ ଇଂରେଜ ମାନଙ୍କ ଠାରୁ ଯୁଦ୍ଧ ମାଧ୍ୟମରେ ପୁନରୁଦ୍ଧାର କରିବା ପାଇଁ ନିଷ୍ପତି ନେଇଥିଲେ। ପରେ ପାଇକ ମାନଙ୍କୁ ସଂଗଠିତ କରିବା ଏବଂ ତାଲିମ ଦେବାପାଇଁ ସେହି ଟଙ୍କାକୁ ଖର୍ଚ୍ଚ କରିବାକୁ ମନସ୍ଥ କଲେ। କଟକରୁ ପ୍ରତ୍ୟାବର୍ତନ ପରେ ଜୟୀ ରାଜଗୁରୁ ଇଂରେଜମାନଙ୍କ ସହିତ ଏକ ନିର୍ଣ୍ଣାୟକ ଯୁଦ୍ଧ କରିବା ପାଇଁ ସମସ୍ତ ପ୍ରକାର ଆୟୋଜନରେ ଲାଗିପଡିଲେ।

ବ୍ରିଟିଶ୍ ଶକ୍ତିର ମୁକାବିଲା ପାଇଁ ଜୟୀ ରାଜଗୁରୁ ଏକ ବିସ୍ତୃତ ଯୋଜନା ପ୍ରସ୍ତୁତ କଲେ। ପାଇକ ମାନଙ୍କ ଯୁଦ୍ଧ ନୈପୁଣ୍ୟ ତଥା ଶୃଙ୍ଖଳାକୁ ଆଧାର କରି ଜଗଦ୍ଦେବ, ତୁଙ୍ଗା, ଝାପଟସିଂହ, ଉତର କବାଟ, ଦକ୍ଷିଣ କବାଟ, ବାହୁବଳେନ୍ଦ୍ର, ଦିଆନବାଘ, ଶତୃଶଲ୍ୟ, ବାହିନୀପତି, ମହାରଥି, ଖଡଗରାୟ, ଭ୍ରମରବର, ମଲ୍ଲ, ଷଣ୍ଢ, ମଙ୍ଗରାଜ ପ୍ରଭୃତି ନୂତନ ଉପାଧି ସବୁ ପ୍ରଦାନ କରାଯାଇ ସୈନ୍ୟ ବାହିନୀକୁ ଆହୁରି ସୁଦୃଢ଼ କରାଗଲା। ନୂଆକରି ଗଢାଯାଇଥିବା ପାଇକ ବାହିନୀର ନବ ନିଯୁକ୍ତ ସୈନ୍ୟମାନଙ୍କୁ ରଣକୌଶଳ ଶିକ୍ଷା ଦେବା ପାଇଁ ମରହଟ୍ଟା ସର୍ଦ୍ଦାର ମାନଙ୍କୁ ନିଯୁକ୍ତି ଦିଆଗଲା। ଅତ୍ୟଧିକ ପରିମାଣରେ ଯୁଦ୍ଧାସ୍ତ୍ର ନିର୍ମିତ କରାଯାଇ ସେଗୁଡିକୁ ସୁରକ୍ଷିତ ସ୍ଥାନରେ ସଂରକ୍ଷିତ ରଖାଗଲା। ଗଡ ଗୁଡିକର ସୁରକ୍ଷା ପାଇଁ ଚତୁର୍ପାଶ୍ୱରେ ଅଧିକ ସଂଖ୍ୟକ ସୈନ୍ୟ ସହିତ ଯୁଦ୍ଧାସ୍ତ୍ର ନିୟୋଜନ କରାଗଲା। କୁଜଙ୍ଗ, କନିକା ଆଦି ଛୋଟ ଛୋଟ ରାଜ୍ୟର ଶାସକ ମାନଙ୍କୁ ଯୁଦ୍ଧ ସମୟରେ ସହଯୋଗ କରିବା ପାଇଁ ପ୍ରସ୍ତୁତ ରହିବାକୁ ଯୋଗାଯୋଗ କରାଗଲା। ଯୁଦ୍ଧରେ ସହଯୋଗ କରି ଇଂରେଜ ମାନଙ୍କୁ ପରାସ୍ତ କରିବା ପାଇଁ ନାଗପୁରର ମରହଟ୍ଟା ଶାସକଙ୍କୁ ଅନୁରୋଧ କରାଗଲା। ଯୁଦ୍ଧ କରିବାର ସମସ୍ତ କୌଶଳ ତଥା ସୂଚୀ ପ୍ରସ୍ତୁତ କରାଇବା ପାଇଁ ମରହଟ୍ଟାର ଶାସକ ନାଗପୁରରୁ ଆନ୍ତୋଜୀ ନାୟକଙ୍କୁ ଓଡିଶା ପଠାଇଲେ। ସେହି ସ୍ୱଳ୍ପ ସମୟ ବ୍ୟବଧାନରେ ଜୟୀ ରାଜଗୁରୁ ବ୍ରିଟିଶ୍ ଶାସନ ବିରୋଧରେ ଏକ ଦକ୍ଷ ଜାତୀୟତାବାଦୀ ନେତା ଭାବରେ ନିଜର ପରିଚୟ ସୃଷ୍ଟି କରିଥିଲେ।

୧୮୦୪ ମସିହା ଅକ୍ଟୋବର ମାସ ଶେଷ ଆଡକୁ ବ୍ରିଟିଶ୍ ସୈନ୍ୟ ଖୋର୍ଦ୍ଧା ଆକ୍ରମଣ ପାଇଁ ଯୋଜନା କଲେ। ନଭେମ୍ବର ମାସ ୨୨ ତାରିଖରେ ପାଇକମାନେ ପିପିଲି ଏବଂ ଡେଲାଙ୍ଗ ଠାରେ ବ୍ରିଟିସ ସୈନ୍ୟଙ୍କୁ ପ୍ରବଳ ବିରୋଧ କରିଥିଲେ। ଏହି ପ୍ରତିରୋଧ ଏତେ ଭୟଙ୍କର ଥିଲା ଯେ, ବ୍ରିଟିଶ ସୈନ୍ୟମାନେ ସଂପୂର୍ଣ୍ଣ ଭୟଭିତ ହୋଇଯାଇଥିଲେ। ସେମାନେ ତାଙ୍କର ବେଙ୍ଗଲ୍‌ର ଦ୍ୱିତୀୟ ଏବଂ ସପ୍ତମ ବିଭାଗ ସହିତ ମାନ୍ଦ୍ରାଜର ସପ୍ତଦଶତମ ବାଟାଲିଅନ୍‌ର ୧୦,୦୦୦ ସୈନ୍ୟଙ୍କୁ ଏହି ଯୁଦ୍ଧରେ ନିୟୋଜନ କରିଥିଲେ, ଯାହାର ନେତୃତ୍ୱ ନେଇଥିଲେ ମେଜର୍ ଫ୍ଲେଚର୍, କର୍ଣ୍ଣେଲ୍ ହାର୍‌କୋର୍ଟ, କାପ୍ଟେନ ହିକ୍‌ଲାଣ୍ଡ ଏବଂ ଷ୍ଟୋନର୍। ପାଇକମାନେ ଗଙ୍ଗପଡା, ତରତୁଆ ଏବଂ ଟାଙ୍ଗିଆପଡା ଠାରେ ଅତ୍ୟନ୍ତ ଦୃଢତାର ସହିତ ଇଂରେଜ ସୈନ୍ୟମାନଙ୍କୁ ପ୍ରତିରୋଧ କରିଥିଲେ। ଏହି ଯୁଦ୍ଧ ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ଭାବରେ ଭୟଙ୍କର ଥିବାରୁ ବ୍ରିଟିଶ ଅଧିକାରୀମାନେ ତିନି ସପ୍ତାହ ଧରି ଅଣନିଶ୍ୱାସୀ ହୋଇପଡିଥିଲେ। ଏହି ସମୟରେ ଜୟୀ ରାଜଗୁରୁ ମରହଟ୍ଟା ମାନଙ୍କର ସାମରିକ ସାହାଯ୍ୟ ନେବାପାଇଁ ବ୍ୟବସ୍ଥା କରିଥିଲେ, ମାତ୍ର ଦୁର୍ଭାଗ୍ୟବଶତଃ ଜୟୀ ରାଜଗୁରୁଙ୍କ ପତ୍ର ବାହକକୁ ଇଂରେଜମାନେ ସମ୍ବଲପୁରରୁ ଧରିନେଇ ଥିବାରୁ ଏହା ଫଳପ୍ରଦ ହୋଇ ନଥିଲା। ଇତି ମଧ୍ୟରେ ରାଜାଙ୍କର ନିରାପତା ଦୃଷ୍ଟିରୁ ଜୟୀ ରାଜଗୁରୁ ତାଙ୍କୁ ପୁରୀର ଗଙ୍ଗାମାତା ମଠକୁ କିଛି ଚୋରା ସତର୍କ ସୂଚନା ସହିତ ପଠାଇ ଦେଇଥିଲେ। ଜୟୀ ରାଜଗୁରୁଙ୍କ ବଳିଷ୍ଠ ଯୁଦ୍ଧ ପରିଚାଳନା ସତ୍ୱେ ଇଂରେଜ ସୈନ୍ୟ ବାହିନୀର ଅତ୍ୟାଧୁନିକ ଗୁଳିଗୋଳା ଏବଂ ଯୁଦ୍ଧାସ୍ତ୍ର ଯୋଗୁ ଶେଷରେ ଖୋର୍ଦ୍ଧା ଦୁର୍ଗର ଅବସାନ ଘଟିଥିଲା। ପରେ ଜୟୀ ରାଜଗୁରୁ ଜଙ୍ଗଲରେ ଲୁଚି ରହି ମଧ୍ୟ ପାଇକ ମାନଙ୍କୁ ସଂଗଠିତ କରି ଇଂରେଜ ମାନଙ୍କ ବିରୋଧରେ ତାଙ୍କର ସଂଗ୍ରାମ ଜାରୀ ରଖିଥିଲେ। ରଣପୁର ଜଙ୍ଗଲ ନିକଟରେ ପାଇକ ମାନଙ୍କୁ ଏକାଠି କରି ବ୍ରିଟିଶ ଶାସନ ବିରୋଧରେ ଅନ୍ୟ ଏକ ଷଡଯନ୍ତ୍ର କରୁଥିବା ବେଳେ ବିଶ୍ୱାସ ଘାତକତାର ଶୀକାର ହୋଇ ଜୟୀ ରାଜଗୁରୁ ୧୮୦୩ ମସିହା ଜାନୁୟାରୀ ୩ ତାରିଖରେ ଇଂରେଜ ମାନଙ୍କ ଦ୍ୱାରା ଧରାପଡି କଟକ ଜେଲରେ ରହିଥିଲେ। ଏହା ସତ୍ୟ ଯେ, କନିକାର ରାଜା ବଳଭଦ୍ର ଭଞ୍ଜ ଏବଂ କୁଜଙ୍ଗର ରାଜା ଚକ୍ରଧ୍ୱଜ ଷେଣ୍ଢ ଇଂରେଜ ସୈନ୍ୟଙ୍କୁ ବିରୋଧ କରିଥିଲେ ମଧ୍ୟ ତାଙ୍କ ସାମ୍ନାରେ ପରାଜୟ ସ୍ୱୀକାର କରିଥିଲେ। ଏହାପରେ ଐତିହାସିକ ଜଗନ୍ନାଥ ମନ୍ଦିରରେ ସମସ୍ତ ପୂଜାବିଧି ତଥା ଯାନିଯାତ୍ରାରେ ରାଜାଙ୍କର ନାମକୁ ହଟାଇ ଦିଆଯାଇଥିଲା, ଯାହାଥିଲା ଖୋର୍ଦ୍ଧା ଇତିହାସରେ ଏକ ଅନ୍ଧକାରର ଯୁଗ। ଖୋର୍ଦ୍ଧାଗଡକୁ ଜୟ କରିବା ପରେ ବ୍ରିଟିଶ୍‌ମାନେ ବେଙ୍ଗଲ୍ ଓ ମାନ୍ଦ୍ରାଜ୍ ମଧ୍ୟରେ ରହିଥିବା ଓଡିଶାର ସମସ୍ତ ଅଂଚଳକୁ ଦଖଲ କରି ନେଇଥିଲେ।

ପରବର୍ତୀ ସମୟରେ ଜୟୀ ରାଜଗୁରୁଙ୍କର ବିଚାର ହୋଇଥିଲା ୧୮୦୬ ମସିହା ଡିସେମ୍ବର ୫ ତାରିଖରେ। ଚତୁର ଇଂରେଜ ଅଧିକାରୀ କର୍ଣ୍ଣେଲ ହାରକୋର୍ଟ ରାଜା ଦ୍ୱିତୀୟ ମୁକୁନ୍ଦ ଦେବଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଜୟୀ ରାଜଗୁରୁଙ୍କ ବିରୋଧରେ ଏକ ପୂର୍ବ ପ୍ରସ୍ତୁତ ଚିଠି ମାଧ୍ୟମରେ କୋର୍ଟରେ ଦର୍ଶାଇ ଜୟୀ ରାଜଗୁରୁଙ୍କୁ ଦୋଷୀ ସାବ୍ୟସ୍ତ କଲେ। ଏହା ଆଶ୍ଚର୍ଯ୍ୟ ଥିଲା କି, ଜୟୀ ରାଜଗୁରୁ ଘଟି ଯାଇଥିବା ସମସ୍ତ କାର୍ଯ୍ୟ ପାଇଁ କୋର୍ଟ ସାମ୍ନାରେ ନିଜକୁ ଦୋଷୀ ଭାବରେ ଦର୍ଶାଇଥିଲେ। ରାଜ୍ୟର ପ୍ରଜା ମାନଙ୍କର ବୃହତର ସ୍ୱାର୍ଥ ଦୃଷ୍ଟିରୁ ରାଜ୍ୟର ସ୍ୱାଧିନତା ପାଇଁ ରାଜାଙ୍କର ରକ୍ଷାକର୍ତା ଭାବରେ ଇଂରେଜ ମାନଙ୍କ ବିରୋଧରେ ଲଢିଥିଲେ ବୋଲି ସେ ସାହସର ସହିତ କୋର୍ଟରେ କହିଥିଲେ। ମାଟି ମାଆର ସୁରକ୍ଷା ପାଇଁ ଏହା ଥିଲା ତାଙ୍କର ପ୍ରଥମ କର୍ତବ୍ୟ। ସେ ପୁଣି କହିଥିଲେ ଖୋର୍ଦ୍ଧା କେବେହେଲେ ମୋଗଲ୍, ମରହଟ୍ଟା, ଇଂରେଜ ବା ଅନ୍ୟ କେହି ଶାସକଙ୍କ ହାତକୁ ଯାଇ ନଥିଲା। ତେଣୁ ଖୋର୍ଦ୍ଧାର ସୁରକ୍ଷା ଏବଂ ସ୍ୱାଧିନତା ପାଇଁ ଲଢିବା ଥିଲା ତାଙ୍କର ପ୍ରଧାନ କାର୍ଯ୍ୟ। ଏହା କେବେହେଲେ ତାଙ୍କ ପାଇଁ ଭୁଲ ନଥିଲା ଏବଂ ସେ ଯେଉଁ ଇଂରେଜ ମାନଙ୍କ ବିରୋଧରେ ସଂଗ୍ରାମ କରିଥିଲେ, ସେଥିପାଇଁ ଗର୍ବିତ ଥିଲେ ବୋଲି ସେ ଦୃଢତାର ସହିତ କହିଥିଲେ। ରାଜାଙ୍କ ଦ୍ୱାରା ତାଙ୍କ ପ୍ରତି ହୋଇଥିବା ବିଶ୍ୱାସ ଘାତକତାକୁ କେବେହେଲେ ସେ ଗୁରୁତ୍ୱ ଦେଇ ନଥିଲେ ଏବଂ ଏହି ପ୍ରକାର ଦୋଷୀ ହୋଇଥିବା ଯୋଗୁ ସେ ଯେକୌଣସି ପ୍ରକାର ଦଣ୍ଡକୁ ସ୍ୱୀକାର କରିବାକୁ ପ୍ରସ୍ତୁତ ଅଛନ୍ତି ବୋଲି କହିଥିଲେ, ଯାହା ଥିଲା ଜୟୀ ରାଜଗୁରୁଙ୍କର ମହାନତାର ବିଶେଷ ପରିଚୟ। ଐତିହାସିକ ପ୍ରଫେସର ନାରାୟଣ ରାଓ ଜୟୀ ରାଜଗୁରୁଙ୍କୁ ତାଙ୍କର ସାହସିକତା ପାଇଁ ପୁରୁ ରାଜାଙ୍କ ସହିତ ତୁଳନା କରି କହିଛନ୍ତି ଯେ, ସାହସୀ ପୁରୁ ରାଜା ଆଲେକ୍‌ଜାଣ୍ଡାର୍‌ଙ୍କୁ ଯେଉଁଭଳି ସାହସିକତାର ସହ ଉତର ଦେଇଥିଲେ, ସେଥିରେ ଆଲେକ୍‌ଜାଣ୍ଡାର୍ ସନ୍ତୁଷ୍ଟ ହୋଇ ପୁରୁ ରାଜାଙ୍କୁ ତାଙ୍କର ସିଂହାସନ ଫେରାଇ ଦେଇଥିଲେ। ମାତ୍ର ଦୁଷ୍ଟଚରିତ୍ର କପଟି ଇଂରେଜ ପ୍ରଶାସକ ଜୟୀ ରାଜଗୁରୁଙ୍କର ଏଭଳି ସାହସିକତାର କଥା ଶୁଣି ତାଙ୍କୁ ଫାସି ଦେବାର ନିଷ୍ପତି ଶୁଣାଇଥିଲେ। ଏହି ମିଥ୍ୟା ବିଚାରର ସଂଦର୍ଭ ବିଚାରର ବହୁଦିନ ଆଗରୁ ପ୍ରସ୍ତୁତ କରାଯାଇଥିଲା। ମାତ୍ର କେବଳ ଔପଚାରିକତା ଦୃଷ୍ଟିରୁ ଏଭଳି ବିଚାରର ଅଭିନୟ କରାଯାଇଥିଲା। ଭାରତ ମାତାର ସାହସୀ ନିର୍ଭିକ ପୁତ୍ର ଜୟୀ ରାଜଗୁରୁଙ୍କୁ ଖୋର୍ଦ୍ଧାର ମଧ୍ୟ ଭାଗରେ ଥିବା ଏକ ବିଶାଳ ବରଗଛର ଚାରୋଟି ଡାଳକୁ ଟାଣି ଆଣି ଏକାଠି କରି ଦୁଇ ଗୋଡ ଏବଂ ଦୁଇ ହାତ ଗୁଡିକୁ ସେହି ଡାଳ ମାନଙ୍କରେ ଅଲଗା ଅଲଗା ଭାବରେ ଚାରି ଡାଳିଆ କରି ବାନ୍ଧି ଦେଇ ସେହି ଡାଳ ଗୁଡିକୁ ପୂର୍ବ ଅବସ୍ଥାକୁ ଛାଡି ଦିଆଯାଇ ଅତ୍ୟନ୍ତ ନୃସଂଶ ଭାବରେ ହତ୍ୟା କରାଯାଇଥିଲା। ଯାହାଦ୍ୱାରା ଜୟୀ ରାଜଗୁରୁଙ୍କର ଶରୀର ତତକ୍ଷଣାତ୍ ଦୁଇଫାଳ ହୋଇଯାଇଥିଲା ଏବଂ ସେଠାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ଜୟୀ ରାଜଗୁରୁ ତାଙ୍କର ମାଟି ମାଆ ଉଦ୍ଦେଶ୍ୟରେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ତାଙ୍କର ସେହି ଜଘନ୍ୟ ହତ୍ୟା ସମୟରେ ସେ ଅତ୍ୟନ୍ତ ନମ୍ର ଭାବରେ 'ବୀର ସପ୍ତପଦୀ'ର ଏକ ଶ୍ଳୋକ ଉଚ୍ଚାରଣ କରି ଅତ୍ୟନ୍ତ ସାହସିକତାର ସହିତ ନିଜର ମୃତ୍ୟୁକୁ ସ୍ୱୀକାର କରି ନେଇଥିଲେ। ତେଣୁ ଲୋକକଥାରେ କୁହା ଯାଇଛି – 'ଜୟୀଆ ପଛେ ଜୀବନ ଦେଲା ନୂଆଁଇ ନାହିଁ ମଥା'। ତାଙ୍କର ବଳିଦାନ ପରେ ସେହି ସମୟର ଓଡିଶା ରାଜ୍ୟ ତାର ସ୍ୱାଧିନତାର ସତା ହରାଇଥିଲା ଏବଂ ଓଡିଶାର ସ୍ୱର୍ଣ୍ଣିମ ଇତିହାସରେ ପୂର୍ଣ୍ଣଛେଦ ପଡିଥିଲା। ସେହି ସମୟରେ ଏହି ଘଟଣା ଏଭଳି କୋକୁଆ ଭୟ ସୃଷ୍ଟି କରିଥିଲା ଯେ ପରବର୍ତୀ ୧୧ ବର୍ଷ ପର୍ଯ୍ୟନ୍ତ ଏହି ବୀର ମାଟିରେ କୌଣସି ସଂଗ୍ରାମ ମୁଣ୍ଡ ଟେକି ନଥିଲା ।

ଆଜିର ପାଇକ ସଂଗ୍ରାମର ଦୁଇଶତ ବର୍ଷ ପୂର୍ତୀ ପାଳନର ଏହି ମହାର୍ଘ୍ୟ ମୂହୁର୍ତରେ ଆମେ ସେହି ମହାନ ବିପ୍ଳବୀ ବୀର ପୁଙ୍ଗବ ଜୟୀ ରାଜଗୁରୁ ଏବଂ ତାଙ୍କର ବଳିଦାନକୁ ବିସ୍ମରଣ କରିପାରିବା ନାହିଁ, ଯାହାକି ପାଇକ ମାନଙ୍କୁ ଇଂରେଜ ମାନଙ୍କ ବିରୋଧରେ ସଂଗ୍ରାମ କରିବା ପାଇଁ ଦୁର୍ବାର ପ୍ରେରଣା ଯୋଗାଇଥିଲା ଏବଂ ସେହି ପାଇକ ମାନଙ୍କର କୀର୍ତିକଳାପ, ତାଙ୍କର ସାହସ ଓ ପରାକାଷ୍ଠା ପରବର୍ତୀ ସମୟରେ ଅନେକ ଗୁଡିଏ ସଂଗ୍ରାମର ମୂଳଦୁଆ ପକାଇଥିଲା। ବକ୍ସି ଜଗବନ୍ଧୁଙ୍କ ଦ୍ୱାରା ୧୮୧୭ ମସିହାର ସଂଗ୍ରାମ, ମାଧବ ଚନ୍ଦ୍ର ରାଉତରାୟଙ୍କ ଦ୍ୱାରା ୧୮୨୭ ମସିହାର ତାପଙ୍ଗ ସଂଗ୍ରାମ, ଶରଣ ସିଂହ ଏବଂ କୃତିବାସ ପାଟଶାଣୀଙ୍କ ଦ୍ୱାରା ୧୮୩୬ ମସିହାର ବାଣପୁର ସଂଗ୍ରାମ, ଚନ୍ଦନ ହଜୁରୀ ଏବଂ ଚାଖି ଖୁଂଟିଆଙ୍କ ଦ୍ୱାରା ୧୮୫୭ ମସିହାର ସଂଗ୍ରାମ, ବୀର ସୁରେନ୍ଦ୍ର ସାଏଙ୍କ ଦ୍ୱାରା ସମ୍ବଲପୁରର ସଂଗ୍ରାମ, ଚକରା ବିଶୋଇଙ୍କ ଦ୍ୱାରା ଘୁମୁସର ଓ ବୌଦ୍ଧର କନ୍ଧ ସଂଗ୍ରାମ, ରାଧାକ୍ରିଷ୍ଣ ଦଣ୍ଡସେନାଙ୍କ ଦ୍ୱାରା ପାରଳାଖେମୁଣ୍ଡିର ଶବର ସଂଗ୍ରାମ, ଭାଗଲପୁର ଏବଂ ବୀରଭୂମିର ସାନ୍ତାଳ ସଂଗ୍ରାମ, ତୋମା ଦୋରାଙ୍କ ଦ୍ୱାରା ମାଲକାନାଗିରିର କୋୟା ସଂଗ୍ରାମ, ବିର୍ସାମୁଣ୍ଡାଙ୍କ ଦ୍ୱାରା ଛୋଟନାଗପୁରର ମୁଣ୍ଡା ସମ୍ପ୍ରଦାୟର ସଂଗ୍ରାମ ଆଦି ସମସ୍ତ ସଂଗ୍ରାମ ଗୁଡିକ ଇଂରେଜ ଆଇନ ବିରୋଧରେ ସଂଗଠିତ ହୋଇପାରିଥିଲା। ଦେଶ ଭକ୍ତିର ଲେଲିହାନ ଶିଖା ଜୟୀ ରାଜଗୁରୁଙ୍କ ଭିତରେ ଏପରି ଭାବରେ ଉଦଭାଷିତ ହୋଇଥିଲା ଯେ, ସେ ସମସ୍ତ ପ୍ରକାର ସଂଗ୍ରାମର ରୋମାଂଚକାରୀ ପ୍ରତୀକ ଥିଲେ। ଏହି ବୀର ଜାତୀୟତାବାଦୀ ନେତାଙ୍କ ପ୍ରେରଣା ସମସ୍ତଙ୍କ ମଧ୍ୟରେ ଦେଶ ଭକ୍ତିର ମାନସିକତାକୁ ଆହୁରି ପ୍ରଜ୍ୱଳିତ କରିଥିଲା।

ବର୍ତମାନ ସମୟ ଉପନୀତ ହୋଇଛି, ଖୋର୍ଦ୍ଧାର ସେହି ବୀର ପାଇକ ପୁଙ୍ଗବ ମାନଙ୍କର ତଥା ପାଇକ ନେତା ଶହୀଦ୍ ଜୟୀ ରାଜଗୁରୁଙ୍କର ସ୍ମୃତିକୁ ରୋମନ୍ଥନ କରିବା ପାଇଁ, ଯେଉଁ ପାଇକ ମାନେ ଜୟୀ ରାଜଗୁରୁଙ୍କ ନେତୃତ୍ୱରେ ଯୁଦ୍ଧାସ୍ତ୍ରରେ ସଜ୍ଜିତ ହୋଇ ଓଡିଶା ମାଟିରେ ଇଂରେଜ ମାନଙ୍କୁ ଧ୍ୱସ୍ତ ବିଧ୍ୱସ୍ତ କରିଦେଇଥିଲେ। ଜୟୀ ରାଜଗୁରୁଙ୍କ ଜୀବନ ହେଉଛି ଦେଶ ଭକ୍ତି ଏବଂ ଆତ୍ମୋତ୍ସର୍ଗର ଏକ ରୋମାଂଚକର ଗାଥା। ପ୍ରଚଣ୍ଡ କୂଟନୀତି, ଦୁର୍ବାର ସାହସ ଏବଂ ବୀରତ୍ୱ ବଳରେ ଜୟୀରାଜଗୁରୁ ଇଂରେଜ ମାନଙ୍କର ଶାସନକୁ ଦୃଢ଼ ପ୍ରତିହତ କରିପାରିଥିଲେ। କିନ୍ତୁ ପରିତାପର ବିଷୟ ଇତିହାସ ପୃଷ୍ଠାରେ ତାଙ୍କର ଇଂରେଜ ମାନଙ୍କ ବିରୋଧରେ ଏହି ଦୁର୍ବାର ପ୍ରତିରୋଧାତ୍ମକ ସଂଗ୍ରାମ ତାର ଯୋଗ୍ୟ ଆସନ ପାଇପାରି ନାହିଁ। ସେ ପ୍ରକୃତରେ ଜାତୀୟତାବୋଧର ଏକ ଲଢୁଆ ବ୍ୟାଘ୍ର ଥିଲେ। ବାସ୍ତବରେ ସେ ହେଉଛନ୍ତି ଏହି ଜାତିର ଜୀବନ୍ତ ଇତିହାସ। ଆଜି କେବଳ ତାଙ୍କ ସ୍ମୃତିଚାରଣ କରିବାର ଦିନ ନୁହେଁ, ବରଂ ତାଙ୍କର ଆଦର୍ଶବାଦକୁ ବାସ୍ତବ ରୂପରେଖ ଦେବାର ସମୟ। ଆସନ୍ତୁ ଆମେ ସମସ୍ତେ ଆଜି ଶପଥ ନେବା, ଜୟୀ ରାଜଗୁରୁ ମାତୃଭୂମିର ସୁରକ୍ଷା ପାଇଁ ଯେପରି ନିଜର ଲହୁ ଲୁହକୁ ଅର୍ପଣ କରିଛନ୍ତି, ଆମେ ଆଜିର ଦିନରେ ଆମର ନିଃସ୍ୱାର୍ଥପର ବଳିଦାନ, ଉତ୍ସର୍ଗୀକୃତ ଭାବନା ଏବଂ ଲଢୁଆ ମନୋବୃତିକୁ ନେଇ ଦେଶର ଉନ୍ନତି କରିବାରେ ଅଗ୍ରସର ହେବା, ଯାହାକି ତାଙ୍କର ଏହି ଶ୍ରେଷ୍ଠ ବଳିଦାନ ପାଇଁ ହେବ ପ୍ରକୃତ ସମ୍ମାନ।

*ଅଧ୍ୟକ୍ଷ, ଜୟୀ ରାଜଗୁରୁ ସ୍ମୃତି ସଂସଦ, ଓଡ଼ିଶା,*
*ଟାଙ୍ଗିଆପଡା, ଖୋର୍ଦ୍ଧା - ୭୫୨୦୫୭*
*ଚଳଭାଷ - ୯୪୩୭୦୦୬୭୨୫*

## ଧାରାବାହିକ ଉପନ୍ୟାସ

ବିଧୁମଞ୍ଜୁଳ ରାତି ଓ ନୀଳପରୀ



ଡ. ମୌସୁମୀ ପରିଡା

ଭାଗ-୩୭




*(ପୂର୍ବପ୍ରକାଶ ଉତ୍ତାରୁ)*

ମନଟା କକ୍ଷଚ୍ୟୁତ ହେଲା କିଛି ସମୟ। ତାରି ଭିତରେ କେତେ ଅବଶୋଷ, କେତେ କ୍ଳାନ୍ତି, ଦୁଃଖ ଆଉ ଯନ୍ତ୍ରଣା ଅଲିଖିତ ଭାବେ ଲେଖି ହୋଇଗଲା। କୋହର ଜମାଟ ଭିତରେ ତଂଟିଟା ଅଠା ହୋଇଆସୁଛି। ଖୁବ୍ କଷ୍ଟ ହେଉଛି ତଂଟି, ଆଖି ଓ ହୃଦୟରେ..! ସତରେ ଭଲପାଇବା ପାପ ନା ପ୍ରତ୍ୟାଶା ରଖିବା ପାପ? ସେ କଣ ତା ଅଜାଣତରେ ସାନବାବୁଙ୍କଠାରୁ କିଛି ଆଶା କରିପକାଇଥିଲା? ସେ କଣ ନିଜର ସ୍ଥିତିକୁ ଭୁଲିଗଲା ସେତେବେଳେ? ହେଲେ କାହିଁକି ସେ ଚହଲିଗଲା? ଲାଗୁଥିଲା ଆଗରୁ କେତେ ଭଲଥିଲା ସେ! ସ୍ୱାଭାବିକ ଭାବେ ଜୀଉଁଥିଲା, ଖାଉଥିଲା, ଖେଳୁଥିଲା ଆଉ ତା ଭିତରେ କେତେ କାମ କରୁଥିଲା! ଜୀଇଁବାର ଗୋଟେ ସୁଖକର ସ୍ୱପ୍ନ ଥିଲା! ଭବିଷ୍ୟତଟା କଂଚା ମାଟିରେ ତିଆରି ମହଲ ଥିଲା। ସାନବାବୁ ସିଲଟରେ ଲେଖି ଦେଉଥିଲେ, ସେ ତା ଉପରେ ସେହି ଅକ୍ଷର ଉପରେ ନିଜ ମନ ଓ ହାତ ଥାପୁଥିଲା। ସେ ପାଠସବୁ ବୁଝାଇଦେଉଥିଲେ ଆଉ ସେ ବି ବୁଝିଯାଉଥିଲା। ଏବେ କିନ୍ତୁ ସେ ସମୟ ଆଉ କାହିଁ?

ସେ କିନ୍ତୁ ସାନବାବୁଙ୍କ ଅଲିଖିତ ପାଠକୁ ଏବେ ବି ମଡାଇ ଚାଲିଛି ତା ଅଲକ୍ଷ୍ୟରେ। ଆଜି ବି ଜୀବନର ଦ୍ୱନ୍ଦ୍ୱକୁ ସେ ବୁଝିବାକୁ ଚାହୁଁଛି ତାଙ୍କଠାରୁ। ଅଥଚ ତାଙ୍କ ହାତେ ସମୟ କାହିଁ! ନିଃଶବ୍ଦ ପୃଥିବୀ ଆଉ ସ୍ଥିର ଆକାଶ ଭିତରେ ଲୀନା ଯେପରି କ୍ଷୁଦ୍ର ଜୁଳୁଜୁଳିଆ ପୋକ ପାଲଟିଯାଇଛି! ତାରାର ଭ୍ରମ ସୃଷ୍ଟି କରି ଏଣେତେଣେ ଉଡିବୁଲୁଛି ସିନା,ହେଲେ ସେ ବୁଝିପାରୁନାହିଁ ଏହାଦ୍ୱାରା କାହା ଜୀବନର ଅନ୍ଧକାର ଦୂରୀଭୂତ ହେବନି। ସେ ଶକ୍ତି ଈଶ୍ୱର ହିଁ ତାକୁ ଦେଇନାହାନ୍ତି। ତଥାପି ତା ଦୁନିଆଁକୁ ଜୀଏଁ ସେ ଏକାକୀ..ଜୀବନର ସୁଖ ଅନ୍ୱେଷଣରେ ଇତଃସ୍ତତ ଘୂରିବୁଲେ। ଆଶ୍ରା ଓ ଆଶ୍ରୟ ଖୋଜିବସେ! ସ୍ୱଳ୍ପ ଜୀବନ ଭିତରେ ସେ ବି ଚାହେଁ ତା ନିଜର ସୁଖକର ସଂସାର ଆଉ ଗୋଟେ ସଜଳ ସକାଳ! ଫିକା ଫିକା ଚହଲା ଜହ୍ନରାତି ଭିତରେ ସେ ତା ନିଜର ଭବିଷ୍ୟତ ଦେଖିପାରେ। ନିର୍ନିମେଷ ନୟନରେ ସେ ଆକାଶକୁ ଚାହେଁ। ତାରାମାନଙ୍କ ମେଳରେ ସେ ନିଜର ପ୍ରିୟତାରାଟିକୁ ଖୋଜେ।

ଠିକ୍ ସେତିକିବେଳେ ତା ଆଖିଯୋଡିକ ଭିଜିଯାନ୍ତି ଲୁହରେ। ତା ଅମାନିଆ ମନ ଆଜିକାଲି ତା କଥା କୋଉ ମାନୁଛି ଯେ! ବେଳ ଅବେଳରେ ତା ଆଖିରୁ ଝରଝର ହୋଇ ଲୁହ ଝରିଯାଉଛି କିଛି ବାଧାବିଘ୍ନ ନମାନି। ସେ ତ ଆଗରୁ ଏମିତି ନଥିଲା। ହରିଣୀ ଭଳି ଚଞ୍ଚଳଥିଲା ପାଦ ଯୋଡିକ। ହେଲେ ସେ ପାଦ ଦୁଇଟିରେ ଆଜି ଶୃଂଖଳର ବେଡି। ସ୍ୱାଧୀନତା ନାହିଁ ଆଗ ପରି। ସବୁ ସ୍ଥାନଗୁଡିକରେ ସେ ଆଜିକାଲି ଅବାଧ ପ୍ରବେଶ କରେନି। ଦିନେ ସାନବାବୁ ନଥିବା ସମୟରେ କୌଣସି କାମପାଇଁ ସେ ତାଙ୍କ ରୁମ୍‌କୁ ଚାଲିଯାଇଥିଲା ବୋଲି ସାନ ମାଲିକାଣୀ ତା ଉପରେ ଖୁବ୍ ଅସନ୍ତୁଷ୍ଟ ହେଲେ। ବାରମ୍ବାର ତାଗିଦା କଲେ ଯେ ଅନୁମତି ନମାଗି କେବେ ରୁମ୍ ଭିତରକୁ ଯିବନି। ଏଇଟା ଶୋଭନୀୟ ନୁହେଁ। ଅଭଦ୍ରାମି..। ସେଥିପାଇଁ ସେ ଢେର୍ କାନ୍ଦିଛି। ମନଦୁଃଖ କରି ବଗିଚାରେ ଅନେକ ସମୟ ବସିରହିଛି।

ଜେଜେ ମା'କୁ କହିଲେ ସେ ଦୁଃଖୀ ହୋଇପଡିବ। ହେଲେ ସାନ ମାଲିକାଣୀଙ୍କ କଥାକୁ ସେ କାହିଁକି ଏତେ ଗୁରୁତ୍ୱ ଦେଉଛି ଯେ! ନିଜେ ସାନବାବୁ ତାକୁ ଡାକୁଛନ୍ତି ବେଳ ଅବେଳରେ। ସେ ତାଙ୍କ ବରାଦ ମୁତାବକ କୌଣସି ଜିନିଷ ଦେବାକୁ ବାହାରେ ଥାଇ କବାଟରେ ଆଘାତ କଲେ, ସେ କହୁଛନ୍ତି- ତୋତେ କଣ ରୁମ୍ ଭିତରକୁ ଆସିବାକୁ ଅନୁମତି ଦରକାର ପଡିଲାଣି? ତଥାପି ଲୀନାର ନୀରବତା। ସାନବାବୁ ଆଜିକାଲି ତା ସହିତ ଅଳ୍ପ ଅଳ୍ପ କଥା ହୁଅନ୍ତି। ତାଙ୍କ ଭିତରର ସେ ଲାଜୁଆ ସ୍ୱଭାବଟା ଅପସରି ଯାଇଛି କି କଣ! ହେଲେ ସେ ସ୍ୱାଭାବିକ ହୋଇପାରୁନି। ସାନ ମାଲିକାଣୀ କେତେବେଳେ କଣ ଯେ କହି ପକାଇବେ ସେଥିପାଇଁ ଡର ଲାଗୁଛି। ଆଜିକାଲି ସେ ହାତେ ମାପି ଚା'ଖଣ୍ଡେ ଚାଲୁଛି। ବିନା ଆବଶ୍ୟକତାରେ ଆଗୁଆ କିଛି ବି କରୁନି। କାଳେ ଅସ୍ୱାଭାବିକ ପରିସ୍ଥିତି ଉପୁଜିବ!

ଲୀନା ଦେହ ଓ ମନର ଚଂଚଳତା ଆଉ ନାହିଁ ପୂର୍ବପରି! ହରିଣୀଟାଏ ପରି ଆଜିକାଲି ସେ ଆଉ ଚପଳ ଛନ୍ଦରେ ଘୂରିବୁଲୁନି ଘର ଅଗଣା। ଚେହେରାରେ ମଳିନତା। ମାଲିକାଣୀ କେତେଥର କହିଲେଣି ଡାକ୍ତର ଦେଖାଇବାକୁ। ହେଲେ ଡାକ୍ତର କଣ ବୁଝିବେ ତା ମନବ୍ୟଥାକୁ? ଏଇଆ ଭାବି ଜେଜେମା' ମାଲିକାଣୀଙ୍କ କଥାକୁ ଅଶୁଣା କରିଦେଉଛି। ଜେଜେମା'ର ବି ଆଣ୍ଠିଗଣ୍ଠି ବାତ ବାହାରିଛି। ଯେତେ ତେଲ ଓ ଓଷଦ ଘସିଲେ ବି ଭଲ ହେଉନି।

(କ୍ରମଶଃ)

## ମିଛ ସହ ହାତାହାତି

ବଦ୍ରୀ ମହାନ୍ତି





*(ପୂର୍ବପ୍ରକାଶ ଉତ୍ତାରୁ)*

ତାର ଏକମାତ୍ର ଅଙ୍ଗୀକାର ସାମ୍ନାକୁ ଆନନ୍ଦମୟ କରି ଭୌତିକ ଚେତନରୁ ଉର୍ଦ୍ଧ୍ୱକୁ ନେଇଯିବା। ମିଥ୍ୟା ପ୍ରତିବେଦନ ତା ପାଇଁ ଏକ ଗୌଣ ବସ୍ତୁ।

ଖୋଲା ପଡ଼ିଆରେ ମୁକ୍ତ ବିଚରଣକାରୀ କୌଣସି ସ୍ଥିତିରେ କୌଣସି ଅବସ୍ଥାରେ ମିଛକୁ ପାଥେୟ କରି ଦରିଆ ପାରି ହୋଇ ଯାଉଥାଏ। କ୍ଷଣକୁ କ୍ଷଣ ହାତାହାତି ହୋଇ ଲହୁ ଲୁହାଣ ହେବା ପରେ ସୁଦ୍ଧା ନିଜ ମୁଣାରେ ମିଛର କାବ୍ୟ କବିତା ପୂର୍ଣ୍ଣ କରି ରଖିଥାଏ। ଖୋଇପେଇ ପରାଙ୍ଗପୁଷ୍ଟ କରିବାରେ ଏତାଦୃଶ ଭୂମିକାକୁ କୌଣସି ଯୁଗ ଅସ୍ୱୀକାର କରିନାହିଁ। ଥୋଡ଼ାଏ ଦାବୀ କରନ୍ତି- ଆମର ଅର୍ଥନୀତି ଦୃଢ ହୋଇଛି,ଅର୍ଥସାମ୍ରାଜ୍ୟ ବିସ୍ତାର ଲାଭ କରିଛି ଓ ରାଷ୍ଟ୍ରୀୟ କୋଷାଗାର ଗଚ୍ଛିତ ଅର୍ଥରେ ଉଛୁଳି ପଡିଛି ମିଛର ସୀମା ଲଂଘନ ଓ ସାଲିସ ମନୋଭାବ ଯୋଗୁଁ। ନିନ୍ଦୁକ ପ୍ରାଣୀଏ ଏହାକୁ ବିବଦମାନ ରୂପେ ଚିତ୍ରିତ କରୁଥିଲେ ସୁଦ୍ଧା ଏହା ସାର୍ବଜନୀନ ଗ୍ରହଣୀୟତାର ଅପେକ୍ଷା ରଖେ।

ଆମ ଗ୍ରହର ଅଧିବାସୀମାନଙ୍କ ମଧ୍ୟରୁ ବହୁଳ ଭାଗ ବ୍ୟବସ୍ଥାର ଠିକଣା ଅଙ୍ଗକୁ ପ୍ରତ୍ୟକ୍ଷ କରିପାରୁଛନ୍ତି ସତ, ନିଜ ଚାରି ପାଖରେ ବେଢ଼ି ରହିଥିବା ସୀମାକୁ ପରଖି ପାରୁନାହାନ୍ତି। ନିଜକୁ ନିରାପଦ ଓ ଦୁର୍ଘଟଣାମୁକ୍ତ ରଖିବାପାଇଁ ଚିରକାଳ ସୀମା ଭିତରେ ଇ ରଖିଥାନ୍ତି। ଅନ୍ୟ ଅନେକ ଖଞ୍ଜ ତୁଲ୍ୟ ମିଛ କାହାଣୀ ଓ ମିଛ ପ୍ରଯୋଜନାକୁ ବିଶେଷ ଧ୍ୟାନ ନଦେଇ ବହୁଦୂରକୁ ବିଭାଜନ ରେଖା ଖୋଜନ୍ତି। ସ୍ପର୍ଶ କରିବା ତ ଦୂରର କଥା, ଯଦି କୌଣସି କାରଣ ବଶତଃ ସୀମା ଲଂଘନ ହୋଇଯାଏ; ତୁରନ୍ତ ପୂର୍ବ ସ୍ଥାନକୁ ଫେରିଆସି ପୂଜାର୍ଚ୍ଚନା,ମନସ୍ତାପ ଓ ପଶ୍ଚାତାପ ଭିତରେ ବୁଡାଇ ରଖିବାକୁ ଶ୍ରେୟ ମଣନ୍ତି। ଏ ଦୃଶ୍ୟ ଦେଖି ବାଇ ମହାନ୍ତିଙ୍କ ଆଖିରେ ଲୁହ ଜକେଇ ଆସେ। ଆପାତତଃ ସମାଧାନ ଓ ସଂସ୍ଥାପନର ସୁଯୋଗ ନଥିବାରୁ ବାଇ ମହାନ୍ତି ମୁହ୍ୟମାନ ହୋଇ କହିଉଠନ୍ତି-ଭୋ ପ୍ରାଣୀଏ! କୌଣସି ସମ୍ଭାବନା ପାଇଁ ମିଛ କୁହ, ମିଛ ପିନ୍ଧ, ମିଛକୁ ଶ୍ୱାସ ପ୍ରଶ୍ୱାସରେ ନିଅ ପଛେ ସମୟ ମିଳିଲେ ତା ସହିତ ହାତାହାତି ହୁଅ।ଲହୁ ଲୁହାଣ କର।ମାତ୍ର ସୀମା ଲଂଘନ କରନାହିଁ। ପରିସୀମା ଭିତରେ କାଙ୍କୁରି କୁଙ୍କୁରି ସମାଜ ଜୀବନ ପାଇଁ କିଛି ନୂଆ କଥା କଲେ ସିନା ଏ ମହାର୍ଘ୍ୟ ବସ୍ତୁଟିର ସଫଳ ବିନିଯୋଗ ହୋଇଛି ବୋଲି କୁହାଯିବ।

ବି ୧୦/୧୫୪, କେନ୍ଦ୍ରୀୟ ବିହାର
ପୋ:ଟମାଣ୍ଡୋ, ଭୁବନେଶ୍ୱର-୭୫୧୦୨୮
ମୋ:୯୩୪୭୩୧୭୩୨୮

## କବିତାର କଥା

(ଭାଗ-୯୯)



ଉମାକାନ୍ତ ରାଉତ



## ଚର୍ଚ୍ଚାର ତପୋବନ - ପ୍ରେମର ରାଣୀହଂସପୁର

ମୋର କହିବାର କଥା ; ପ୍ରେମକୁ ଛାଡ଼ି କବିତା ପାଇଁ ଏ ଦୁନିଆରେ ଆଉ କିଛି ବିଷୟ/ଉପାଦାନ/ବିଭବ ଅଛି କି? ମାଟିକୁ ଛାଡ଼ି ବା ଆଡ଼େଇ ଦେଇ ଉର୍ଦ୍ଧ୍ୱ ଉଡ଼ାଣର ସମ୍ଭାବନାଟିଏ ଆମେ କଳ୍ପନା କରି ପାରିବା କି? ମାଟିର ଅନ୍ୟ ନାମ ପ୍ରେମ ନୁହେଁ ତ ଆଉ କ'ଣ?

ସବୁ ଘଟରେ ଶୂନ୍ୟର ଆସ୍ଥାନ ଭଳି ସବୁ କବିତାର ମୂଳ ମନ୍ତ୍ର ହିଁ ପ୍ରେମ। ଏହା ହୋଇପାରେ ଅଶିଣର ମେଘମୁକ୍ତ ଆକାଶରେ ନୈସର୍ଗିକ ନୀଳିମାର ନିଆରା ନିମନ୍ତ୍ରଣ ଅବା ସବୁଜ ଶୈଳର ସିଲ୍‌ହଟରେ ମଉନ ମୁନୀଙ୍କ ପରି ଭାବଗମ୍ଭୀର।

ଘଟ ଭିତରେ ଶୂନ୍ୟ ଆଉ କବିତା ଭିତରେ ପ୍ରେମକୁ ଦେଖିବାପାଇଁ ଯେଉଁ ଆଖି ଦରକାର, ସେ ଆଖି ଯଦି ଆମର ନଥାଏ ତେବେ କବିତାକୁ ଦୋଷଦେବା ସମିଚୀନ କି? କାଟି ନ ଜାଣିଲେ କଟୁରୀ ଦୋଷ ନା ଚାଲି ନ ଜାଣିଲେ ବାଟର ଦୋଷ? ଏହା ତମ୍ବୁ ଭିତରେ ରହି ଆକାଶ ନାହିଁ ବୋଲି କହିଲା ଭଳି କଥା ନୁହେଁ କି? ଏକଥା ଯଦି କେହି ମୋତେ ପଚାରେ, ଗୋଟେ ଚକ୍ଷୁଷ୍ମାନ ଆଖି ଆଡ଼କୁ ଇସାରା କରି ମୁଁ କହିଦେଇପାରେ ......

ଏବେ ମୋତେ ପଚାରନି, ବଳେ ବୁଝିପାରିବ

କଲମର ସିନ୍ଧୁ ଭଳି ବିନ୍ଦୁ ମୂନରେ
ମୁଁ ଏ ଯେଉଁ ଆଖି ଆଙ୍କୁଛି
ସେ ଆଖିର ଜୀବନ୍ୟାସ ଦିନ ଦେଖିବ
ସେ ଆଖିର ପୁଅତୋଳା ସକାଳର ସୂର୍ଯ୍ୟ
ଆଉ, ଆଖିପତା ଦୂର ଦିଗବଳୟ ....
ସେ ଆଖିରୁ ଝରୁ ନଥିବ ଲୁହ
ଝରିଲେ ତ ଝରିବ ଗଙ୍ଗଶିଉଳିର ସ୍ତବକ।
ଚମକି ଯିବ ତ ଘୋଟିଯିବ ନାହିଁ ଭୟ
ଲେପିଯିବ ଦିଗ, ଦିଗବିଜୟ ;
ଜୀବନ୍ୟାସ ପାଇବାର ଦିନ
ସେ ଆଖି ଖୋଜି ବୁଲିବ
ଦୟାନଦୀ କୂଳର ଚେତନା ନିସ୍ତବ୍ଧ
ଶତ ଶତ ଚଣ୍ଡାଶୋକ ଉଦ୍ଧାରିବା ପାଇଁ
କେଇଥର ଯୁଦ୍ଧ ଆବଶ୍ୟକ।
ସେ ଆଖି ଦେଖେଇ ଦବ
ଧ୍ୱସ୍ତ ବାବରି ମଦଜିଦର ଧ୍ୱଂସସ୍ତୁପ ତଳେ
କେମିତି କୋଳାକୋଳି ହେଉଛନ୍ତି
ଆଲ୍ଲା ଓ ଈଶ୍ୱର!

ୟା' ଠାରୁ ବଳି ଉତ୍କୃଷ୍ଟ କିଛି ପ୍ରେମ କବିତା ଅଛି କି ତୁମ ପାଖରେ ?ଯଦି ଅଛି କୁହ ? ହଁ ଥିଲେ ଥାଇପାରେ ନିମ୍ନମତେ...

ପ୍ରେମର ଜହ୍ନ ଦାଢ଼ରେ ନିଜକୁ
ଟୁକୁରା ଟୁକୁରା କରି କାଟି ସାରି
ଝରିଯାଉଥିବା ରକ୍ତର ଝୋଳକୁ
ଆଞ୍ଜୁଳାରେ ତୋଳି ଆଣି ଦେଖେ ତ
ସମ୍ପର୍କର ମାଟି ହାଣ୍ଡି ଚୁରମାର...!

ଏହା ଆଦୌ ବିତର୍କ ନୁହେଁ - ଚର୍ଚ୍ଚା। ବିତର୍କରୁ ଏକ ନିଷ୍କର୍ଷର ଆବିର୍ଭାବ ହୁଏ। କାରଣ ସେଠି ଯୁକ୍ତିତର୍କ ଏବଂ ଶେଷରେ ବିଚାରକଙ୍କ ଦ୍ୱାରା ତଥ୍ୟ ଓ ପ୍ରମାଣର ଆଧାରରେ ତାର ଏକ ନିଷ୍କର୍ଷ ନିର୍ଣ୍ଣୟ କରାଯାଇଥାଏ। ହେଲେ ଆଲୋଚନା ବା ଅନ୍ୟ ବାଟରେ କହିଲେ ଚର୍ଚ୍ଚାରେ ସମସ୍ତଙ୍କର ଭାଗ ନେବାର ସମାନ ଅଧିକାର ଥାଏ। ସଜାଗଭାବେ ଏହା ସମାଧାନର ଏକ ରାସ୍ତା ବାହାର କରିବାର ମହତ୍ ଉଦ୍ଦେଶ୍ୟ ନେଇ ହୋଇଥାଏ। ସମାଧାନ ହେଉ କି ନହେଉ, ଏହାର ପରିଣତି କାହାକୁ ସାମାନ୍ୟ ବି ଆଘାତ ଦିଏନା। ସୁତରାଂ ଜଣେ ଏହାକୁ ସ୍ୱତଃ ଗ୍ରହଣ କରିପାରେ ବା ପ୍ରତ୍ୟାଖ୍ୟାନ କରିପାରେ। ଅତଏବ ଏହାର ଶିରୋନାମ ଚର୍ଚ୍ଚା ରଖି ମୁଁ ମୋର ସନ୍ତୋଷ ବ୍ୟକ୍ତ କରୁଛି।

ମୁଖପୁସ୍ତକରେ ପ୍ରେମ ସମ୍ପର୍କିତ ଚର୍ଚ୍ଚାର ମନ୍ତବ୍ୟଗୁଡିକ ମଧ୍ୟରୁ କେତେକ ଉଚ୍ଚକୋଟିର ଏବଂ ଗାମ୍ଭୀର୍ଯ୍ୟପୂର୍ଣ୍ଣ ଥିଲେ ହେଁ,ଅନେକ ମନ୍ତବ୍ୟ ଶସ୍ତା, ଆବେଗହୀନ। ସେସବୁ କେବଳ ଚର୍ଚ୍ଚାରେ ରହିବାପାଇଁ ମନ୍ତବ୍ୟ ପାଇଁ ମନ୍ତବ୍ୟ ଦେବା ଅଥବା ବିଷୟବସ୍ତୁ ସହ ସମ୍ପର୍କ ନଥିଲାଭଳି ଲାଗେ। ସଂକ୍ଷେପରେ କହିଲେ କେତେକ ଆନ୍ତରିକ ଥିଲାବେଳେ ଅନେକ ମନ୍ତବ୍ୟ ଥାଏ ଅନ୍ତରଙ୍ଗଶୂନ୍ୟ ଓ ଅନ୍ତଃସାରରହିତ। ହେଲେ ଚର୍ଚ୍ଚାର ଦର୍ଶନ ଅନୁଯାୟୀ କେହି ଅପାଂକ୍ତେୟ ନୁହେଁ ; ସଭିଏଁ ସ୍ୱାଗତଯୋଗ୍ୟ।

ସବୁ ମତମନ୍ତବ୍ୟକୁ ତନ୍ନତନ୍ନ ପରୀକ୍ଷା ନିରୀକ୍ଷା କରି, ପୁଙ୍ଖାନୁପୁଙ୍ଖ ଟୀପ୍ପଣୀ ଦେଲେ ମହାଭାରତଟିଏ ହେଇଯିବାର ଆଶଙ୍କା ଅଛି। ସୁତରାଂ ସାମଗ୍ରୀକ ଭାବେ ସେସବୁର ଏକ ସମ୍ୟକ୍ ଓ ସୁସଂହତ ଆକଳନପୂର୍ବକ ଏକ ସମୟୋପୋଯୋଗୀ ନିର୍ଯ୍ୟାସ ତୋଳିବା ଉଚିତ୍।

ଏବେ ସିଧା ପ୍ରବେଶ କରିବା ଚର୍ଚ୍ଚାର ତପୋବନକୁ, କବିତାର ରାଜମହଲକୁ ଏବଂ ପ୍ରେମର ରାଣୀହଂସପୁରକୁ। କରିବା କବିତାର ଜୟଗାନ...। ସମସ୍ତଙ୍କୁ ବିନମ୍ର ନିବେଦନ କରିବା ସାମିଲ୍ ହେବାକୁ କବିତାର ଏ ମହାଯାତ୍ରାରେ...... କବିତାର ଏ ମହାପର୍ବରେ...। ବୁଝେଇଦେବା କବିତାର ମନ୍ତ୍ର ପଢି ବିଶ୍ୱକୁ ବଦଳେଇଦେବାର ଦୁଃସାହସରେ ଅପୂର୍ବ ମନୋରଥ ଭୋଗିବାର କଥା।ବୁଝେଇଦେବା ତୁଚ୍ଛତାର ଶୂନ୍ୟବେଦୀରେ କେମିତି କରାଯାଏ ପୂର୍ଣ୍ଣତାର ଆବାହନ! ବୁଝାଇ ଦେବା କବିତାର କଷଟିରେ କାଳବିବେଚନତା ନା କାଳ ନିର୍ବିଶେଷରେ କବିତାର ପରାକାଷ୍ଠା? ବୁଝେଇ ଦେବା କବିତାର ପ୍ରତ୍ୟେୟର କଥା। ସିଏ ପ୍ରେମ କବିତା ହେଉ କି ଅପ୍ରେମ କବିତା। ପ୍ରେମ ବିନା ସୃଷ୍ଟି ସମ୍ଭବ କି? ତା'ହେଲେ ପ୍ରେମ ବିନା କେମିତି ସମ୍ଭବ ହେବ କବିତା?

(କ୍ରମଶଃ)

କଥା ହୁଅନ୍ତୁ : ୯୪୩୭୨୬୭୧୨୫

## ବିଚିତ୍ରା କବିତା

## ବଦଳୁଥିବା ସମ୍ପର୍କର ମାନଚିତ୍ର

ଡ. ମନୋରଞ୍ଜନ ବିଷୋୟୀ



ତୁମେ ଯେବେ ମନେପଡ଼
ମନେ ପଡ଼ିଯାଏ
ନୂଆ ନୂଆ ତୁମ ସହ
ଚିହ୍ନାହେବା ଦିନ ସବୁ
କେମିତି ଦୁହେଁ
ଖୋଜୁଥିଲେ ସୁଯୋଗ
ନିକଟତର ହେବାକୁ
ଜାଣିଶୁଣି ଶୋଇ ରହୁଥିଲେ
ଦୁହେଁ ଦୁହିଁଙ୍କୁ
ସ୍ୱପ୍ନରେ ଦେଖିବାକୁ
କେତେ ଯେ ସ୍ୱପ୍ନ
ସାଇତି ରଖିଥିଲେ
ସତ କରିବାକୁ
ହେଲେ ସବୁ ସ୍ୱପ୍ନ
ଅଧା ସଜଡ଼ା ରହିଗଲା
କାଳ କାଳକୁ
ଏ କଥା ଭାବି ବସିଲେ
ଛାତି ତଳ ଇଲାକାରେ
ଜମାଟ ବାନ୍ଧିଥିବା
କୋହ ସବୁ
ଲୁହ ହୋଇ
ବାଟ ଖୋଜୁଥାଏ
ବୋହି ଯିବାକୁ
ସେ ଲୁହ ଭିଜା ଆଖିରେ
ଦେଖିପାରେ ମୁଁ
ବଦଳୁଥିବା ସମ୍ପର୍କର ମାନଚିତ୍ରକୁ
ତଥାପି ଭୁଲିପାରୁନି
ମୋ ସ୍ଥିତିର ଇଲାକାରେ
ଚଳପ୍ରଚଳ ହେଉଥିବା
ତୁମ ଅନୁଭବ
ଆଉ ମୋତେ ବ୍ୟତିବ୍ୟସ୍ତ
କରୁଥିବା ତୁମ
ସ୍ମୃତି ଗୁଡ଼ିକୁ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
ଫୋନ୍: ୮୮୯୫୧୪୧୭୨୭

## କଣା ପଇସା



ସ୍ନିଗ୍ଧା ପଣ୍ଡା

ସ୍ନେହ ବାଣ୍ଟିବାକୁ କହିଲ ବାଣ୍ଟିଲି
ପ୍ରେମ କରିବାକୁ କହିଲ କଲି
ଘର, କାନ୍ଥ, ଛାତ
ଯେଉଁଠି ଯାହା ଯେମିତି
ସଜେଇବାକୁ କହିଲ
ସଜେଇଲି
ସବୁ କଥା ମାନିଲି
ନିଜ ବଦଳରେ
ସାରା ସଂସାର ଗଢିଲି
ତଥାପି ମୁଁ ସେମିତି ରହିଲି
ଯେମିତି ଗୋଟେ କଣା ପଇସା
ଅଚଳ ଅଧୁଲି ?
ଚାଲିଲେ ବଗିଚା ଫୁଟୁଥିଲା
ହସିଲେ ମୋତି ଝରୁଥିଲା
ଛୁଇଁଲେ
ଶବ୍ଦରୁ ଦୁନିଆଁ ଆରମ୍ଭ ହେଉଥିଲା
ଶେଷ ବି ହେଉଥିଲା
ସବୁ ଲୁଟିଗଲା ପରେ
ସମୟର କୋରଡ଼ ଆଖିରେ
କହି ଦେଲ କେମିତି
କିଛି ନ ଥିଲା, କିଛି ନାହିଁ
କଣା ପଇସାର ମଝିରେ
ଶୂନ୍ୟସ୍ଥାନ ଚିରକାଳ ଥାଏ
କେବେ ହେଲେ ପୂରେନାହିଁ ?

ଲହଣ୍ଡା, ବରଗଡ-୭୬୮୧୧୧
ମୋ- ୯୮୬୧୩୨୩୬୫୦

## ଭଜନ ସମ୍ରାଟ

ପ୍ରଦୀପ୍ତ ଆଚାର୍ଯ୍ୟ



ଭଜନ ସମ୍ରାଟ, ଭିକାରୀ ବଳଙ୍କ,
ମହାପ୍ରୟାଣର ଦିନ,
ନଭେମ୍ବର ମାସ, ଦୁଇ ତାରିଖରେ,
ଛାଡି ଥିଲେ ଇହଧାମ।
ଠାକୁର ରଜାଙ୍କ, ପ୍ରଦତ୍ତ ଉପାଧି,
ଭଜନ ସମ୍ରାଟ ବୋଲି,
ଅତି ଭାବଭରେ, କରିଲେ ପ୍ରଦାନ,
ତାଙ୍କ ଭଜନକୁ ଶୁଣି।
ଚିର ସବୁଜ ସେ, ଭଜନ ତାଙ୍କର,
ସର୍ବଦା ନୂଆ ଲାଗଇ,
ଶ୍ରବଣ ମାତ୍ରକେ, ହୃଦ ବିଗଳିତ,
ନୟନୁ ନୀର ଝରଇ।
ନାମ ତ ଭିକାରୀ, କର୍ମ ବି ଭିକାରୀ,
ଭିକ୍ଷା ସିଏ ମାଗୁଥିଲେ,
ଜଗନ୍ନାଥଙ୍କର, କୃପା ବାରୀ ସଦା,
ପ୍ରାପ୍ତ ସିଏ ହେଉଥିଲେ।
ସରଗ ଦ୍ୱାରରେ, ଶେଷ କୃତ୍ୟ ବେଳେ,
ରାଷ୍ଟ୍ରୀୟ ମର୍ଯ୍ୟାଦା ପାଇ,
ବଡ ଠାକୁରଙ୍କ, ରୋଷ ଅଗ୍ନି ଆସି,
ଜଳାଗଲା ତାଙ୍କ ଯୁଇ।
ସରସ୍ୱତୀଙ୍କର, ବରପୁତ୍ର ଥିଲେ,
ମର୍ମସ୍ପର୍ଶୀ ତାଙ୍କ ସ୍ୱର,
ଆଉ ଶୁଭୁନାହିଁ, ମଧୁର ମୂର୍ଚ୍ଛନା,
ନେଇଛି ନିଷ୍ଠୁର କାଳ।
ଆଜିର ଦିବସେ, ଈଶ୍ୱରଙ୍କ ପାଶେ,
ଏତିକି ଜଣାଣ ମୋର,
ଏ ଧରାଧାମରେ, ଭିକାରୀ ବଳଙ୍କୁ,
ଆଣୁଥାଅ ବାରମ୍ବାର।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ଈଶାଣୀବ୍ରହ୍ମପୁର,କଟକ।
ମୋ-୬୩୭୧୫୯୩୨୨୦

## ଫଲ୍‌ଗୁ

ନିରଞ୍ଜନ ସାହୁ



ତାହେଲେ ମୋତେ କ'ଣ
ବୁଝିବାକୁ ହେବ ଯେ
ମୁଁ ତୁମକୁ
ଆଉ ଭଲପାଉନି ଆଗଭଳି।
ଏକଥା ହୋଇପାରେ
ମୁଁ ତୁମକୁ ଏବେ
ଚିଠି ଲେଖୁନି
ଫୋନରେ ଗପସପ ହେଉନି
କି ନିରୋଳାରେ ଭେଟ କରୁନି।
ମୋର ଏ ନିରବତା ସହିତ
କିଏ ହୁଏତ
ତୁମକୁ କହିଦେଇ ପାରିଥାଏ
ମୁଁ ଏବେ ଅନ୍ୟ କାହା ସହିତ
ଖୁବ ଅନ୍ତରଙ୍ଗ ହୋଇ ଯାଇଛି।
ତୁମ ମନରେ ବି
ଉପୁଜିପାରେ ସନ୍ଦେହ
ଉଠିପାରେ ପ୍ରଶ୍ନ
ମୋ ଭଲ ପାଇବାକୁ ନେଇ।
ମୁଁ କିନ୍ତୁ ନିର୍ବିକାର
ଢେର ସ୍ଥିତପ୍ରଜ୍ଞ ଏ ଦିଗରେ।
ତୁମ ପ୍ରଶ୍ନର
ଉତ୍ତର ଦେବାର ସାମର୍ଥ୍ୟ
ହରାଇ ବସିଛି ମୁଁ
ମୋ ନିଜ ଭିତରେ କେଉଁ କାଳରୁ।
କାରଣ
ତୁମ ପ୍ରଶ୍ନଟା ପ୍ରଶ୍ନ ନୁହେଁ
କି ମୋ ଉତ୍ତରଟା ଉତ୍ତର ନୁହେଁ।
ତୁମ ମୋ ଭିତରେ
ଭଲ ପାଇବା ସେମିତି ଅଛି
ଯେମିତି ଥିଲା ଆଗରୁ
ନିଃସନ୍ଦେହରେ।
ତୁମେ ଟିକିଏ ନିରେଖି ଦେଖ
ସ୍ପଷ୍ଟ ଦେଖିପାରିବ
ନିଛକ ଭଲ ପାଇବାର
ଅନ୍ତଃସଲିଳା ଫଲ୍ଗୁ
କେମିତି ପ୍ରବାହିତ ହେଉଛି
ଆମ ଭିତରେ।
ଭଲପାଇବା
ଚିର, ଶାଶ୍ୱତ, ସ୍ୱର୍ଗୀୟ
ତାକୁ ଦେଖାଇ ହେବା ଅନାବଶ୍ୟକ
ଦେଖିବା ବି ନିରର୍ଥକ।
ଏହା କେବଳ
ଅନୁଭବ ସାପେକ୍ଷ
ତାହା ହିଁ ଯଥେଷ୍ଟ
ନୁହେଁ କି .... ?

ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ - ୭୫୯୦୧୬
ମୋ : ୯୯୩୮୭୪୧୫୮୩



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ପରିକ୍ରମା



ଭୁବନେଶ୍ୱର, ୧୨ - ୧୮ ଡିସେମ୍ବର, ୨୦୨୨

### କଳାହାଣ୍ଡି ଉତ୍ସବକୁ ନେଇ ସନ୍ଦେହ ବଢୁଛି

# କମିଟିରେ ଅଛନ୍ତି ମୃତବ୍ୟକ୍ତି

**ଭବାନୀପାଟଣା :** କଳାହାଣ୍ଡି ଉତ୍ସବ 'ଘୁମୁରା'ର ବିଭିନ୍ନ କମିଟିର ବିଭିନ୍ନ ପଦପଦବୀକୁ ଦୀର୍ଘବର୍ଷ ଧରି କିଛି ମୁଷ୍ଟିମେୟ ବ୍ୟକ୍ତି ଜାବୁଡ଼ି ଧରିଥିବା ଅଭିଯୋଗ ହେଉଛି। ଏହି ଉତ୍ସବର ବିଭିନ୍ନ ପ୍ରସ୍ତୁତି ବୈଠକରେ ଏହା ମୁଖ୍ୟ ପ୍ରସଙ୍ଗ ହୋଇଯାଏ। ଜଣେ ବ୍ୟକ୍ତି ବର୍ଷେ ପରେ ଆଉ ଏକ କମିଟିକୁ ଡେଇଁଯାନ୍ତି। ଅଭିଯୋଗ ଅନୁସାରେ କିଛି ପ୍ରଭାବଶାଳୀ ବ୍ୟକ୍ତି ଏହା ପଛରେ ରହିଛନ୍ତି। ଏହି କମିଟି ସମାଲୋଚନାର ସରବ୍ୟ ହେଉଥିଲା ବେଳେ ଚଳିତବର୍ଷ କିଛି ପରିବର୍ତ୍ତନ ହେବ ବୋଲି ଆଶା କରାଯାଉଥିଲା। କିନ୍ତୁ ଦୁଃଖର ବିଷୟ ଏହି ଉତ୍ସବର ଏକ ଉପକମିଟିରେ ଜଣେ ମୃତ ବ୍ୟକ୍ତିଙ୍କ ନାମ ଥିବା ନଜରକୁ ଆସିଛି। ଉଲ୍ଲେଖଯୋଗ୍ୟ, ଘୁମୁରା-୨୦୨୩ ପାଇଁ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ଚିଠି ଅନୁଯାୟୀ ଉତ୍ସବ ସୁପରିଚାଳନାରେ ୨୪ଟି ଉପକମିଟି ଗଠନ କରାଯାଇଛି। ଶେଷ କମିଟି ଅର୍ଥାତ୍ ୨୪ ନମ୍ବରରେ ଥିବା କମିଟି ନିମନ୍ତ୍ରଣ ପତ୍ର, ବ୍ୟାଗ ଓ ପାସ୍ ଉପକମିଟିରେ ଗୁରୁତର ବ୍ୟତିକ୍ରମ ଥିବା ଜଣାପଡିଛି। ଏହି କମିଟିର ସଦସ୍ୟ ତାଲିକାରେ ୧୩ ନମ୍ବରରେ ସଦସ୍ୟ ଥିବା ବୃନ୍ଦାବନ ମଣ୍ଡଳ ପ୍ରାୟ ୨ ବର୍ଷ ତଳୁ ମୃତ୍ୟୁବରଣ କରିସାରିଛନ୍ତି। ଥୁଆମୂଳ ରାମପୁର ବ୍ଲକ କିଆପଦର ସରକାରୀ ହାଇସ୍କୁଲରେ ଶିକ୍ଷକତା କରୁଥିବା ବୃନ୍ଦାବନ ଭବାନୀପାଟଣା କିଆପଦର ତଳପଡାରେ ରହୁଥିଲେ। ବୃନ୍ଦାବନଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ଏବେ ବ୍ରହ୍ମପୁରରେ ରହୁଛନ୍ତି। ହେଲେ ସେ କିପରି ମୃତ୍ୟୁ ପରେ ସଦସ୍ୟ ରହିଲେ ତାହାକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କଳାହାଣ୍ଡି ଉତ୍ସବର ସୁପରିଚାଳନା ପାଇଁ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପସ୍ଥିତ ଲୋକେ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। କଳାହାଣ୍ଡି ଓକିଲ ସଂଘ ସଭାପତି ସୁବ୍ରତ ବହିଦାରଙ୍କ ସମେତ କିଛି ବ୍ୟକ୍ତି ବିଭିନ୍ନ ଉପକମିଟିରେ ଥିବା କିଛି ଲୋକଙ୍କୁ ବଦଳାଯିବା ଲାଗି ଦାବି କରିଥିଲେ। ଅଳ୍ପକିଛି ପୁରୁଣା ଅଭିଜ୍ଞ ଲୋକଙ୍କ ନେତୃତ୍ୱରେ ନୂଆ ଲୋକଙ୍କୁ କମିଟି ଗୁଡିକରେ ସ୍ଥାନ ଦେଇ ସେମାନଙ୍କ ଦକ୍ଷତା ବିକାଶ କରିବାକୁ ପ୍ରସ୍ତାବ ଦେଇଥିଲେ। ସମସ୍ତଙ୍କ ପ୍ରସ୍ତାବ ବିଚାରକୁ ନିଆଯିବ ବୋଲି ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ ବି ଏଯାଏ ଏହା ହୋଇପାରିନାହିଁ। ନିମନ୍ତ୍ରଣ, ବ୍ୟାଚ୍ ଓ ପାସ୍ କମିଟିର ନୋଡାଲ ଅଫିସର ଭାବେ ଭବାନୀପାଟଣା ବିଡିଓ ପ୍ରାଚୀ କୁମାର, ସହକାରୀ ଜିଲ୍ଲାପାଳ ପ୍ରଭାସ କୁମାର ଗୁଡେକ ଓ ସହାୟକ ଜିଲ୍ଲାପାଳ ରଞ୍ଜନ କୁମାର ସାହୁଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି କମିଟି ଘୋଷଣା କରିଥିବା ଚିଠିରେ ଜିଲ୍ଲାପାଳଙ୍କ ସହ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ସ୍ୱାକ୍ଷର ରହିଛି। ମାଳମାଳ ସରକାରୀ ଅଧିକାରୀ ଉତ୍ସବର ଦାୟିତ୍ୱରେ ଥିଲା ବେଳେ ଜଣେ ମୃତ ବ୍ୟକ୍ତି କିଭଳି କମିଟିରେ ରହିଲେ ତାହା ବିସ୍ମୟ ସୃଷ୍ଟି କରିଛି।

# ରକ୍ଷଣାବେକ୍ଷଣ ଅଭାବରୁ ଭାଙ୍ଗିଲା ପାଚେରୀ; ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ?



**ନବରଙ୍ଗପୁର :** ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡା ସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ରେ ଅନ୍ତେବାସୀ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଦ୍ୟାଳୟ ପରିଚାଳନା କର୍ତ୍ତୃପକ୍ଷ ଛାତ୍ରଛାତ୍ରୀ ତଥା ଅନ୍ତେବାସୀଙ୍କ ସୁରକ୍ଷା ପାଇଁ ଓ ବାହାର ଜୀବ ଜନ୍ତୁ ଆଦିର ପ୍ରବେଶ ରୋକିବାକୁ ପାଚେରୀ ନିର୍ମାଣ ହୋଇଛି, କିନ୍ତୁ ଅତି ନିମ୍ନମାନର ହୋଇ ବିପଦଶଙ୍କୁଳ ଅବସ୍ଥାରେ ଥିବା ପାଚେରୀ ଯାଞ୍ଚ ହୋଇ ନଥିବାରୁ ପାଚେରୀ ଭୁଷୁଡି ଯାଇଛି। ବିଦ୍ୟାଳୟର ଛାତ୍ରାବାସର ଅନ୍ତେବାସୀ ପାଚେରୀ ଡେଇଁ ପୋଖରୀକୁ ଗାଧୋଇବାକୁ ଯାଇ ଜନୈକ ଅନ୍ତେବାସୀଙ୍କ କିଛି ମାସ ମଧ୍ୟରେ ମୃତ୍ୟୁ ହୋଇଥିବା ପରେ ମଧ ପାଚେରୀ ଗୁଡିକ ଯାଞ୍ଚ ନ କରିବା କର୍ତ୍ତୃପକ୍ଷଙ୍କ ନୀରବତା ଓ ବେପରୁଆ ମନୋଭାବ ସୁଚାଉଛି। ସେହି ସମୟରେ ଜିଲ୍ଲା ଶିକ୍ଷା ଅଧିକାରୀ ବ୍ଲକ ଶିକ୍ଷା ଅଧିକାରୀ ତଦନ୍ତ କରିଥିଲେ। ସେତେବେଳେ କଣ ସେମାନେ ମଧ ପାଚେରୀ ର ସ୍ଥିତି ଦେଖିନଥିଲେ ? ଯଦି କେହି ଛାତ୍ରଛାତ୍ରୀ ଉକ୍ତ ପାଚେରୀ ଆଡେ ଯାଇଥାନ୍ତେ, ଭୁଷୁଡି ଥାନ୍ତା , ତାହା ହେଲେ ପୁଣି ଛାତ୍ରୀ ମୃତ୍ୟୁ ହୋଇଥାନ୍ତା। ଏଥିପ୍ରତି ଯତ୍ନବାନ ନହେବା କର୍ତ୍ତୃପକ୍ଷ ସୁରକ୍ଷା ବିଷୟକୁ ଗୁରୁତ୍ୱ ଦେଉନଥିବା ଅଭିଯୋଗ ଶୁଣିବାକୁ ମିଳୁଛି। ବିଦ୍ୟାଳୟ ଛାତ୍ରାବାସ ଓ ଛାତ୍ରୀ ନିବାସରେ ୧ଶହରୁ ୧ଶହ ପଚାଶ ଛାତ୍ରଛାତ୍ରୀ ରଖିବା ପାଇଁ ଅନୁମତି ଥିବା ବେଳେ ତା' ଠାରୁ ଅଧିକ ପ୍ରାୟ ୨୬୦ ଛାତ୍ର ଛାତ୍ରୀ ଏହି ବିଦ୍ୟାଳୟ ହଷ୍ଟେଲରେ ରହୁଥିବା ଦେଖାଯାଇଛି। ସେମାନଙ୍କ ସୁରକ୍ଷା ନେଇ ଏବେ ପ୍ରଶ୍ନ ସୃଷ୍ଟି ହେଉଛି ? କାରଣ ବିଦ୍ୟାଳୟକୁ ଅଗ୍ନିଶମ ବିଭାଗର ସୁରକ୍ଷା ପ୍ରମାଣ ପତ୍ର ମିଳିନାହିଁ। ଅନ୍ତେବାସୀ ଛାତ୍ରଛାତ୍ରୀଙ୍କ ପାଇଁ ଗ୍ୟାସ ମାଧ୍ୟମରେ ରନ୍ଧନ କାର୍ଯ୍ୟ କରାଯାଉଥିବା ବେଳେ ସୁରକ୍ଷା ପ୍ରତି ଆଖି ବୁଜି ଦେଇଛନ୍ତି ବିଦ୍ୟାଳୟ କର୍ତ୍ତୃପକ୍ଷ। ବିଦ୍ୟାଳୟ ପାଖରେ ଅଗ୍ନିଶ୍ରମ ବିଭାଗର ଅନୁମତି ପତ୍ର ଦିଆଯାଇଛି କି ନା ବୋଲି ତେନ୍ତୁଳିଖୁଣ୍ଟି ଅଗ୍ନିଶମ ଅଧିକାରୀ ମହେନ୍ଦ୍ର ମିଶ୍ରଙ୍କୁ ପଚାରିବାରୁ ସେ କହିଲେ ଅଗ୍ନିଶ୍ରମ ବିଭାଗର ଫାୟାର ସେଫଟି ପ୍ରମାଣପତ୍ର ଦିଆ ଯାଇନି। ବିନା ଅନୁମତି ତଥା ବିନା ସୁରକ୍ଷା ପ୍ରମାଣ ପତ୍ରରେ କିଭଳି ବିଦ୍ୟାଳୟ ଏବଂ ବିଦ୍ୟାଳୟ ହଷ୍ଟେଲରେ ଏତେ ସଂଖ୍ୟକ ଛାତ୍ରଛାତ୍ରୀଙ୍କୁ ରହିବାର ଅନୁମତି ଦିଆଯାଉଛି ତାକୁ ନେଇ ମଧ ପ୍ରଶ୍ନ ଉଠିଛି। ଏନେଇ ବିଦ୍ୟାଳୟ ସଭାପତି ଅବସର ପ୍ରାପ୍ତ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସନ୍ତୋଷ କୁମାର ଗାହାଣଙ୍କୁ ଯୋଗାଯୋଗ କରିବାରୁ ଅଗ୍ନିଶ୍ରମ ବିଭାଗର ଫାୟାର ସୁରକ୍ଷା ଅନୁମତି ସହ ସମସ୍ତ ଅନୁମତି ପତ୍ର ରହିଥିବା କହିଛନ୍ତି ତେବେ ଏଟାରେ କିଏ ସତ କିଏ ମିଛ କହୁଛି ? ତେବେ ପ୍ରକୃତରେ ବିଦ୍ୟାଳୟ ନିକଟରେ ସମସ୍ତ ଅନୁମତି ପତ୍ର ରହିଛି ନା ବିନା ଅନୁମତିରେ ଛାତ୍ରଛାତ୍ରୀଙ୍କ ଜୀବନକୁ ବାଜିରେ ଲଗାଇ ବିଦ୍ୟାଳୟ ଏବଂ ବିଦ୍ୟାଳୟ ହଷ୍ଟେଲ ଚାଲୁଛି ତାହା ତଦନ୍ତ ସାପେକ୍ଷ। ପୂର୍ବରୁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳା କାରଣରୁ ଜଣେ ଅନ୍ତେବାସୀ ଛାତ୍ରର ଜୀବନ ଯାଇଥିବା ଅଭିଯୋଗ ବିଦ୍ୟାଳୟ ନାମରେ କଳାଦାଗ ରହିଛି। ଏସବୁର ଅଭିଯୋଗ ପରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ପ୍ରଶାସନ ଗୁରୁତର ସହ ନେଇ ସୁରକ୍ଷାର ସମସ୍ତ ଦିଗରୁ ତଦାରଖ କରିବାର ଆବଶ୍ୟକତା ରହିଥିବା ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। କିନ୍ତୁ ଅଗ୍ନିଶମ ବିଭାଗ, ଜିଲ୍ଲା ମଙ୍ଗଳ ବିଭାଗ, ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ, ଶିଶୁ ସୁରକ୍ଷା ବିଭାଗ, ଗୃହନିର୍ମାଣ ବିଭାଗ, ମୋ ସରକାର ଅଧିକାରୀଙ୍କ ଦ୍ୱାରା ମିଳିତ ଯାଞ୍ଚ କରିବା ପାଇଁ ଦାବି ହେଉଛି। ଅନ୍ତେବାସୀଙ୍କ ପୋଖରୀରେ ମୃତ୍ୟୁ ଯାଞ୍ଚ ପରେ ପାଚେରୀ ଭୁଷୁଡିବା ଚିନ୍ତାର ବିଷୟ ତଥା ପ୍ରିୟାପ୍ରୀତି ଗନ୍ଧ ଆସୁଛି। ବିଦ୍ୟାଳୟରେ ଏଲକେଜିରୁ ଯୁକ୍ତ ଦୁଇ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। କ'ଣ ଶିକ୍ଷା ଅଧିକାର ଆଇନ ୨୦୦୯ ଅନୁସାରେ ବିଦ୍ୟାଳୟରେ ଶିକ୍ଷାଦାନ କରୁଥିବା ଶିକ୍ଷକ ରହିଛନ୍ତି କି ନା ଯାଞ୍ଚର ଆବଶ୍ୟକତା ରହିଛି। ବିଦ୍ୟାଳୟରେ ଅଧ୍ୟୟନରତ ତଫସିଲ ଭୁକ୍ତ ଛାତ୍ରୀ ଜନଜାତି ଛାତ୍ର ଠିକ୍ ସମୟରେ ଷ୍ଟାଇପେଣ୍ଡ ପାଉଛନ୍ତି ନା ନାହିଁ, ଏହାର ସଠିକ୍ ଯାଞ୍ଚର ଆବଶ୍ୟକତା ରହିଛି।

### ମତ୍ସ୍ୟ ବିଭାଗର ଅପାରଗତା

# ଦେବୀନାଶିର ନିଷିଦ୍ଧାଞ୍ଚଳରୁ ଟ୍ରଲର ଜବତ, ୭ ଅଟକ




**ଅସ୍ତରଙ୍ଗ :** ବିରଳ ଅଲିଭ ରିଡ୍‌ଲେ କଇଁଛଙ୍କ ପ୍ରଜନନ ଋତୁ ଚାଲୁଥିବାରୁ କିପରି ଅଧିକରୁ ଅଧିକ ସଂଖ୍ୟାରେ କଇଁଛ ସ୍ଥଳ ଭାଗକୁ ଆସି ଅଣ୍ଡା ଦେବେ ସେଥିପାଇଁ ଉତ୍ତମ ପରିବେଶ ସୃଷ୍ଟି କରିବା ପାଇଁ ନଭେମ୍ବର ୧ ରୁ ମେ ମାସ ୩୧ ପର୍ଯ୍ୟନ୍ତ ସମୁଦ୍ର କୂଳରୁ କୋଡିଏ କିଲୋମିଟର ମଧ୍ୟକୁ କେହି ମାଛ ଧରିବାକୁ ଯାଇ ପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ କଡା ନିର୍ଦ୍ଦେଶ ଦେଇଛନ୍ତି। ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଥିବା ସତ୍ତ୍ୱେ ବାରମ୍ବାର ଆଇନ ଉଲଂଘନ କରି ଟ୍ରଲର ମାନେ କଟକଣା ଏରିଆ ଭିତରକୁ ପଶି ମାଛ ମାରୁଛନ୍ତି। ଗୁରୁବାର ସକାଳୁ ଅସ୍ତରଙ୍ଗ ଦେବୀ ନଦୀ ମୁହାଣ ନିଷିଦ୍ଧାଞ୍ଚଳରେ ବ୍ରହ୍ମ ମହା ମହିମା ଅଲେଖ ନାମକ ଏକ ଟ୍ରଲର ମାଛ ଧରୁଥିଲା ବେଳେ ବନବିଭାଗ କର୍ମଚାରୀଙ୍କ ଏକ ଟିମ ଫରେଷ୍ଟର ବିରଜା ପ୍ରସାଦ ମହାପାତ୍ର, ତପନ କୁମାର ନାୟକ, ପ୍ରଫୁଲ୍ଲ କୁମାର ବିଶ୍ୱାଳ, ଗାର୍ଡ କାଳି ଚରଣ ମହାନ୍ତି, ଯୋଗେନ୍ଦ୍ର ପ୍ରଧାନ ଏବଂ ଏପିଆର ଟ୍ରଲରକୁ ଜବତ କରିବା ସହିତ ଟ୍ରଲରରେ ଥିବା ପ୍ରାୟ ୭ ଜଣ ମତ୍ସ୍ୟଜୀବୀଙ୍କୁ ଅଟକ ରଖିଛନ୍ତି। ଖବର ନେବାରେ ଜଣାପଡିଛିକି ଟ୍ରଲରଟି ପାରାଦ୍ୱୀପରୁ ଆସି ବେଆଇନ ଫିସିଙ୍ଗ କରୁଥିଲା। ବନବିଭାଗ କର୍ମଚାରୀ ଟ୍ରଲର କୁ ଜବତ କରି ମତ୍ସ୍ୟବିଭାଗକୁ ହସ୍ତାନ୍ତର କରିଛନ୍ତି। ପୁରୀ ଜିଲ୍ଲା ମତ୍ସ୍ୟ ବିଭାଗ ଅଧିକାରୀ ମାନଙ୍କ ଅପାରଗତା କାରଣ ଯୋଗୁଁ ଏପରି ବେଆଇନ ଭାବେ ମାଛ ମରାଯାଉଛି ବୋଲି ପରିବେଶବିତ୍ ମାନେ ଗୁରୁତ୍ୱର ଅଭିଯୋଗ କରିଛନ୍ତି। ଏକ ମାସ ମଧ୍ୟରେ ଏକାଧିକ ବେଆଇନି ଟ୍ରଲରକୁ ବନ ବିଭାଗ ପକ୍ଷରୁ ଜବତ କରାଯାଇ ମତ୍ସ୍ୟ ବିଭାଗକୁ ହସ୍ତାନ୍ତର କରିଥିଲେ ମଧ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇ ନ ପାରିବା କାରଣରୁ ଟ୍ରଲର ମାଫିଆମାନେ ଏମିତିକରୁଛନ୍ତି ବୋଲି କୁହାଯାଉଛି। ମତ୍ସ୍ୟ ବିଭାଗ ଅଧିକାରୀଙ୍କ ଲାଞ୍ଚଖୋର ମନୋଭାବ ଅଲିଭି ରିଡଲେ କଇଁଛ ମାନଙ୍କ ପାଇଁ ବିପଦର କାରଣ ହୋଇଛି। ଆଗକୁ ଏହି ମନୋଭାବ ଜାରି ରହିଲେ ଅଲିଭି ରିଡଲେ କଇଁଛ ମାନଙ୍କ ଏକ୍ତୁଡ଼ିଶାଳ କୁହାଯାଉଥିବା ଅସ୍ତରଙ୍ଗ ଦେବୀ ମୁହାଣ ସବୁଦିନ ପାଇଁ ଲୋପ ପାଇବା ପାଇଁ ଆଶଙ୍କା ସୃଷ୍ଟି କରିଛି।

# ବୃନ୍ଦାବନ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ମେଳା



**ଜଗତସିଂହପୁର :** ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ରଘୁନାଥପୁର ମଣ୍ଡଳସ୍ତରୀୟ ଜବାହରଲାଲ ନେହେରୁ ବିଜ୍ଞାନ ମେଳା ଆଜି ରେଢୁଆ ସ୍ଥିତ ବୃନ୍ଦାବନ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଏହି ବିଜ୍ଞାନ ମେଳାକୁ ରଘୁନାଥପୁର ରଘୁନାଥପୁର ମଣ୍ଡଳ ଉନ୍ନୟନ ଅଧିକାରୀ ଲମ୍ବୋଦର ଖୁଣ୍ଟିଆ ଉଦଘାଟନ କରିଥିବା ବେଳେ ମଣ୍ଡଳ ଶିକ୍ଷା ଅଧିକାରୀ ବିଜୟ କୁମାର ସ୍ୱାଇଁ ପୌରହିତ୍ୟ କରିଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରାଜ୍ୟଶ୍ରୀ ସାହୁ ମୁଖ୍ୟ ଅତିଥି ଭାବେ ଏବଂ ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ସବିତା ଦାସ ଯୋଗ ଦେଇଥିଲେ। ଏଥିରେ ୬୪ଟି ବିଦ୍ୟାଳୟ ଭାଗ ନେଇଥିବା ବେଳେ ପ୍ରଯୁକ୍ତି ବିଦ୍ୟା, ପରିବେଶ ପ୍ରଦୁଷଣ, ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା, ପରିବହନ, ଆମ ପାଇଁ ଗଣିତ ବିଭାଗର ୭୬ଟି ପ୍ରକଳ୍ପ ପ୍ରଦର୍ଶିତ କରା ଯାଇଥିବା ବେଳେ ସେଥିରୁ ୭ଟି ପ୍ରକଳ୍ପକୁ ଜିଲ୍ଲା ବିଜ୍ଞାନ ମେଳାକୁ ପ୍ରଦର୍ଶନ ପାଇଁ ମନୋନୀତ କରା ଯାଇଥିଲା। ଏହି ବିଜ୍ଞାନ ମେଳାର ଉଦ୍‌ଯାପନ ଉତ୍ସବରେ ମୁଖ୍ୟଅତିଥି ଭାବେ ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ ଯୋଗଦେଇ ମାନବ ଜାତିର ମଙ୍ଗଳ ପାଇଁ ନୂଆ ନୂଆ ଉଦ୍‌ଭାବନ କରାଯିବା ଆବଶ୍ୟକ ବୋଲି ଭାଷଣ ପ୍ରସଙ୍ଗରେ କହିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ରଘୁନାଥପୁର ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ବେହେରା ଯୋଗଦେଇ ବିଜ୍ଞାନକୁ ଛାଡିଲେ ମାନବ ଜାତି ବଂଚିପାରିବ ନାହିଁ ବୋଲି କହିଥିଲେ। ଏଥିରେ ସମ୍ମାନୀତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଦେବାଶୀଷ ତ୍ରିପାଠୀ, ବରିଷ୍ଠ ସାମ୍ବାଦିକ ବିଜୟ କୁମାର ସ୍ୱାଇଁ, ଜିଲ୍ଲା ପରିଷଦ ସଦସ୍ୟ ଚନ୍ଦ୍ରଶେଖର ଦାସ, ସରପଂଚ କିଶୋର କୁମାର ବେହେରା, ପ୍ରଧାନ ଶିକ୍ଷୟିତ୍ରୀ ରୀତା ରାଉତ, ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ମେନକା ମହାପାତ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମୀନା ମଞ୍ଜରୀ ବିଶ୍ୱାଳ, ବିଜ୍ଞାନ ମେଳା କମିଟି ସମ୍ପାଦକ ଯାଜ୍ଞବଳକ୍ ମିଶ୍ର, ଅମୀୟ ଭାୟା, ଶିକ୍ଷକନେତା ନିର୍ମଳେନ୍ଦୁ ସୋମ ପ୍ରମୁଖ ଯୋଗଦେଇ ବିଜ୍ଞାନ ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷକନେତା ଦେବାଶିଷ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ବିଜ୍ଞାନ ମେଳାକୁ ତପନ କୁମାର ଜେନା, ଦିଲ୍ଲିପ କୁମାର ସ୍ୱାଇଁ, ଚିନ୍ମୟ ରଥ, ଜୟପ୍ରକାଶ ପଣ୍ଡା, ଶାରଦା ପ୍ରସାଦ ରାଉତ, ପ୍ରଧାନଶିକ୍ଷକ ରଞ୍ଜନ କୁମାର ମିଶ୍ର, ଶିକ୍ଷକନେତା ଉମେଶ ଚନ୍ଦ୍ର ନାୟକ, ଭାସ୍କର ପଟ୍ଟନାୟକ, ଭାସ୍କର ମୁଦୁଲି ପ୍ରମୁଖ ପରିଚାଳନା କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଶିକ୍ଷକନେତା କୁଶ ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ଅଜୟ କୁମାର ବରାଳ ଧନ୍ୟବାଦ ଅର୍ପଣ କରି ସଭାସାଙ୍ଗ ହେଲା ବୋଲି ପ୍ରକାଶ କରିଥିଲେ।

# ଭାରତରତ୍ନ ବାବା ସାହେବ ଆମ୍ବେଦକରଙ୍କ ମହାପ୍ରୟାଣ ଦିବସ ପାଳିତ



**ଜଗତସିଂହପୁର :** ଜଗତସିଂହପୁର ଜିଲ୍ଲା ପ୍ରଶାସନ ଓ ପୌର ପରିଷଦ ପକ୍ଷରୁ ଭାରତୀୟ ସମ୍ବିଧାନ ପ୍ରଣେତା, ଭାରତ ରତ୍ନ, ଅର୍ଥନୀତିଜ୍ଞ, ଐତିହାସିକ ବାବା ସାହେବ ଆମ୍ବେଦକରଙ୍କ ମହାପ୍ରୟାଣ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାପାଳ ପାରୁଲ ପଟ୍ଟୱାରୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ଧର୍ମେନ୍ଦ୍ର ମଲ୍ଲିକ୍, ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ, ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଶୋୟୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ପୌରପରିଷଦ ନିର୍ବାହୀ ଅଧିକାରୀ ଅଶୋକ କୁମାର କର୍ଣ୍ଣ, ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲିପ୍ କୁମାର ଜେନା ଓ ପୌରପରିଷଦ ବରିଷ୍ଠ ସହାୟକ ଦିପକ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

# ଜଗତସିଂହପୁର ଠାରେ ଗୃହରକ୍ଷୀ ପ୍ରତିଷ୍ଠା ଦିବସ ପାଳିତ



**ଜଗତସିଂହପୁର :** ଜଗତସିଂହପୁର ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ରିଜର୍ଭ ପୋଲିସ ପ୍ୟାରେଡ୍ ଗ୍ରାଉଣ୍ଡ ଠାରେ ୬୦ତମ ଗୃହରକ୍ଷୀ ବାହିନୀ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଆରକ୍ଷୀ ଅଧୀକ୍ଷକ ଅଖିଳେଶ୍ୱର ସିଂହ କହିଥିଲେ ଯେ ହୋମଗାର୍ଡ ଏକ ସ୍ୱେଚ୍ଛାସେବୀ ସେବା ସଂସ୍ଥା ଯାହାର ପ୍ରତିଷ୍ଠା ୦୬ ଡିସେମ୍ବର ୧୯୪୬ ମସିହାରେ ମହାରାଷ୍ଟ୍ର ରାଜ୍ୟରେ ସାମ୍ପ୍ରଦାୟିକ ଦଙ୍ଗାକୁ ନିୟନ୍ତ୍ରଣ କରିବାପାଇଁ ପ୍ରଥମଥର ପ୍ରତିଷ୍ଠା ହୋଇଥିଲା। ୧୯୬୨ ମସିହାରେ ଯେତେବେଳେ ଚୀନ ଅମ ଦେଶକୁ ଆକ୍ରମଣ କରିଥିଲା ତାହାପରେ ଭାରତ ସରକାରଙ୍କ ଗୃହମନ୍ତ୍ରାଳୟ ନିଷ୍ପତି ଅନୁଯାୟୀ ସବୁ ରାଜ୍ୟ ସରକାରମାନଙ୍କୁ ସ୍ୱେଚ୍ଛାକୃତ ସେବା ସଂସ୍ଥା ସଂଗଠନ କରିବାପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ସେହି ନିଷ୍ପତି ଅନୁଯାୟୀ ସମସ୍ତ ରାଜ୍ୟସରକାର ସ୍ୱେଚ୍ଛାକୃତ ସେବା ସଂସ୍ଥା ଗଠନ କରିଥିଲେ। ହୋମଗାର୍ଡ ମାନେ ଜିଲ୍ଲାରେ ବହୁତ ଭଲକାମ କରିବା ସହିତ ବିଭିନ୍ନ କାର୍ଯ୍ୟ ଯଥା ପେଟ୍ରୋଲିଙ୍ଗ, ଟ୍ରାଫିକ୍ ନିୟନ୍ତ୍ରଣ ଏବଂ ଅନ୍ୟାନ୍ୟ କାର୍ଯ୍ୟମାନଙ୍କରେ ବି ସହଯୋଗ କରୁଛନ୍ତି। ଜିଲ୍ଲାରେ କର୍ତ୍ତବ୍ୟ ନିଷ୍ଠା ଓ ସମୟାନୁବର୍ତ୍ତିତା ପାଇଁ ୧୫ଜଣ ହୋମଗାର୍ଡଙ୍କୁ ୫ଶହ ଟଙ୍କା ଓ ମାନପତ୍ର ଆରକ୍ଷୀ ଅଧୀକ୍ଷକ ଶ୍ରୀ ସିଂହ ପ୍ରଦାନ କରିଥିଲେ। ହୋମଗାର୍ଡ ବିଶ୍ୱଜିତ୍ ମହାନ୍ତି, ପ୍ରିୟଙ୍କା ପ୍ରିୟଦର୍ଶନୀ ବିଶ୍ୱାଳ, ଦିଲ୍ଲିପ କୁମାର ମଲ୍ଲିକ, ପ୍ରଭାତ କୁମାର ରାଉତ, ହୃଷିକେଶ ମୁଦୁଲି, ସୁଦର୍ଶନ ମଲ୍ଲିକ, ସୁରେଶ କୁମାର ମହାନ୍ତି, ସତ୍ୟନାରାୟଣ ବେହୁରା, ଶିବପ୍ରସାଦ ବିଶ୍ୱାଳ, ଦିବ୍ୟଜ୍ୟୋତି ସ୍ୱାଇଁ, ଦିପ୍ତୀରଞ୍ଜନ ସ୍ୱାଇଁ, ସୂର୍ଯ୍ୟକାନ୍ତ ଓଝା, ଗୋବିନ୍ଦ ଦଳାଇ, ସରୋଜ କୁମାର ମଲ୍ଲିକ, ଦିପକ ମହାନ୍ତିଙ୍କୁ ଆରକ୍ଷୀ ଅଧୀକ୍ଷକ ପୁରସ୍କୃତ କରିଥିଲେ। ଏହି ଉତ୍ସବରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଉମେଶ କୁମାର ପଣ୍ଡା, ଡିଏସପି ହେଡ୍‌କ୍ୱାର୍ଟର ବିରଂଚି ବାଗ୍ ଓ ସଂରକ୍ଷିତ ଆରକ୍ଷୀ ନିରୀକ୍ଷକ ଦୁର୍ଯ୍ୟୋଧନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମହିଳାଙ୍କୁ ଅସମ୍ମାନ ...

ମନ୍ତ୍ରୀମାନେ, ଓଡିଶାବାସୀଙ୍କୁ, ପଦମପୁରବାସୀଙ୍କୁ ଭୁଆଁ ବୁଲାଇବାକୁ ଚେଷ୍ଟା କଲେ। ସେ ଆବାସ ଯୋଜନା ହେଉ, ବା କେନ୍ଦୁପତ୍ରର ଜିଏସଟି ହେଉ, ବା ଫସଲ ବୀମାର ବିଳମ୍ବ ହେଉ, ଏମଏସପି ପ୍ରସଙ୍ଗ ହେଉ, ବା ରେଳ କନେକ୍ଟିଭିଟି ହେଉ, ଏହା ଠିକ୍ ନୁହେଁ। ଆପଣ କେନ୍ଦ୍ରରେ ଅଛନ୍ତି, ଆମେ ରାଜ୍ୟରେ ଅଛୁ। ମିଶିକରି ଲୋକଙ୍କ ମଙ୍ଗଳ ପାଇଁ କାମ କରିବା। ଓଡିଶାର ଉନ୍ନତି ପାଇଁ କାମ କରିବା। ନବୀନ କହିଛନ୍ତି ଯେ, କିଛି ଲୋକ ମୋତେ ପଚାରୁଛନ୍ତି, ଆପଣ ତ ପଞ୍ଚାୟତ ଇଲେକ୍ସନରେ ପ୍ରଚାର ପାଇଁ ଯାଇ ନ ଥିଲେ, ବିଭିନ୍ନ ଉପନିର୍ବାଚନରେ ବି ଯାଇ ନ ଥିଲେ। ଏଥର ପଦ୍ମପୁର ନିର୍ବାଚନରେ କାହିଁକି ଗଲେ ? ମୁଁ କହିବାକୁ ଚାହୁଁଛି ଯେଭଳି ଭାବରେ ଜଣେ ମହିଳାଙ୍କୁ, ଜଣେ ଶିକ୍ଷିତ ଅଳ୍ପ ବୟସର ମହିଳାଙ୍କୁ, ଜଣେ ବାପା ହରାଇ ଦୁଃଖରେ ଥିବା ମହିଳାଙ୍କୁ – ରାଜ୍ୟ ବିଜେପିର କିଛି ନେତୃମଣ୍ଡଳୀ ଅସମ୍ମାନ କଲେ, ତାହା ମୋତେ ବହୁତ ଦୁଃଖ ଦେଲା। ମୁଁ ଭାବୁଛି, ଏହା କେବଳ ମୋ ପାଇଁ ଦୁଃଖ ନୁହେଁ। ଓଡିଶାର ସବୁ ମହିଳାମାନଙ୍କ ପାଇଁ ଦୁଃଖର କଥା। ରାଜନୀତିରେ ହାରିବା ଓ ଜିତିବା, ଇଲେକ୍ସନ ଲଢିବା ଅଲଗା କଥା। କିନ୍ତୁ ଜଣେ ମହିଳାଙ୍କୁ ଏଭଳି ଭାବରେ ଅସମ୍ମାନ କରିବା, ଅତି ନିନ୍ଦନୀୟ। ପଦ୍ମପୁର ନିର୍ବାଚନ ବିଜୟ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଦ୍ମପୁରବାସୀ, ନେତା, କର୍ମୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଆପଣମାନଙ୍କୁ ସମସ୍ତଙ୍କୁ ମୋର ଜୁହାର ଏବଂ ଏହି ଅଭୂତପୂର୍ବ ବିଜୟ ପାଇଁ ଧନ୍ୟବାଦ ବୋଲି କହିଛନ୍ତି। ଏହା ଆଉ କାହାର ବିଜୟ ନୁହେଁ। ଏହା ପଦମପୁରବାସୀଙ୍କ ବିଜୟ ବୋଲି କହିଛନ୍ତି। ବିଜେଡିର ଲକ୍ଷ ଲକ୍ଷ କର୍ମୀମାନଙ୍କୁ ମୁଁ ଧନ୍ୟବାଦ ଜଣାଇବାକୁ ଚାହୁଁଛି। ଆପଣମାନେ ବହୁତ ଧୈର୍ଯ୍ୟ ଓ ନିଷ୍ଠାର ସହ କାମ କରିଛନ୍ତି। ସରକାରଙ୍କ ଭଲ ଭଲ ଯୋଜନା ଗୁଡିକୁ ଲୋକଙ୍କ ପାଖରେ ରଖିଛନ୍ତି ଓ ବିରୋଧୀ ଦଳର ସବୁ ମିଛ କଥାକୁ ଲୋକଙ୍କ ସମ୍ମୁଖରେ ରଖିଛନ୍ତି। ଆଜି ମୁଁ ପଦମପୁରବାସୀଙ୍କ ପାଖରେ ଋଣୀ। ବିନମ୍ରତାର ସହ କହିବାକୁ ଚାହେଁ ଯେ ଆପଣମାନଙ୍କୁ ଦେଇଥିବା ସମସ୍ତ ପ୍ରତିଶ୍ରୁତି ପାଳନ ହେବ।

### 'ବିଜେପି ମହିଳା ବିରୋଧୀ ...

ଧାମନଗର ଉପନିର୍ବାଚନରେ ବିଜେପିକୁ ଧାମନଗରବାସୀ ଜିତାଇ ନ ଥାନ୍ତେ ଯଦି ମା' ଭଉଣୀଙ୍କ ପ୍ରତି ଆମ ଦଳର ସମ୍ମାନ ନ ଥାନ୍ତା। ପଦ୍ମପୁରରରେ ୭୮ ହଜାରରୁ ଊର୍ଦ୍ଧ୍ୱ ଭୋଟର ଆମ ଦଳକୁ ସମର୍ଥନ କରି ନ ଥାନ୍ତେ। ଆପଣ ଓ ଆପଣଙ୍କ ଦଳ ମହିଳାଙ୍କୁ କେତେ ସମ୍ମାନ ଦିଅନ୍ତି, ତାହା ପରୀ, ମମିତା, ବେବିନା, ଇତିଶ୍ରୀ, କୁନ୍ଦୁଲି ଦୁଷ୍କର୍ମ ଘଟଣାରୁ ସ୍ପଷ୍ଟ ଅନୁମେୟ। ଆପଣ ଦଳର ସଭାପତି ହିସାବରେ ଦଳୀୟ ପ୍ରାର୍ଥୀ ପାଇଁ ପ୍ରଚାର କରିବାକୁ ପଦ୍ମପୁର ଯାଇଥିଲେ। ନିର୍ବାଚନୀ ସଭାରେ ପ୍ରାର୍ଥୀଙ୍କୁ ଝିଅ ବୋଲି ସମ୍ବୋଧନ ନକରି ଏବେ ବିଜୟ ଲାଭ ପରେ ନୂଆ କାହାଣୀ ରଚି ସମବେଦନା ଗୋଟାଇବା ପାଇଁ ମୁଖ୍ୟମନ୍ତ୍ରୀ ଚେଷ୍ଟା କରୁଛନ୍ତି ବୋଲି କହିଛନ୍ତି ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର। ଏଥିସହ ସେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ କରିଛନ୍ତି, ଆପଣ ରେଳ ଲାଇନ ପାଇଁ ଜମି ଦେଇଛନ୍ତି କି ? କେନ୍ଦୁପତ୍ରର ଜିଏସ୍ଟିର ଅଧା ୯% ଆପଣ ନେଉଛନ୍ତି କି ନାହିଁ ? ଫସଲ ବୀମାରେ ଘରୋଇ ବ୍ୟାଙ୍କ ଏଚଡିଏଫସିକୁ ଆପଣ ସାମିଲ କରିଥିଲେ କି ନାହିଁ ? ଆପଣ ବରଗଡ଼ ସୋହେଲାରେ ଚାଷୀଙ୍କ ପାଇଁ ଘୋଷଣା କରିଥିବା ଶହେ କୋଟି ବୋନସ ଦେଇଛନ୍ତି କି ? ପଦ୍ମପୁର କାଉଣ୍ଟିଂ ହୋଇ ଫଳାଫଳ ବିଜେଡି ସପକ୍ଷରେ ଯାଇଥିବା ବେଳେ ନିଜ ଭିଡିଓ ବାର୍ତ୍ତାରେ ପଦ୍ମପୁରବାସୀଙ୍କୁ ଧନ୍ୟବାଦ ଜଣାଇବା ସହ କାହିଁକି ପଦ୍ମପୁର ଯାଇଥିଲେ ତାହାର ଉତ୍ତର ରଖିଥିଲେ ନବୀନ।

### ପଦ୍ମପୁର ଫଳାଫଳ ...

ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ପ୍ରତ୍ୟେକ ପଞ୍ଚାୟତକୁ କୋଟିଏ ଟଙ୍କାର ପ୍ୟାକେଜ୍ ଓ ଇନଷ୍ଟାଣ୍ଟ ଯୋଜନା ଘୋଷଣା ସହ ସେହି କାର୍ଯ୍ୟ ଆରମ୍ଭ କରିବାକୁ ଅନୁମତି, ୨.୫୭ଲକ୍ଷ ଭୋଟରଙ୍କ ମଧ୍ୟରୁ ପ୍ରାୟ ୬୦% ଭୋଟରଙ୍କୁ ଟାର୍ଗେଟ୍ କରି ସେମାନଙ୍କ ପାଖରେ ପହଞ୍ଚିବା ଏବଂ ପଞ୍ଚାୟତରେ ରାଜ୍ୟସ୍ତରୀୟ ନେତାଙ୍କୁ ଦାୟିତ୍ୱ ଦେଇ ବୁଥସ୍ତରରେ ଭୋଟରଙ୍କ ଉପରେ ନଜର ରଖିବା, ନିଜର ଟ୍ରମ୍ପକାର୍ଡ ନବୀନ ପଟ୍ଟନାୟକଙ୍କୁ ପ୍ରଚାର ମଇଦାନକୁ ଓହ୍ଲାଇବା ଭଳି ସାମୁହିକ ରଣନୀତି କରାଯିବା ବିଜେଡିକୁ ପଦ୍ମପୁରରେ ଆକଳନଠୁ ଅଧିକ ସଫଳତା ଦେଇଛି। କେବଳ ସେତିକି ନୁହେଁ ବିଜେଡି ଏସଏଚଜି ମାଧ୍ୟମରେ ମହିଳା ଭୋଟ୍ ହାତେଇବାର ରଣନୀତି ଉପରେ ଅଧିକ ଗୁରୁତ୍ୱ ନଦେଇ ଶ୍ରମିକ କାର୍ଡ ଓ କେନ୍ଦୁପତ୍ର ତୋଳାଳୀଙ୍କୁ ମନେଇବାକୁ ପଦକ୍ଷେପ ନେଇଥିଲା। ଯଦିଓ ନିର୍ବାଚନ ଘୋଷଣା ସମୟରେ ପଦ୍ମପୁରରେ ଚାଷୀ ସମସ୍ୟା ଓ ଜିଲ୍ଲା ମାନ୍ୟତା ଦାବି ଭଳି ସ୍ଥାନୀୟ ପ୍ରସଙ୍ଗକୁ ନେଇ ସରକାରଙ୍କ ଉପରେ ଆକ୍ରୋଶ ଥିଲା, କିନ୍ତୁ ଅତ୍ୟନ୍ତ ଚତୁରତାର ସହ ବିଜେଡି ଏଥିରେ ତାଳିପକା ସମାଧାନ କରି ସବୁ ଗୋଷ୍ଠୀଙ୍କୁ ମନାଇବାରେ ସକ୍ଷମ ହୋଇଛି। ଯେଉଁଥିପାଇଁ ବିଜେଡି ସପକ୍ଷରେ ପଦ୍ମପୁରରେ ଅଦ୍ୟାବଧିର ସର୍ବାଧିକ ୫୮% ଭୋଟ୍ ପଡ଼ିଛି। ଅନ୍ୟପକ୍ଷରେ ଚଳିତ ଉପନିର୍ବାଚନରେ ବିଜେପି ପ୍ରାର୍ଥୀ ପ୍ରଦୀପ ପୁରୋହିତଙ୍କୁ ୩୭.୫୧% ଭୋଟ୍ ମିଳିଛି। ବିଜେପି ପାଖରେ ପଦ୍ମପୁରକୁ ଜିତିବାର ସବୁ ସୁଯୋଗ ଥାଇ ମଧ ଦଳ ସ୍ଥାନୀୟ ଲୋକଙ୍କ ମାନସିକତାକୁ ଧରି ରଖିବାରେ ସକ୍ଷମ ହୋଇପାରିଲା ନାହିଁ। ପଦ୍ମପୁରରେ ପ୍ରଦୀପଙ୍କ ନିଜସ୍ୱ ସଂଗଠନ ଓ ବିଜେପିର ଦଳୀୟ ସଂଗଠନ ସୁଦୃଢ଼ ବୋଲି କହୁଥିଲେ ମଧ ବିଜେପିର ପ୍ରଦୀପଙ୍କୁ ୨୦୧୪ରେ ୩୮.୯୪%, ୨୦୧୯ରେ ୩୮.୪୫% ଭୋଟ୍ ମିଳିଥିଲା। ଯାହା ଚଳିତ ଉପନିର୍ବାଚନରେ ହ୍ରାସ ପାଇ ୩୭.୫୧% ରହିଯାଇଛି। ବିଜେଡି ଓ ବିଜେପି ମଧ୍ୟରେ ସଲାସୁତୁରା ରହିଛି ବୋଲି ଚର୍ଚ୍ଚା ଉପରେ ପୂର୍ଣ୍ଣଚ୍ଛେଦ ପକାଇ ବିଜେଡିକୁ ପଦ୍ମପୁରରେ କଡ଼ା ଟକ୍କର ଦେଇ ନିଜର କର୍ମୀଙ୍କ ମଧ୍ୟରେ ଜୋସ୍ ଭରିବାରେ ବିଜେପି ସକ୍ଷମ ହୋଇଛି। କିନ୍ତୁ ଏହି ଧାରାକୁ ବଜାୟ ନରଖିଲେ ତଥା ବିଜେଡି ଓ ବିଜେଡି ସୁପ୍ରିମୋଙ୍କ ପ୍ରତି ପ୍ରତି କୋହଳ ଆଭିମୁଖ୍ୟ ରଖିଲେ ୨୦୨୪ ସାଧାରଣ ନିର୍ବାଚନରେ ବିଜେପି ପାଇଁ ଏହା ମହଙ୍ଗା ସାବ୍ୟସ୍ତ ହେବାର ଆଶଙ୍କା ଅଧିକ। ସେହିପରି କଂଗ୍ରେସର ସତ୍ୟଭୂଷଣ ସାହୁଙ୍କ ସ୍ଥାନୀୟ ଅଞ୍ଚଳରେ ବେଶ୍ ପ୍ରଭାବ ଥିଲେ ମଧ ସେ ନିଜର ଅମାନତ ରଖି ନପାରିବା ଉଭୟ ଶ୍ରୀ ସାହୁ ଓ କଂଗ୍ରେସ ପାଇଁ ସବୁଠୁ ବଡ଼ ଧକ୍କା। କଂଗ୍ରେସର ନିଜସ୍ୱ ଭୋଟ କିଭଳି ହଡ଼ପ ହୋଇଗଲା ତାକୁ ନେଇ ଦଳ ନାନାଦି ଅଭିଯୋଗ କରୁଥିଲେ ମଧ ବାସ୍ତବରେ କଂଗ୍ରେସ ପ୍ରତି ସାଧାରଣ ଲୋକ ମୁହଁ ଫେରାଇ ସାରିଲେଣି ଓ ଆଗାମୀ ଦିନରେ କଂଗ୍ରେସର ସ୍ଥିତି ଆହୁରି ଅଧିକ ସଙ୍ଗୀନ ହେବ ବୋଲି ଏବେଠୁ ଆଭାସ ମିଳିଲାଣି। ଏସବୁ ବ୍ୟତୀତ ପଦ୍ମପୁରରେ ନୋଟା (ନନ୍ ଅଫ ଦି ଏବଭ)ରେ କ୍ରମାଗତ ୨୦୧୪, ୨୦୧୯ ଓ ଚଳିତ ଉପନିର୍ବାଚନରେ ୧%ରୁ ଅଧିକ ଭୋଟ୍ ପଡ଼ିବା ପରୋକ୍ଷରେ ସ୍ଥାନୀୟ ନେତାମାନଙ୍କ ପ୍ରତି ସାଧାରଣ ଲୋକଙ୍କ ଆକ୍ରୋଶର ଆଭାସ ଦେଉଛି। ରାଜନୀତିକ ବିଶ୍ଳେଷକଙ୍କ ମତରେ ନିର୍ବାଚନ ଫଳାଫଳରେ ଉତ୍ସାହିତ ନହୋଇ ଶାସକ ବିଜେଡି ଏବେଠୁ ନିଜର ସାଂଗଠନିକ ପରିଚାଳନାର ଶୈଳୀକୁ ପରିବର୍ତ୍ତନ କରିବାର ଆବଶ୍ୟକତା ରହିଛି। ପଦ୍ମପୁରରେ ଦଳର ସବୁ ବର୍ଗର ନେତାଙ୍କୁ ସାମିଲ କରି ଆଶାତୀତ ସଫଳତା ପାଇପାରିଥିବା ବିଜେଡି ଆଗାମୀ ଦିନରେ ନିଜର ସଂଗଠନ ଉପରେ ବିଶେଷ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ସେହିପରି ବିଜେପି ମଧ ନିଜର କର୍ମୀଙ୍କ ମନୋବଳ ବୃଦ୍ଧି ପାଇଁ ଏବେଠୁ ଶାସକ ବିଜେଡି ପ୍ରତି ନିଜର ଆଭିମୁଖ୍ୟକୁ ଅଧିକ ଆକ୍ରମଣାତ୍ମକ କରିବା ଦରକାର।

### ଆର୍‌ଟିଆଇ ଆବେଦନ ...

ସୂଚନା ଅଧିକାରୀ କର୍ମୀ ଅଞ୍ଜଳି ଆର୍‌ଟିଆଇରେ କଲେଜିୟମ ବୈଠକକୁ ନେଇ ତଥ୍ୟ ମାଗିଥିଲେ। ମାତ୍ର ଏହାକୁ ଅସ୍ୱୀକାର କରିଦିଆଯିବାରୁ ସେ କୋର୍ଟରେ ପିଟିସନ ଦାଏର କରିଥିଲେ।

### ପୁଣି ଖୋଲିବ ଘରୋଇ ...

ଘରୋଇ ଡିଗ୍ରୀ କଲେଜ ଖୋଲିବା ନିଷ୍ପତ୍ତି ଶିକ୍ଷାର ବ୍ୟବସାୟୀକରଣକୁ ପ୍ରୋତ୍ସାହିତ କରିବ ନାହିଁ ତ ? ଉଚ୍ଚ ଶିକ୍ଷା ବିଭାଗର ଏଭଳି ନିଷ୍ପତ୍ତିକୁ ଅଧ୍ୟାପକ ସଂଘ ସମାଲୋଚନା କରିଥିବା ବେଳେ ବେସରକାରୀ କଲେଜ୍ ପକ୍ଷରୁ କିନ୍ତୁ ସ୍ୱାଗତ କରାଯାଇଛି। ସୂଚନା ଥାଉକି, ପୂର୍ବରୁ ସେଲ୍ଫ ଫାଇନାନ୍ସିଂ କୋର୍ସ ବନ୍ଦ ଲାଗି ଉଚ୍ଚ ଶିକ୍ଷା ବିଭାଗ ନିଷ୍ପତ୍ତି ନେଇଥିଲା। ଏବେ କିନ୍ତୁ ଏହି କଟକଣାକୁ ଉଠାଇ ଦିଆଯାଇଛି।

### ଆଇଆଇସିଙ୍କୁ ...

ଇନଫୋସିଟି ଥାନା ଅନ୍ତର୍ଗତ ଆୟୁଷ ରେଡିୟମ ଫ୍ଲାଟ୍ ନମ୍ବର ୪୦୧ରେ ବେକରେ ଶାଢ଼ୀ ଲଗାଇ ଆନନ୍ଦ ଆତ୍ମହତ୍ୟା କରିଥିବା ବୀରେନ୍ଦ୍ର ଫୋନ୍ କରି ଆନନ୍ଦଙ୍କ ବାପା ବନ୍ଧନ ଟପ୍ପୋଙ୍କୁ ସୂଚନା ଦେଇଥିଲେ। ଏହା ପରେ ଆନନ୍ଦଙ୍କ ବାପା ବନ୍ଧନ ଭୁବନେଶ୍ୱରରେ ଆସିଥିଲେ। ହେଲେ ବୀରେନ୍ଦ୍ରଙ୍କ ଦେଖା ମିଳିନଥିଲା। ଅନ୍ୟପକ୍ଷରେ ପୁଅ ଆନନ୍ଦଙ୍କ ବେକରେ ୨ଟି ଦାଗ ରହିଥିବା ବନ୍ଧନ ଦେଖିବାକୁ ପାଇଥିଲେ। ତେଣୁ ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣି ବୀରେନ୍ଦ୍ରଙ୍କ ନାଁରେ ଇନ୍‌ଫୋସିଟି ଥାନାରେ ଲିଖିତ ଅଭିଯୋଗ କରିଥିଲେ ବନ୍ଧନ। ହେଲେ ପୁଲିସ୍ ଅଭିଯୋଗ ଗ୍ରହଣ କରିନଥିବା ଅଭିଯୋଗ ହୋଇଥିଲା। ପୁଲିସ୍ ମାମଲା ରୁଜୁ ନକରିବାରୁ ବନ୍ଧନ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେ ଆବେଦନରେ ଦର୍ଶାଇଥିଲେ, ପୁଅର ହତ୍ୟା ଘଟଣାରେ ହକି ତାରକା ବୀରେନ୍ଦ୍ର ଲାକ୍ରାଙ୍କ ସମ୍ପୃକ୍ତି ନେଇ ଥାନାରେ ଏତଲା ଦେଇଥିଲି। ହେଲେ ପୁଲିସ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ବନ୍ଧନ ଆବେଦନରେ ଦର୍ଶାଇଥିଲେ। ନଭେମ୍ବର ୨୩ ତାରିଖରେ କୋର୍ଟ ମାମଲାର ବିଚାର କରି ଇନ୍‌ଫୋସିଟି ଥାନାରେ ଏତଲା ହୋଇଛି କି ନାହିଁ, ସେ ନେଇ ରିପୋର୍ଟ ଦେବାକୁ ଭୁବନେଶ୍ୱର ଡିସିପିଙ୍କୁ ନିର୍ଦ୍ଦେଶ ଦେଇଥିଲେ।

### ପ୍ରକ୍ରିୟା ତ୍ୱରାନ୍ୱିତ ...

କରିବା ପାଇଁ ଶ୍ରୀ ମହାପାତ୍ର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏକ ସପ୍ତାହ ମଧ୍ୟରେ ଏହି ପ୍ରସ୍ତାବ ସରକାରଙ୍କ ଅନୁମୋଦନ ନିମନ୍ତେ ଉପସ୍ଥାପନ କରିବା ପାଇଁ କୁହାଯାଇଥିଲା। ବୈଠକରେ ଚନ୍ଦ୍ରମା ହାଇସିଂ କମ୍ପଲେକ୍ସରେ ଘର ପାଇଥିବା ଲୋକଙ୍କ ସହ ଚୁକ୍ତିପତ୍ର ବିଷୟ ସମ୍ବନ୍ଧିତ ସମସ୍ୟାର ସବିଶେଷ ଆଲୋଚନା ହୋଇଥିଲା। ସମସ୍ୟାର ବିଭିନ୍ନ ଦିଗକୁ ବିଚାରକରି ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ସେସବୁର ଆଶୁ ସମାଧାନ ପନ୍ଥା ନିର୍ଦ୍ଧାରଣ କରିଥିଲେ, ଏବଂ ଏକ ମାସ ମଧ୍ୟରେ ଏହି ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସୂଚନାଯୋଗ୍ୟ, ବର୍ତ୍ତମାନ ପର୍ଯ୍ୟନ୍ତ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତରଫରୁ ବି.ଡ଼ି.ଏ.ଙ୍କୁ ୩୭ଟି ହାଉସିଂ ସ୍କିମ୍ ଏବଂ ଓଡ଼ିଶା ରାଜ୍ୟ ହାଉସିଂ ବୋର୍ଡଙ୍କୁ ୪୪ଟି ହାଉସିଂ ସ୍କିମ୍ ପାଇଁ ବିଭିନ୍ନ ସ୍ଥାନରେ ପ୍ରାୟ ୧୧୦୫ ଏକର ଜମି ଲିଜ୍ ଦିଆଯାଇଛି। ସେହିପରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଏବଂ ନଗର ଓ ଉନ୍ନୟନ ବିଭାଗ ମାଧ୍ୟମରେ ମଧ ସି.ଡ଼ି.ଏ.ଙ୍କୁ ହାଉସିଂ ସ୍କିମ୍ ନିମନ୍ତେ ସରକାରୀ ଜମି ଲିଜ୍ ଦିଆଯାଇଛି। ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଏହି କ୍ଷମତା ବିକେନ୍ଦ୍ରୀକରଣ ହେଲେ ବର୍ତ୍ତମାନ ପ୍ରାୟ ୫୦ ହଜାର ପରିବାର ଉପକୃତ ହେବେ। ଏହାଛଡା ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗରୁ ସିଧାସଳଖ ଅଣବ୍ୟବସାୟିକ ଘରୋଇ ବାସଗୃହ ପାଇଁ ଜମି ଲିଜ୍ ନେଇଥିବା ଲୋକମାନଙ୍କ ପାଇଁ ମଧ ଫ୍ରି-ହୋଲଡ୍ ବ୍ୟବସ୍ଥା ଚାଲୁ ରହିଛି । ଏହି ପ୍ରକ୍ରିୟାକୁ ଅଧିକ ସରଳ ଓ ସହଜଲଭ୍ୟ କରିବା ନିମନ୍ତେ ମଧ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ବିଭାଗଙ୍କୁ ନିର୍ଦ୍ଦେଶ ଦେଇଥିଲେ।

### 'ପରିବାରବାଦ ବିରୋଧରେ ...

ବିଜେପିକୁ ଐତିହାସିକ ଜନାଦେଶ ମିଳିଛି। ରାଜ୍ୟବାସୀ ଆଜି ନୂଆ ଇତିହାସ ସୃଷ୍ଟି କରିଛନ୍ତି। ଜାତି, ବର୍ଗ, ସଂପ୍ରଦାୟ ଓ ସମସ୍ତଙ୍କ ପ୍ରକାରର ବିଭେଦତାରୁ ଉପରେ ରହି ଲୋକମାନେ ବିଜେପି ପାଇଁ ଭୋଟ କରିଛନ୍ତି। ଯଥାଶୀଘ୍ର ଗରିବ, ମଧ୍ୟବର୍ଗର ଲୋକମାନଙ୍କ ପାଖରେ ସମସ୍ତ ସୁବିଧା ପହଞ୍ଚିବାର ଉଦ୍ଦେଶ୍ୟ ରଖି ଲୋକମାନେ ବିଜେପିକୁ ଭୋଟ ଦେଇଛନ୍ତି। ଦେଶର ହିତ ପାଇଁ ବିଜେପି ନେଇଥିବା ଓ ଆଗକୁ ନେବାକୁ ଥିବା ବଡ଼ବଡ଼ ନିଷ୍ପତ୍ତି ପାଇଁ ଲୋକମାନେ ଭୋଟ ଦେଇଛନ୍ତି। ଶର୍ଟକଟ ରାଜନୀତିର କ୍ଷତି ଭୋଟର ଜାଣିଛନ୍ତି। ଆୟଠାରୁ ବ୍ୟୟ ଅଧିକ ହେଲେ ଦେଶର କଣ ହେବ ? ମୋଦି ଅବଧା ଓ ନିରପେକ୍ଷ ନିର୍ବାଚନ ପାଇଁ ନିର୍ବାଚନ କମିଶନଙ୍କୁ ମଧ ଧନ୍ୟବାଦ ଦେଇଛନ୍ତି। ସେ କହିଛନ୍ତି, ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ଶେଷ କରିଥିବାରୁ ମୁଁ ନିର୍ବାଚନ କମିଶନଙ୍କୁ ଧନ୍ୟବାଦ ଜଣାଉଛି। ମୁଁ ଯେତିକି ଜାଣିଛି କୌଣସି ବୁଥରେ ରି-ପୁଲିଂର ଆବଶ୍ୟକ ପଡ଼ିନି। ମୁଁ ହିମାଚଳ ପ୍ରଦେଶ ଭୋଟରଙ୍କୁ ମଧ ଧନ୍ୟବାଦ ଜଣାଉଛି। ସେଠାରେ ବିଜେପି ଓ କଂଗ୍ରେସ ମଧ୍ୟରେ ଭୋଟ ବ୍ୟବଧାନ ମାତ୍ର ୧% ରହିଛି।

# ଉତ୍କଳୀୟ ପରମ୍ପରାରେ ଝୋଟି, ଚିତା ଓ ମୁରୁଜ



ରବୀନ୍ଦ୍ର କୁମାର ମହାରଣା



ଅତି ସମୃଦ୍ଧ ଆମ ଉତ୍କଳୀୟ ସଂସ୍କୃତି ଓ ପରମ୍ପରା। ପୁଣି ଜଗନ୍ନାଥ ସଂସ୍କୃତି ସହ ଓତଃପ୍ରୋତ ଭାବେ ଜଡ଼ିତ ଆମ ରାଜ୍ୟର କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରା। ଆମ ଚାଲିଚଳଣି, ରୀତିନୀତି, ପୂଜାପଦ୍ଧତି, ପର୍ବପର୍ବାଣୀ, ବାହାପୁଆଣି,ଜନ୍ମ ଦିନ ପାଳନ, ଓଷାବ୍ରତ ପାଳନ ଆଦିରେ ଉପବାସ : ସବୁକିଛି ଜଗନ୍ନାଥ ସଂସ୍କୃତି କୈନ୍ଦ୍ରିକ ଅଟେ। ତେଣୁ ପ୍ରତ୍ୟେକ ମାଙ୍ଗଳିକ କାର୍ଯ୍ୟରେ ଉତ୍କଳୀୟ ପାରମ୍ପରିକ କଳାର ଝଲକ ବାରି ହୋଇଥାଏ। ବାର ମାସରେ ତେର ପର୍ବ ପାଳନର ପରମ୍ପରା ଉତ୍କଳୀୟ ସଂସ୍କୃତିର ଶ୍ରେଷ୍ଠତାକୁ ପ୍ରତିପାଦିତ କରେ। ଏ ହେତୁ କହିବା ବାହୁଲ୍ୟ ଯେ ପ୍ରତ୍ୟେକ ଶୁଭ ତଥା ମାଙ୍ଗଳିକ କାର୍ଯ୍ୟ ସହ ଚିତ୍ରକଳାର ସଂପୃକ୍ତି ଅତି ନିବିଡ଼। ଅନେକ ରୀତିନୀତି ସହ ଆମ ରାଜ୍ୟର ଚିତ୍ରକଳାର ସହବନ୍ଧିତା ମଧ୍ୟ ଶତ ପ୍ରତିଶତ କହିଲେ ଅତ୍ୟୁକ୍ତି ହେବନାହିଁ। ଅତଏବ ଉତ୍କଳୀୟ ପରମ୍ପରାର ଶ୍ରେଷ୍ଠତା ପ୍ରତିପାଦନ କରେ ଝୋଟି ଚିତା ଓ ମୁରୁଜର କଳାତ୍ମକ ପରିପ୍ରକାଶ ଦ୍ୱାରା।

ଗୁଢାତ୍ମକ ଭାବେ ଅନୁଧ୍ୟାନ କଲେ ଜଣାଯାଏ ଯେ ପ୍ରତ୍ୟେକ ଉତ୍କଳୀୟ ପର୍ବପର୍ବାଣୀ ତଥା ମାଙ୍ଗଳିକ କାର୍ଯ୍ୟର ଅୟାଂରମ୍ଭ ହୁଏ ଗୋମୟ ଲେପନରେ ଗୃହ ନତୁବା ଶୁଭ କାର୍ଯ୍ୟାଦି ସ୍ଥଳକୁ ଶୁଦ୍ଧ କରିବାର ପ୍ରାଥମିକ ପରମ୍ପରାରୁ। ତତ୍ ପରେ ରଙ୍ଗମାଟି (ନାଲି ମାଟି)ର ପ୍ରଲେପ ଦ୍ୱାରା ବିଭିନ୍ନ ଆକୃତିର ଯଥା ଗୋଲାକାର,ବର୍ଗାକାର, ତ୍ରିଭୁଜାକାର, ଚର୍ତ୍ତୁଭୁଜାକାର କୁଣ୍ଡଳୀମାନ ପ୍ରସ୍ତୁତ କରି ତା ଉପରେ ବିଭିନ୍ନ ରଙ୍ଗ ବେରଙ୍ଗର ପଥର ଗୁଣ୍ଡ (ଉତ୍କଳୀୟ ଭାଷାରେ ମୁରୁଜ) ଦ୍ୱାରା ଶାସ୍ତ୍ରାନୁମୋଦିତ ନକ୍ସା ପ୍ରସ୍ତୁତ କରାଯାଏ। ଯାହା ଉତ୍କଳୀୟ ପରମ୍ପରାରେ ମୁରୁଜ ପକାଇବାର କଳାତ୍ମକ ଶ୍ରେଷ୍ଠତା ବାରି ହୋଇପଡେ। ମୁରୁଜର କଳାତ୍ମକ ପ୍ରଭାବ ପ୍ରତ୍ୟକ ଯଜ୍ଞାଦି କାର୍ଯ୍ୟ ଯଥା ଦୁର୍ଗା ପୂଜା, ଗଣେଶ ପୂଜା, ବିଶ୍ୱକର୍ମା ପୂଜା, ବାହାବେଦୀ, ଜନ୍ମଦିନ,ଗୃହ ପ୍ରବେଶ ନତୁବା ଗୃହ ପ୍ରତିଷ୍ଠା ପରି ମାଙ୍ଗଳିକ କାର୍ଯ୍ୟରେ ପଞ୍ଚ ମୁରୁଜରେ ବିଭିନ୍ନ ପ୍ରକାରର ଉତ୍କଳୀୟ ପରମ୍ପରାର କଳାତ୍ମକ ଭାବଧାରା ସହ ଜଡିତ ନକ୍ସା ପ୍ରସ୍ତୁତ କରିବାର ବିଧି ଅତି ପୁରାତନ। ଅଲଗା ଅଲଗା ମାଙ୍ଗଳିକ ତଥା ଶୁଭକାର୍ଯ୍ୟ ପାଇଁ ଭିନ୍ନ ଭିନ୍ନ ନମୁନା ପଞ୍ଚ ମୁରୁଜରେ ବ୍ରାହ୍ମଣାଦି ପଣ୍ଡିତମାନେ ପ୍ରସ୍ତୁତ କରିଥାନ୍ତି। ସେହି ପଞ୍ଚ ମୁରୁଜର କୁଣ୍ଡଳୀ ଉପରେ ବ୍ରାହ୍ମଣମାନେ କଳସ ସ୍ଥାପନ, ଯଜ୍ଞକୁଣ୍ଡ,ହୋମକୁଣ୍ଡ ପ୍ରସ୍ତୁତ କରି ମନ୍ତ୍ର ଉଚ୍ଚାରଣ ଦ୍ୱାରା ପୂତପବିତ୍ର କରି ମାଙ୍ଗଳିକ କାର୍ଯ୍ୟ ଆରମ୍ଭ କରିଥାନ୍ତି। ଆମ ରାଜ୍ୟର ଗାଁ ଗହଳିର ଗୃହିଣୀ ମାନେ ପ୍ରତ୍ୟେକ ଦିନ ବ୍ରାହ୍ମ ମୁହୁର୍ତ୍ତରୁ ଶର୍ଯ୍ୟା ତ୍ୟାଗ କରି ଗୃହର ପ୍ରବେଶ ଦ୍ୱାରରେ ମୁରୁଜ ଆଙ୍କିଥାନ୍ତି। ଏ ଦୃଷ୍ଟିରୁ 'ମୁରୁଜ'ର କଳାତ୍ମକ ପ୍ରଭାବ ଆମ ପରମ୍ପରା ଓ ରୀତିନୀତି ସହ ଅଙ୍ଗାଙ୍ଗୀ ଭାବରେ ଜଡିତ।

ସେହିପରି ଝୋଟି ଓ ଚିତାର ମହତ୍ତ୍ୱ ଓ କଳାତ୍ମକ ପ୍ରଭାବ ମଧ୍ୟ ଆମ ଗ୍ରାମୀଣ ସଂସ୍କୃତି ସହ ଓତଃପ୍ରୋତ ଭାବେ ଜଡ଼ିତ।ଉତ୍କଳୀୟ ସଂସ୍କୃତିର ଶ୍ରେଷ୍ଠତା ପ୍ରତିପାଦିତ କରେ ପବିତ୍ର ମାର୍ଗଶିର ମାସର ପ୍ରତ୍ୟେକ ଗୁରୁବାର ଯାହା ସାଗର ଦୁଲ୍‌ହଣୀ ମାତା ମହାଲକ୍ଷ୍ମୀଙ୍କ ଅତି ପ୍ରିୟ ବାର ଅଟେ। ଏହି ଗୁରୁବାର 'ମାଣବସା' ଗୁରୁବାର ନାମରେ ନାମିତ। ମାଣବସା ଗୁରୁବାରରେ ଝୋଟି ଓ ଚିତା ପକାଇବାର ପରମ୍ପରା ମଧ୍ୟ ଉତ୍କଳୀୟ ସଂସ୍କୃତିର କଳାତ୍ମକ କାର୍ଯ୍ୟ ଧାରାର ଶ୍ରେଷ୍ଠତାକୁ ପ୍ରତିପାଦିତ କରେ। ଝୋଟି ପକାଇବା ପାଇଁ ଗୃହିଣୀ ମାନେ ଅରୁଆ ଚାଉଳକୁ ପାଣିରେ ବତୁରାଇ ପରେ ଶିଳରେ ବାଟି ପିଠଉ ପ୍ରସ୍ତୁତ କରିବା ପରେ ଝୋଟି ପକାଇବା ପାଇଁ ଉପଯୁକ୍ତ ଉପକରଣ ପ୍ରସ୍ତୁତ ହୋଇଥାଏ। ଏହି ଚାଉଳ ବଟା ବା ପିଠଉକୁ ବ୍ୟବହାର କରି ଗୃହିଣୀ ମାନେ ଶୁଦ୍ଧପୂତ ଭାବେ ବିଭିନ୍ନ ପ୍ରକାରର କଳାତ୍ମକ ନମୁନା ଚଟାଣରେ ପକାଇ ଥାନ୍ତି। ଯଥା-ପଦ୍ମ, ପାଦ, ଧାନଶିଶା, ହାତୀ, ପୂର୍ଣ୍ଣକୁମ୍ଭ ସହ ମାଛ, ବିଭିନ୍ନ ଡାଳିଲତା, ବେଙ୍ଗେଇ ଇତ୍ୟାଦି ଆଙ୍କିଥାନ୍ତି। ମାର୍ଗଶିର ମାସର ୧ମ ଗୁରୁବାରକୁ ଛାଡ଼ି ଅନ୍ୟ ଗୁରୁବାରରେ ଯଥା-୨ୟ, ୩ୟ, ଓ ୪ର୍ଥ ପାଳିରେ ଛୋଟି ଚାଉଳ ବଟା (ପିଠଉ)ରେ ବିବାହିତା ମହିଳା ଓ ଅବିବାହିତା ଝିଅମାନେ ମଧ୍ୟ ଆଗରୁ ପ୍ରସ୍ତୁତ କୁଣ୍ଡଳୀ ଉପରେ ପକାଇ ଥାନ୍ତି। ୧ମ ପାଳି ଗୁରୁବାରରେ ମୁରୁଜ ପକାଇବାର ବିଧି ଅନେକାଂଶରେ ରହି ଆସିଛି। ଏହି ପରମ୍ପରା ବଂଶାନୁକ୍ରମିକ ଭାବେ ପିଢି ପରେ ପିଢ଼ି ଚାଲି ଆସିଛି କେଉଁ ଆବାହମାନ କାଳରୁ। ଏ ହେତୁ ଝୋଟି ହେଉ ବା ମୁରୁଜ ହେଉ ଆମ ଉତ୍କଳୀୟ ପରମ୍ପରାର କଳାତ୍ମକ ଶ୍ରେଷ୍ଠତାକୁ ଋଦ୍ଧିମନ୍ତ କରେ।

ଜୟ ଜଗନ୍ନାଥ।

*କଳା ଶିକ୍ଷକ ତଥା ପାରମ୍ପରିକ ପଟ୍ଟଚିତ୍ର ଶିଳ୍ପୀ*
*ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟ*
*ସତ୍ୟଭାମାପୁର*











**ସହରାଞ୍ଚଳ ପରିମଳ ବ୍ୟବସ୍ଥାରେ ଶ୍ରେଷ୍ଠ ପ୍ରଦର୍ଶନ**

# ଓଡ଼ିଶାକୁ ୩ ଜାତୀୟ ପୁରସ୍କାର




**ଭୁବନେଶ୍ୱର :** ସହରାଞ୍ଚଳ ପରିମଳ ବ୍ୟବସ୍ଥାରେ ଓଡ଼ିଶାର ବିଭିନ୍ନ ପଦକ୍ଷେପ ପାଇଁ ରାଜ୍ୟକୁ ୩ ଟି ଜାତୀୟ ପୁରସ୍କାର ମିଳିଛି। ମଳ ଉପଚାର ପରିଚାଳନା କ୍ଷେତ୍ରରେ ଶ୍ରେଷ୍ଠତା ପ୍ରଦର୍ଶନ ପାଇଁ ବିଏମସିକୁ ଆଇଏସସି-ଫିକି ପରିମଳ ଆୱାର୍ଡରେ ପରୁସ୍କୃତ କରାଯାଇଥିବା ବେଳେ ପରିମଳ କ୍ଷେତ୍ରରେ ପରିବର୍ତ୍ତନ ଆଣିବା ପାଇଁ କାର୍ଯ୍ୟ କରୁଥିବା ଭଦ୍ରକ ମ୍ୟୁନିସପାଲଟିର ଜଣେ ସ୍ୱଚ୍ଛସାଥୀଙ୍କୁ ପୁରସ୍କୃତ କରାଯାଇଛି। ସେହିପରି ପରିମଳ ବ୍ୟବସ୍ଥାରେ ଶ୍ରେଷ୍ଠ ଦକ୍ଷତା ପ୍ରତିପାଦନ ପାଇଁ ଯାଜପୁର ମ୍ୟୁନସିପାଲଟିକୁ ମଧ୍ୟ ପୁରସ୍କାର ମିଳିଛି। ରାଜ୍ୟର ଏହି ପୌର ସଂସ୍ଥାକୁ ଏହି ଜାତୀୟ ସ୍ତରର ପୁରସ୍କାର ମିଳିବା ପରେ ରାଜ୍ୟ ନଗର ଉନୟନ୍ନ ବିଭାଗ ପକ୍ଷରୁ ଏହି ୩ ପୌର ସଂସ୍ଥାକୁ ଶୁଭେଚ୍ଛା ଜଣାପଡ଼ିଛି।ନିଜର ସ୍ୱତନ୍ତ୍ର କାର୍ଯ୍ୟଶୈଳି ସହିତ ମଳ ଉପରାଚର ପାଇଁ ଭୁବନେଶ୍ୱରକୁ ଜାତୀୟ ସ୍ତରର ପରୁସ୍କାର ମିଳିଛି। ସ୍ୱେରେଜ, ସେଫଟେଜ ଓ ଫିକଲ ସ୍ଲଜ୍ ମେନେଜମେଣ୍ଟ କ୍ଷେତ୍ରରେ ଭୁବନେଶ୍ୱରରେ ହୋଇଥିବା କାର୍ଯ୍ୟ ପାଇଁ ବିଏମସିକୁ ପୁରସ୍କାର ମିଳିଛି। 'ଫିକି' ପକ୍ଷରୁ ଏନେଇ ଏକ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ରଖାଯାଇଥିବା ମାନଦଣ୍ଡ ପୂରଣ କରିବା ସହିତ ଭୁବନେଶ୍ୱର ଅନ୍ୟ ସହର ତୁଳନାରେ ଉନ୍ନତ ପ୍ରଦର୍ଶନ କରିଛି। ଯାହାପାଇଁ ଭୁବନେଶ୍ୱରକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଭୁବନେଶ୍ୱରରେ ଘରକୁ ଘର ସ୍ୱେରେଜ ଲାଇନ୍ ସଂଯୋଗ କରାଯିବା ସହିତ ଘରୁ ସେସପୁଲ ଗାଡ଼ି ଯୋଗେ ବର୍ଜ୍ୟ ଜଳ ନିଆଯାଉଛି। ଏହାକୁ ବୈଜ୍ଞାନିକ ପଦ୍ଧତିରେ ପରିଚାଳନା କରାଯାଉଛି। ସେହିପରି ଯେଉଁମାନେ ଏହି ନିୟମ ଖିଲାପ କରି ବାହାରେ ବର୍ଜ୍ୟ ଜଳ ଛାଡୁଛନ୍ତି ସେମାନଙ୍କ ଉପରେ ମଧ୍ୟ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଅନ୍ୟପଟେ ଭଦ୍ରକ ଜଣେ ୨୬ ବର୍ଷୀୟ ମହିଳା ସ୍ୱଚ୍ଛସାଥୀ ଭାବେ କରିଥିବା କାର୍ଯ୍ୟ ପାଇଁ ତାଙ୍କୁ ମଧ୍ୟ ପୁରସ୍କୃତ କରାଯାଇଛି। ସସ୍ମିତା ବାରିକ୍ ସହରର ସ୍ୱଚ୍ଛତା ପାଇଁ କିପରି ସକ୍ରିୟତାର ସହ କାର୍ଯ୍ୟ କରୁଛନ୍ତି ସେଥିପାଇଁ ତାଙ୍କୁ ପ୍ରଶଂସା କରାଯାଇଛି। ସସ୍ମିତା ସହରର ସ୍ୱଚ୍ଛତା ପାଇଁ ସଚେତନତା କରିବା ସହିତ ମଳ ପରିଚାଳନା ସହିତ କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ସାଗରିକା କାର୍ଯ୍ୟ କରୁଛନ୍ତି। ମୁଖ୍ୟତଃ ସରକାରୀ ନିୟମ କାନୁନ ମାନି ଲୋକମାନେ କିପରି ସହରକୁ ସ୍ୱଚ୍ଛ ରଖିବେ ସେନେଇ ସେ କାର୍ଯ୍ୟ କରୁଥିବାରୁ ତାଙ୍କୁ ଏହି ପୁରସ୍କାର ମିଳିଛି। ଫିକି ପକ୍ଷରୁ ଏହି ପୁରସ୍କାର ପ୍ରଦାନ କରାଯାଉଥିବା ବେଳେ ୨୦୧୯ରୁ ଓଡ଼ିଶା ବିଭିନ୍ନ କ୍ଷେତ୍ରରେ ଏହି ପୁରସ୍କାର ଜିତି ଆସୁଛି। ଚଳିତ ବର୍ଷ ପୁରସ୍କାର ଗ୍ରହଣ କରିବା ପାଇଁ ବିଏମସି ମେୟରଙ୍କ ସହିତ ବିଏମସି ଏକ ଟିମ୍ ଯାଇଥିବା ବେଳେ ଭଦ୍ରକର ସସ୍ମିତା ବାରିକ୍ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ଦୁର୍ଗେଶ ନନ୍ଦିନୀ ସାହୁ ଦିଲ୍ଲୀ ଯାଇଥିଲେ। ପୁରସ୍କାର ଗ୍ରହଣ କରିବା ପରେ ବିଏମସି ମେୟର ସୁଲୋଚନା ଦାସ କହିଛନ୍ତି ଯେ ପରିମଳ ବ୍ୟବସ୍ଥାରେ ସୁଧାର ପାଇଁ ଭୁବନେଶ୍ୱର ମହାନଗର ନିଗମର ବିଭିନ୍ନ ପଦକ୍ଷେପକୁ ରାଜଧାନୀବାସୀ ଗ୍ରହଣ କରୁଥିବାରୁ ବିଏମସିକୁ ଏହି ସଫଳତା ମିଳିଛି। ବିଏମସି ଦ୍ୱାରା ନିଆଯାଇଥିବା ପଦକ୍ଷେପ ଅନ୍ୟମାନଙ୍କ ପାଇଁ ମଡେଲ୍ ସାଜିଥିବା ବେଳେ ବିଏମସିକୁ ସ୍ୱୀକୃତି ମିଳିଛି। ଏହି ସଫଳତା ସ୍ୱଚ୍ଛ ସର୍ବେକ୍ଷଣ ୨୦୨୩ରେ ଭୁବନେଶ୍ୱରରକୁ ତାଲିକାରେ ଆଗକୁ ନେବାରେ ସହାୟକ ହେବ ବୋଲି ବିଏମସି ଆଶା ରଖିଛି।

# ଯୁବ ରେଡ଼କ୍ରସର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ




**ନବରଙ୍ଗପୁର :** ଓଡିଶା ରାଜ୍ୟ ରେଡ଼କ୍ରସର ନିର୍ଦ୍ଦେଶ ଅନୁସାରେ ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ଯୁକ୍ତଦୁଇ ବିଦ୍ୟାଳୟ ଓ ଯୁକ୍ତ ତିନି ମହାବିଦ୍ୟାଳୟରେ ଥିବା ଯୁବ ରେଡ଼କ୍ରସର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ନବରଂଗପୁର ମହାବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସ୍ତରୀୟ ଏହି ବୈଠକରେ ଜିଲ୍ଲାର ସ୍କୁଲ ଓ କଲେଜର ଅଧ୍ୟକ୍ଷ ଓ ରେଡ଼କ୍ରସ କାଉନସିଲର ମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା କମିଟି ଅଧ୍ୟକ୍ଷ ଡ଼ଃ ଭାସ୍କର ନାଥ ବିଶ୍ୱାଳ ଉଦଘାଟନ କରି ବିଭିନ୍ନ ଜନ ହିତକର କାର୍ଯ୍ୟ ହାତକୁ ନେଇ ଜିଲ୍ଲାର ରେଡ଼କ୍ରସକୁ ମଜବୁତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଜିଲ୍ଲା କମିଟି ସମ୍ପାଦକ ଅଧ୍ୟାପକ ଦିଲ୍ଲୀପ କୁମାର ହୋତା ଅନ୍ୟତମ ଅତିଥି ଭାବରେ ଯୋଗଦେଇ ରେଡ଼କ୍ରସର ଜିଲ୍ଲା ସ୍ଥିତିକୁ ନେଇ ଆଲୋଚନା କରିବା ସହ ଆଗାମୀ ଦିନରେ ଅନେକ ଗୁଡିଏ କାର୍ଯ୍ୟକ୍ରମକୁ ହାତକୁ ନେବାପାଇଁ ପ୍ରସ୍ତାବ ଦେଇଥିଲେ। ଜିଲ୍ଲା ସଂଯୋଜକ ଅଖିଳ କୁମାର ଭଟ୍ଟ ଅନ୍ୟତମ ଅତିଥି ଭାବରେ ଯୋଗ ଦେଇ ଜିଲ୍ଲାରେ ରେଡ଼କ୍ରସ ନଥିବା ବିଭିନ୍ନ ସ୍କୁଲ ଓ କଲେଜରେ ୟୁନିଟ ଖୋଲିବା ସହ ଅଭିଯାନକୁ ବ୍ୟାପକ କରିବା ନେଇ ପ୍ରସ୍ତାବ ଦେଇଥିଲେ। ବୈଠକର ସଂମ୍ମାନିତ ଅତିଥି ଭାବରେ ଜାତୀୟ ଫାଷ୍ଟ ଏଇଡ଼ ସମ୍ବଳ ପ୍ରଶିକ୍ଷକ ଡ଼ଃ ରଞ୍ଜନ କୁମାର ସ୍ୱାଇଁ ଯୋଗ ଦେଇ ସମସ୍ତ ଅନୁଷ୍ଠାନର ଛାତ୍ର ଛାତ୍ରୀଙ୍କୁ ପ୍ରାଥମିକ ଚିକିତ୍ସା ବିଷୟରେ ତାଲିମ ଦେବା ଉପରେ ପ୍ରସ୍ତାବ ଦେଇଥିଲେ। ନବରଂଗପୁର ମହାବିଦ୍ୟାଳୟ ରେଡ଼କ୍ରସ କାଉନସିଲର ଅଧ୍ୟାପିକା ରଜନୀ ମିଞ୍ଜ ସମଗ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଅନ୍ୟତମ କାଉନସିଲର ଅଧ୍ୟାପିକା ନିର୍ମଳା ହିକ୍କା ବିବରଣୀ ପାଠ କରିଥିଲେ। ବିଭିନ୍ନ ଅନୁଷ୍ଠାନରୁ ଆସିଥିବା ଅଧ୍ୟକ୍ଷ ଓ କାଉନସିଲର ମାନେ ନିଜ ନିଜ ଅଭିବ୍ୟକ୍ତି ପ୍ରଦାନ କରିଥିଲେ। ସର୍ବସମ୍ମତିକ୍ରମେ ଜିଲ୍ଲା ସ୍ତରୀୟ ତାଲିମ ଶିବିର ଭୈରବ ଡିଗ୍ରୀ ମହାବିଦ୍ୟାଳୟ - ଡାବୁଗାଁ ରେ ଜାନୁୟାରୀ ମାସରେ କରିବା ପାଇଁ ସ୍ଥିରୀକୃତ ହେବାସହ ପ୍ରଥମ ଥର ପାଇଁ ରେଡ଼କ୍ରସ ର ଜୋନ ସ୍ତରୀୟ ଆନ୍ତଃ ଜିଲ୍ଲା ତାଲିମ ଶିବିର ନବରଙ୍ଗପୁର ମହାବିଦ୍ୟାଳୟ ଠାରେ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଏତତ୍ ସହିତ ସ୍ଥାନୀୟ ଆବାସିକ ଅନୁଷ୍ଠାନ ବିଦ୍ୟାର୍ଥୀ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ସତ୍ୟ ନାରାୟଣ ନାୟକ ଆଗାମୀ ଦିନରେ ଜିଲ୍ଲାର ସମସ୍ତ କାଉନସିଲର ମାନଙ୍କୁ ନେଇ ଏକ ତାଲିମ ଶିବିର କରିବା ସହ ଏଥିପାଇଁ ସମସ୍ତ ପ୍ରକାର ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାର ପ୍ରମୂଖ ଭୂମିକାରେ ଥିଲେ ଅଧ୍ୟାପକ ଶମ୍ଭୁ ପ୍ରସାଦ ହୋତା, ଅଧ୍ୟାପକ ଜିତେନ୍ଦ୍ର କୁମାର ରଥ, କାଉନସିଲର ଅଶ୍ୱିନୀ ବେହେରା, ଅଶୋକ ପାତ୍ର, ପ୍ରଶାନ୍ତ ମିଶ୍ର, ରାଜନ ତ୍ରିପାଠୀ ଓ ବନମାଳୀ ବେହେରା। ଏହି କାର୍ଯ୍ୟକ୍ରମରେ ଚନ୍ଦାହାଣ୍ଡି, ଝରିଗାଁ, ରାଇଘର, ଉମରକୋଟ, ହାଟଭରଣ୍ଡି, ଡାବୁଗାଁ, ପାପଡାହାଣ୍ଡି, ମୈଦଲପୁର, ଇନ୍ଦ୍ରାବତୀ, କୋଡ଼ିଗାଁ, ନବରଙ୍ଗପୁର ଆଦିରେ ଥିବା ଅନୁଷ୍ଠାନ ଗୁଡିକରୁ ରେଡ଼କ୍ରସ କାଉନସିଲର ଓ ଅଧ୍ୟକ୍ଷ ମାନେ ଯୋଗ ଦେଇଥିଲେ।





## ପ୍ରଧାନମନ୍ତ୍ରୀ କୃଷକ କଲ୍ୟାଣ ଯୋଜନା

# ସହାୟତାରୁ ବଞ୍ଚିତ ଓଡ଼ିଶାର ୧୧.୫୧ ଲକ୍ଷ ଚାଷୀ

**ଭୁବନେଶ୍ୱର :** କେନ୍ଦ୍ରରେ ବିଜେପି ସରକାର କ୍ଷମତାକୁ ଆସିବା ପରେ କୃଷକଙ୍କ ଆୟକୁ ଦ୍ୱିଗୁଣିତ କରିବାର ପ୍ରଲୋଭନ ଦେଇଆସିଛି। ମାତ୍ର ବାସ୍ତବିକତା ଦେଖିଲେ ଏହାର ବିପରୀତ ଦୃଶ୍ୟ ଦେଖିବାକୁ ମିଳୁଛି। ଚାଷୀଙ୍କ ଆୟ ଦ୍ୱିଗୁଣିତ ହେବା ତ ଦୂରର କଥା ଓଲଟି ଅଧା କମି ଯାଇଥିବାର ଦୃଷ୍ଟାନ୍ତ ଦେଖାଯାଉଛି। ଏପରିକି ଚାଷୀ ଉତ୍ପାଦନ ପାଇଁ ଯେତିକି ଅର୍ଥ ବ୍ୟୟ କରୁଛି, ସହାୟକ ମୂଲ୍ୟ ତା'ଠାରୁ କମ୍ ଧାର୍ଯ୍ୟ ହୋଇଛି। ଏହି ସ୍ଥିତିରେ ପ୍ରଧାନମନ୍ତ୍ରୀ କୃଷକ କଲ୍ୟାଣ ଯୋଜନାରେ ଦିଆଯାଉଥିବା ସହାୟତାରୁ ରାଜ୍ୟର ୧୧ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ବଞ୍ଚିତ ହେବା ଚାଷୀଙ୍କ ପ୍ରତି କେନ୍ଦ୍ର ସରକାରଙ୍କ ଆନ୍ତରିକତାକୁ ପ୍ରଦର୍ଶିତ କରୁଛି। ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ସହାୟତା ଯୋଗାଇବା ପାଇଁ ଚାଷୀମାନଙ୍କ ବ୍ୟାଙ୍କ ଆକାଉଣ୍ଟ ନମ୍ବର ସହ ଆଧାର ସଂଯୋଗ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ସାଧାରଣତଃ କୃଷକଙ୍କ ତଥ୍ୟ ରାଜ୍ୟ ସରକାର ଦେଇଥାନ୍ତି। ଏହି ତଥ୍ୟ ପିଏମ୍ କିଷାନ ପୋର୍ଟାଲ ମାଧ୍ୟମରେ ଅପଲୋଡ୍ ହୋଇଥାଏ। ଏହା ପରେ ଏହାର ପ୍ରାମାଣିକତା ଯାଞ୍ଚ କରିବା ପାଇଁ ଚାଷୀଙ୍କ ଡାଟା ପବ୍ଲିକ ଫାଇନାନ୍ସିଆଲ ମ୍ୟାନେଜମେଣ୍ଟ ସିଷ୍ଟମ ଏବଂ ଆଧାର ନମ୍ବର ପ୍ରମାଣିକରଣ ପାଇଁ ୟୁନିକ ଆଇଡେଣ୍ଟିଫିକେସନ ଅଥରିଟି ଅଫ୍ ଇଣ୍ଡିଆ ନିକଟକୁ ପଠାଯାଇଥାଏ। ଏହା ବ୍ୟତିତ ଏହି ତଥ୍ୟ ଆୟକର ବିଭାଗ ଏବଂ ବ୍ୟାଙ୍କ ଖାତାର ଆଧାର ସଂଯୋଗୀକରଣ ପାଇଁ ନ୍ୟାସନାଲ ପେମେଣ୍ଟ କର୍ପୋରେସନକୁ ମଧ୍ୟ ପଠାଯାଇଥାଏ। ପ୍ରଧାନମନ୍ତ୍ରୀ କୃଷକ କଲ୍ୟାଣ ଯୋଜନାରେ ପ୍ରତି କୃଷକଙ୍କୁ ୬ ହଜାର ଟଙ୍କା ଲେଖାଏଁ ପ୍ରଦାନ କରିବା ପାଇଁ ଏହି ପ୍ରକ୍ରିୟା ଅନୁସୃତ ହୋଇଥାଏ। ଏହି ଯୋଜନାରେ ୧୧ ତମ କିସ୍ତି ପ୍ରଦାନ ପର୍ଯ୍ୟନ୍ତ ଏହା ସ୍ୱାଭାବିକ ରୂପେ ଚାଲୁଥିଲା। ମାତ୍ର ଏହାପରେ କେନ୍ଦ୍ର ସରକାର ତାହା ଉପରେ ନୂତନ ଭାବେ ଚାରୋଟି ଡିଜିଟାଲ ଫିଲ୍ଟର ଲଗାଇଥିଲେ। ଏତଦ୍ୱାରା ସମ୍ବିଧାନିକ ପଦରେ କାମ କରୁଥିବା କିମ୍ବା ଅତୀତରେ କାମ କରିଥିବା ବ୍ୟକ୍ତି, ମନ୍ତ୍ରୀ, ସାଂସଦ, ବିଧାୟକ, ମେୟରଙ୍କ ସମେତ ପଞ୍ଚାୟତ ପ୍ରମୁଖ, ଦଶ ହଜାର ଟଙ୍କାରୁ ଅଧିକ ପେନସନ ପାଉଥିବା ପେନସନ ଭୋଗୀ ଓ କେନ୍ଦ୍ର ସରକାରଙ୍କ ଅଧୀନରେ କାମ କରୁଥିବା କିମ୍ବା କେନ୍ଦ୍ରରୁ ଅବସର ଗ୍ରହଣ କରିଥିବା ବ୍ୟକ୍ତିଙ୍କୁ ଏହି ଯୋଜନାରୁ ବାଦ୍ ଦିଆଯାଇଛି। ବୈଷୟିକ ଜ୍ଞାନକୌଶଳ ବ୍ୟବହାର କରାଯାଇ କୃଷକର ଜମି ରେକର୍ଡ ସହ ଆଧାର କାର୍ଡ ସଂଯୋଗୀକରଣର ବିଶ୍ଳେଷଣ କରାଯିବା ସହ ଏହି ବିଶ୍ଳେଷଣ ରିପୋର୍ଟକୁ ୟୁନିକ ଆଇଡେଣ୍ଟିଫିକେସନ ଅଥରେଟି ଅଫ୍ ଇଣ୍ଡିଆ ନିକଟକୁ ପଠାଯାଉଛି। ହିତାଧିକାରୀଙ୍କ ବ୍ୟାଙ୍କ ଖାତାର ପ୍ରମାଣିକରଣ ପରେ ପିଏମ୍ କିଷାନ କଲ୍ୟାଣ ଯୋଜନାର ୬ ହଜାର ଟଙ୍କା ଲେଖାଏଁ ଦ୍ୱାଦଶ କିସ୍ତି ପଠାଯାଉଥିବା ଜଣାପଡୁଛି। ଏହା ସହିତ ବ୍ୟତିକ୍ରମ ହୋଇଥିବା ଆକାଉଣ୍ଟ ଗୁଡ଼ିକୁ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ପାଇଁ ଆୟକର ବିଭାଗକୁ ପଠାଇ ଦିଆଯାଉଛି। ଏହି ଫଳରେ ଦ୍ୱାଦଶ କିସ୍ତି ପ୍ରଦାନ ସମୟରେ ସମଗ୍ର ଦେଶରୁ ୧.୮୬ କୋଟି କୃଷକଙ୍କୁ ଏହି ଯୋଜନାରୁ ବାଦ୍ ଦିଆଯାଇଛି ଏବଂ ଓଡ଼ିଶାରୁ ୧୧ ଲକ୍ଷ ୫୧ ହଜାର ୨୬୨ ଜଣ କୃଷକ ପ୍ରଧାନମନ୍ତ୍ରୀ କୃଷକ କଲ୍ୟାଣ ଯୋଜନାରୁ ବାଦ୍ ପଡ଼ିଛନ୍ତି। ଏହି ଯୋଜନାରେ ୩୩,୧୦,୬୧୮ ଜଣ ଚାଷୀ ଏକାଦଶ କିସ୍ତିରେ ସହାୟତା ପାଇଥିଲେ। ମାତ୍ର ଦ୍ୱାଦଶ କିସ୍ତି ପାଇଛନ୍ତି ମାତ୍ର ୨୧,୫୯,୩୫୬ କୃଷକ। ସେହିପରି ପଞ୍ଜାବରେ ୧୪,୮୮୭୬୦, କେରଳରେ ୧୪,୫୯୮୦୬, ରାଜସ୍ଥାନରେ ୧୪,୨୯୪୦୨ , ମହାରାଷ୍ଟ୍ରରେ ୧୦,୮୭୭୮୧, ତାମିଲନାଡୁରେ ୯.୮୫ ଲକ୍ଷ, ଝାରଖଣ୍ଡରେ ୯.୩୮ ଲକ୍ଷ, ଗୁଜରାଟରେ ୬.୭୮ ଲକ୍ଷ, ଛତିଶଗଡ଼ରେ ୬.୬୫ ଲକ୍ଷ, ଜାମ୍ମୁ କାଶ୍ମୀରରେ ୬.୫୯ ଲକ୍ଷ କୃଷକ ଏଥିରୁ ବଞ୍ଚିତ ହୋଇଛନ୍ତି। ଅପର ପକ୍ଷରେ କର୍ଣ୍ଣାଟକରେ ୮୫,୯୪୭ , ନାଗାଲାଣ୍ଡରେ ୧୩,୧୪୨ , ମଣିପୁରରେ ୨,୧୭୦, ମିଜୋରାମରେ ୯୧୩ ଓ ଲାକ୍ଷାଦୀପରେ ୮୪୨ ଚାଷୀ ନୂତନ ଭାବେ ଏହି ଯୋଜନାରେ ସାମିଲ ହୋଇଛନ୍ତି। କେନ୍ଦ୍ର ସରକାରଙ୍କ ଏହି ପଦକ୍ଷେପ ରାଜ୍ୟର କୃଷକମାନଙ୍କୁ ତୀବ୍ର ପ୍ରତିକ୍ରିୟାଶୀଳ କରିଛି। ଚାଷୀଙ୍କ ପାଇଁ ବିଜେପି ସରକାର କୁମ୍ଭୀରକାନ୍ଦଣା କାନ୍ଦୁଥିବା ସମୟରେ ସେମାନଙ୍କୁ ପ୍ରଦାନ କରାଯାଉଥିବା ସହାୟତା ରାଶି କାଟି ଦେବା ଅଯଥାର୍ଥ ବୋଲି କହିଛନ୍ତି ବରଗଡ଼ର କୃଷକ ନେତା ଜେଠୁ ଭୋଇ। କେନ୍ଦ୍ର ସରକାରଙ୍କ ଏହି ପଦକ୍ଷେପ ବିରୋଧରେ ରାଜ୍ୟବ୍ୟାପୀ କୃଷକ ଆନ୍ଦୋଳନ ହେବ ବୋଲି ସେ ଚେତାବନୀ ଦେଇଛନ୍ତି।

## ଜଳସମ୍ପଦ ଓ କୃଷି ବିଭାଗର ନିଷ୍ପତ୍ତି

# ରବି ସେଚ ଲକ୍ଷ୍ୟ ଛୁଇଁବ ୧୧.୨୬ଲକ୍ଷ ହେକ୍ଟର

**ଭୁବନେଶ୍ୱର :** ରାଜ୍ୟ ସରକାର ୨୦୨୨-୨୩ ବର୍ଷ ରବି ଫସଲ ଲାଗି ୧୧.୨୬ ଲକ୍ଷ ହେକ୍ଟର ଜମିକୁ ଜଳ ସେଚନ କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି। ଗତବର୍ଷ ଏହି ଲକ୍ଷ ୧୦.୫୦ଲକ୍ଷ ହେକ୍ଟର ଥିବାବେଳେ ଏବେ ଏହାକୁ ବୃଦ୍ଧି କରାଯାଇଛି। ବାସ୍ତବରେ ଯେଭଳି ଏହି ପରିମାଣର ଜମିକୁ ଜଳସେଚନ ହୋଇ ପାରିବ ତା' ଉପରେ ଗୁରୁତ୍ୱ ଦେବାକୁ ଜଳସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବ ଅନୁ ଗର୍ଗ ଗୁରୁତ୍ୱାରୋପ କରିଛନ୍ତି। ନିକଟରେ ଶ୍ରୀମତୀ ଗର୍ଗଙ୍କ ଅଧ୍ୟକ୍ଷତାରେ ଜଳ ସମ୍ପଦ ଏବଂ କୃଷି ବିଭାଗର ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ କୃଷି ବିଭାଗ ପ୍ରମୁଖ ସଚିବ ଡ. ଅରବିନ୍ଦ ପାଢ଼ୀ ସ୍ୱଳ୍ପ ଜଳ ବ୍ୟବହାରରେ ହେଉଥିବା ବିଭିନ୍ନ ପୁଷ୍ଟିକର ଶସ୍ୟ ମାଣ୍ଡିଆ, ଯଅ ପ୍ରଭୃତି ଅର୍ଥକାରୀ ଫସଲକୁ ନେଇ ଜଳସେଚନ ଉପରେ ଗୁରୁତ୍ୱ ଦେଇଥିଲେ। ବୈଠକର ନିଷ୍ପତ୍ତି ଅନୁଯାୟୀ, ରବି ଋତୁ ସୁଦ୍ଧା କିଭଳି ୧୧.୨୬ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ହୋଇପାରିବ ସେ ଦିଗରେ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ଗୁରୁତ୍ୱ ଦେବେ। ରବି ଆୟକଟରେ ୧୨ଲକ୍ଷ ହେକ୍ଟରରୁ ଊର୍ଦ୍ଧ୍ୱ ଜମି ରହୁଥିବାବେଳେ ରବି ପ୍ରୋଗ୍ରାମରେ ଚଳିତବର୍ଷ ୧୧.୨୬ଲକ୍ଷ ହେକ୍ଟର ଚାଷଜମି ନିଆଯାଇଛି। ଏହା ମଧ୍ୟରେ ଥିବା ଅନ୍ତର(ଗ୍ୟାପ୍)କୁ ଆସନ୍ତାବର୍ଷ ହ୍ରାସ କରିବା ଲାଗି ଉଭୟ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବାକୁ ନିଷ୍ପତ୍ତି ହୋଇଛି। ଏଥିଲାଗି ଉଦ୍ୟାନ କୃଷି ଓ ମୃତ୍ତିକା ସଂରକ୍ଷଣ ବିଭାଗ ଦ୍ୱାରା ସୃଷ୍ଟି କରାଯାଇଥିବା 'ଆମ ଜଳାଶୟ' ବ୍ୟବହାର କରାଯିବ। ଜଳ ସେଚନ କ୍ଷମତା ବୃଦ୍ଧି ଏବଂ ଉପୁଜୁଥିବା ବିଭିନ୍ନ ସମସ୍ୟାର ସମାଧାନ ଲାଗି ପ୍ରତି ୧୫ ଦିନରେ ଥରେ ସମନ୍ୱୟ ବୈଠକ ଆୟୋଜିତ ହେବ। ସେହିପରି ଫସଲ ବିବିଧିକରଣ, ଅଣ ଧାନ ଫସଲ ଯେପରିକି ମାଣ୍ଡିଆ, ଯଅ, ବାଜରା, ପନିପରିବା ଏବଂ ଅନ୍ୟାନ୍ୟ ଅର୍ଥକରୀ ଫସଲ ଯାହା ପାଇଁ କମ ଜଳର ଆବଶ୍ୟକତା ରହିଛି। ଏହିଭଳି ଚାଷକୁ ପ୍ରୋତ୍ସାହିତ କରିବା ପାଇଁ କୃଷି ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରାଯିବ। ଏହି ସବୁ ଲକ୍ଷ୍ୟ ପୂରଣ ଲାଗି ନିୟମିତ ବ୍ୟବଧାନରେ ନିର୍ଦ୍ଦେଶକସ୍ତରୀୟ ବୈଠକ ଆୟୋଜନ କରାଯିବାକୁ ନିଷ୍ପତ୍ତି ହୋଇଛି। ସୂଚନାଯୋଗ୍ୟ ଯେ, ରାଜ୍ୟରେ ୬୧ଲକ୍ଷ ୮୦ ହଜାର ହେକ୍ଟରରୁ ଅଧିକ ଚାଷ ଉପଯୋଗୀ ଜମି ରହିଥିବାବେଳେ ଇତିମଧ୍ୟରେ ୨୨ଲକ୍ଷ ୪୬ ହେକ୍ଟର ଜମିରେ ଜଳ ସେଚନ ସୁବିଧା କରାଯାଇଛି। ଏହାବାଦ୍ ଉଠାଜଳସେଚନ ପ୍ରକଳ୍ପ ମାଧ୍ୟମରେ ପ୍ରାୟ ୧୩,୪୬,୪୦୫ ହେକ୍ଟର ଚାଷ ଜମିରେ ଜଳସେଚନ ସୁବିଧା ହୋଇଛି।

# ଜବର ଦଖଲକାରୀଙ୍କ କବ୍ଜାରେ ସରକାରୀ ଜମି; ପ୍ରଶାସନ ଚୁପ୍

**ଜଗତସିଂହପୁର :** ଦିନକୁ ଦିନ ଲୋକସଂଖ୍ୟା ଯେତିକି ବଢି ବଢି ଚାଲିଛି ତାହାଠୁ ଅଧିକ ସରକାରୀ ଜମି ସବୁ ଜବରଦଖଲ କାରୀଙ୍କ ଉଚ୍ଚ ଅଟାଳିକା ନିର୍ମାଣକୁ ନେଇ। ଏହି ଜବରଦଖଲ କାରୀଙ୍କ ବିରୁଦ୍ଧରେ ପ୍ରଶାସନ ପକ୍ଷରୁ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଉନଥିବାରୁ ଦିନକୁ ଦିନ ସରକାରୀ ଜମି ସବୁ ଜବରଦଖଲରେ ପରିଣତ ହେଲାଣି। ସରକାରୀ ଜମି ସବୁ ଥିବା ଚିରକାଳ, ଗୋଚର, ଅଙ୍କିରା ଓ ଅନାବାଦୀ ଜମି ସବୁ ପଡିଆ ବଦଳରେ ମାର୍କେଟ କମ୍ପ୍ଲେକ୍ସ, ଶୌଚାଳୟ, ଦୋକାନ ବଜାର, ଗାଧୁଆ ଘର ଓ ରୋଷେଇ ଘର ଭାବେ ପରିଣତ ହୋଇଗଲାଣି। ଏସମ୍ପର୍କରେ ବହୁ ଅଭିଯୋଗ ଆସୁଥିଲେ ବି ତହସିଲ କର୍ତ୍ତୃପକ୍ଷ ବିଭାଗୀୟ ଅଧିକାରୀମାନଙ୍କ ନଜରରେ ନଆସୁଥିବାର ବି ଜଣାପଡୁଛି। ସରକାରୀ ବାବୁମାନଙ୍କ ଓ ଜବରଦଖଲ କାରୀମାନଙ୍କ ମଧ୍ୟରେ ଚାଲିଛି ମଧୁଚନ୍ଦ୍ରିକା। ଯେଉଁଥି ପାଇଁ ସରକାରୀ ଜମି ସବୁ ଆଜି ବୃକ୍ଷରାଜିରେ ପରିଣତ ନହୋଇ କୋଠାଘରର ରୂପ ନେବାକୁ ବସିଲାଣି। କେବେ ସୁଧୁରିବେ ସରକାରୀ ବାବୁମାନେ??? ଜଗତସିଂହପୁର ଜିଲ୍ଲାର ବିଭିନ୍ନ ସ୍ଥାନ ଆଜି ଜବରଦଖଲ କାରୀଙ୍କ କବ୍ଜାରେ। ଏ ଦିଗରେ ବହୁ ଗଣମାଧ୍ୟମ ମାନଙ୍କରେ ଖବର ପ୍ରକାଶ କରାଯାଉଥିଲେ ବି ସରକାରୀ ବାବୁମାନଙ୍କ ନିଘାରେ ରହୁନାହିଁ। ଏପରିକି ଜଙ୍ଗଲ ଜମି ଗୁଡିକ ବି ଜବରଦଖଲ କାରୀମାନଙ୍କ କବ୍ଜାରେ ରହୁଥିବାରୁ ବୃକ୍ଷରୋପଣ ବଦଳରେ କ୍ଲବଘର, ଦୋକାନବଜାର, ମଠ, ମନ୍ଦିର ଇତ୍ୟାଦି ବେଆଇନ ଭାବେ ନିର୍ମାଣ ହୋଇଚାଲିଛି। ପ୍ରଶାସନ ଅଧିକାରୀମାନଙ୍କ ବାହୁ ଛାୟା ତଳେ କିଛି ରାଜନେତା, ଠିକାଦାର ଓ କୁଜିନେତା ମାନେ ରହି ସରକାରୀ ଜମି ସବୁ ଯେ ଲୋପ ପାଇଯିବ। ଏପରିକି ଜବରଦଖଲ କାରୀମାନେ ରାସ୍ତା କଡରେ ଚା, ପାନଦୋକାନ, ଜଳଖିଆ ଦୋକାନ, ଚିକେନ୍, ପନରିପରିବା ଓ ଗ୍ରୋସରୀ ସାମଗ୍ରୀ ସବୁ ବିକ୍ରୟ କରୁଥିବା ବେଳେ ସରକାରୀ ତହବିଲରେ ଖଜଣା ଆଦାୟ କରାଯାଉନାହିଁ କି ସରକାରୀ ଜମି ସବୁକୁ କାହିଁକି ଜବରଦଖଲ କରୁଛନ୍ତି ତାହାର ଉଚ୍ଛେଦ ବି କରାଯାଉନାହିଁ। ତେଣୁ ଜବରଦଖଲ କାରୀଙ୍କ ସଂଖ୍ୟା ବଢି ବଢି ଚାଲିଥିବା ବେଳେ ସରକାରୀ ଜମି ସବୁ ଲୁପ୍ତ ହୋଇଯିବାକୁ ବସିଲାଣି।

# ରାଜ୍ୟରେ ମାଡ଼ିଚାଲୁଛି ଲମ୍ପି ଚର୍ମ ରୋଗ, ଚିନ୍ତାରେ ଗୋ' ଚାଷୀ

**ଭୁବନେଶ୍ୱର :** ରାଜ୍ୟରେ ମାଡ଼ିଚାଲୁଛି ଲମ୍ପି ଚର୍ମ ରୋଗ। ଗୃହପାଳିତ ପଶୁପକ୍ଷୀ, ବିଶେଷ କରି ଗୋରୁ ଗାଈ ଏହି ରୋଗରେ ସଂକ୍ରମିତ ହେଉଛନ୍ତି। ଫଳରେ ଗୋରୁଙ୍କ ଶରୀରର ବିଭିନ୍ନ ସ୍ଥାନରେ ପ୍ରଥମେ ଆବୁ ସୃଷ୍ଟି ହେବା ସହ ଏହା କ୍ଷତରେ ପରିଣତ ହେଉଛି। ଏହାକୁ ନେଇ ଗୋପାଳକଙ୍କ ମଧ୍ୟରେ ଚିନ୍ତା ବଢ଼ିବାରେ ଲାଗିଛି। ଲମ୍ପି ଚର୍ମ ରୋଗରୁ ବର୍ତ୍ତିବା ପାଇଁ ଲୋକମାନେ ବିକଳରେ କାଳିସୀର ଆଶ୍ରୟ ନେଇ ପୂଜାପାଠ କରୁଛନ୍ତି। ଏପରି ଦୃଶ୍ୟ ଗଞ୍ଜାମ ଜିଲ୍ଲା ଧରାକୋଟ ବ୍ଲକ ଅଞ୍ଚଳରେ ଦେଖିବାକୁ ମିଳିଛି। ଧରାକୋଟ ବ୍ଲକର ମୁଣ୍ଡମରାଇ, କୁଶରାବ, ବରିଗୁଡ଼ା, ତାଳପାଟଣା, ହରିପୁର, ପ୍ରତାପପୁର ଆଦି ଗାଁରେ ଦେଖିବାକୁ ମିଳିଛି ଲମ୍ପି ଭୂତାଣୁର ଆତଙ୍କ। କେବଳ ଧରାକୋଟ ନୁହଁ,



ଗତ କିଛିଦିନ ତଳେ ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ଅଞ୍ଚଳରେ ମଧ ମାଡ଼ିଚାଲିଛି ଏହି ଲମ୍ପି ଭୂତାଣୁ। ଭଦ୍ରକ ଜିଲ୍ଲା ବାସୁଦେବପୁର, କଟକ ଜିଲ୍ଲା ନିଆଳି ଅଞ୍ଚଳରେ ଗୋରୁ ବ୍ୟାପକ ମାତ୍ରାରେ ସଂକ୍ରମିତ ହେଉଛନ୍ତି। କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ କହିବା ଅନୁସାରେ, ମୟୂରଭଞ୍ଜ, ରାୟଗଡ଼ା ଓ ଛତିଶଗଡ଼ ସୀମାନ୍ତ ଅଞ୍ଚଳରେ ସ୍ଥିତି ସଂଗୀନ ରହିଛି। ପଡ଼ୋଶୀ ରାଜ୍ୟରୁ ଗୋ-ଚାଲାଣ ଯୋଗୁ ଏହି ଭାଇରସ୍ ବ୍ୟାପୁଥିବା ଜଣାପଡ଼ିଛି। ସ୍ଥିତି ଉଦବେଗଜନକ ଥିବା ବେଳେ, ସଂକ୍ରମଣ ରୋକିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରୋଗର ପ୍ରତିକାର ପାଇଁ ୧୫ ଲକ୍ଷ ଟିକାକରଣ ଲକ୍ଷ୍ୟ ରଖାଯାଇଥିବା ବେଳେ ୫ ଲକ୍ଷ ଟିକାକରଣ ସରିଥିବା କହିଛନ୍ତି କୃଷିମନ୍ତ୍ରୀ।

# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ବାର୍ଷିକ କ୍ରୀଡା ଉତ୍ସବ



**ବରଗଡ଼ :** କାଠଡେରା ସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ମାତୃନିଳୟର ବାର୍ଷିକ କ୍ରୀଡା ଉତ୍ସବ ପାଞ୍ଚ ଦିନ ଧରି ଅଧ୍ୟକ୍ଷା ରିଲି ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଶିକ୍ଷାକେନ୍ଦ୍ରର କାର୍ଯ୍ୟକାରୀ ସଭାପତି ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ପ୍ରଧାନ କ୍ରୀଡ଼ା ପତାକା ଉତ୍ତୋଳନ କରି ଏହାକୁ ଉଦଘାଟନ କରିଥିଲେ। ଦିବ୍ୟ ଜନନୀ ଶ୍ରୀମାଙ୍କ ଠାରେ ପ୍ରଦୀପ ପ୍ରଜ୍ୱଳନ ସହ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବର୍ଗର କ୍ରୀଡା ସହିତ ବକ୍ତୃତା, ଚିତ୍ରାଙ୍କନ, ରଙ୍ଗୋଲି, ହସ୍ତାକ୍ଷର, ସୃଜନଶୀଳ ଲିଖନ, ସଂଗୀତ, ନୃତ୍ୟ, କୌତୁକିଆ ବେଶପୋଷାକ, ମୂକାଭିନୟ, ଇତ୍ୟାଦିରେ ଛାତ୍ରଛାତ୍ରୀ ମାନେ ଅଂଶଗ୍ରହଣ କରି ନିଜର କ୍ରୀଡ଼ା କୌଶଳ ପ୍ରଦର୍ଶନ କରିଥିଲେ। ସମସ୍ତ ଖେଳ ଗୁଡିକୁ କ୍ରୀଡ଼ା ବିଭାଗ ର ମୁଖ୍ୟ ରାଜେଶ ସେଟ ଓ ଜିତେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ଶିକ୍ଷକେନ୍ଦ୍ର ଭୀଷ୍ମଦେବ ରଣା, ରୋହିତ ବିଶ୍ୱାଳ, ବିଜୟ ବନଛୋର, ଶଶୀଭୂଷଣ ଦାଶ,ଯୋଗୀନ୍ଦ୍ର କୁମାର, ରୀନା ସାହୁ, ସବିତା ପ୍ରଧାନ, ସରିତା ସାହୁ ସତ୍ୟବତୀ ନାଗ ଆଦି ଶିକ୍ଷକ ଅପା ଭାଇ ଓ ପରିଚାଳନା କମିଟିର ସୁରେନ୍ଦ୍ର ବାଗ, ସନ୍ତୋଷ ପଣ୍ଡା, ଶ୍ୟାମ ସୁନ୍ଦର ପ୍ରଧାନ,ଜୟନ୍ତୀ ସିଂ ସହଯୋଗ କରିଥିଲେ। ଶେଷରେ ଶିକ୍ଷାକେନ୍ଦ୍ରର ସମ୍ପାଦକ ଶ୍ରୀଯୁକ୍ତ ଚାପଧାରୀ ସିଂ କ୍ରୀଡ଼ା ପତାକା ଅବତରଣ କରି କ୍ରୀଡା ଉତ୍ସବର ସମାପ୍ତି ଘୋଷଣା କରିଥିଲେ।

# ଦୁଲମପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଜ୍ଞାନ ମେଳା

**ବରଗଡ :** ବରଗଡ଼ ଜିଲ୍ଲା ଅତାବିରା ବ୍ଲକ ଅନ୍ତର୍ଗତ ଦୁଲମପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଛାତ୍ରଛାତ୍ରୀ ସକ୍ରିୟ ସହଯୋଗରେ ଏହି ମେଳାରେ ଅଂଶ ଗ୍ରହଣ କରିଥିଲେ। ଏହି ମେଳାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ମଧ୍ୟରୁ ୬୦ଟି ଛାତ୍ରଛାତ୍ରୀ ବିଭିନ୍ନ ପ୍ରକାର ଅଭିନବ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସକ୍ରିୟ ସହାୟତାରେ ଛାତ୍ରଛାତ୍ରୀ ଉତ୍ସୁକତା ସହିତ ଏହି ମେଳାକୁ ସଫଳ ମଣ୍ଡିତ କରିଥିଲେ। ଏହି ମେଳାରେ ମୁଖ୍ୟ ଅତିଥି ଭାବେ ଦୁଲମପୁର ଜାଗୃତି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଂଜୀବ କୁମାର ଦାସ, କୁମେଲସିଂହା ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ସୁଧାଂଶୁ ଶେଖର ଦାଶ ପ୍ରକଳ୍ପ ଗୁଡିକର ବିଚାରକ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ଅଷ୍ଟମ ଶ୍ରେଣୀରୁ ବର୍ଷାରାଣୀ ପ୍ରଧାନ ପ୍ରଥମ, ଷଷ୍ଠ ଓ ଅଷ୍ଟମ ଶ୍ରେଣୀରୁ ଯଶ ସାହୁ ଓ ଚନ୍ଦନ ପଟେଲ ଦ୍ୱିତୀୟ ଓ ଷଷ୍ଠ ଶ୍ରେଣୀରୁ ମୌସୁମୀ ସାହୁ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପଞ୍ଚମ ଶ୍ରେଣୀର ଶୋଭିତ ସାହୁ ପ୍ରଥମ, ଚତୁର୍ଥ ଓ ପଞ୍ଚମ ଶ୍ରେଣୀର ଲକ୍ଷ୍ମୀପ୍ରିୟା ସାହୁ ଓ ନିରଂଜନ ଭୋଇ ଦ୍ୱିତୀୟ ସ୍ଥାନ



ଅଧିକାର କରିଥିବା ବେଳେ ଦ୍ୱିତୀୟ ଶ୍ରେଣୀର ରୋଶନ ଭୁଏ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିର୍ମଳ କୁମାର ନନ୍ଦ, ବିଜ୍ଞାନ ଶିକ୍ଷକ ମଳୟ କୁମାର କମ୍ପ ଓ ସହକାରୀ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ। ଶିକ୍ଷୟତ୍ରୀ ତଥା ସିଆରସିସି ରଶ୍ମି ରାଣୀ ନନ୍ଦ ଅତିଥି ସତ୍କାର ଓ ସଭା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମଟି ଛାତ୍ରଛାତ୍ରୀ ମାନଙ୍କୁ ଆନନ୍ଦ ପ୍ରଦାନ କରିବା ସହିତ ଶିକ୍ଷଣରେ ଫଳପ୍ରଦ ହୋଇଥିଲା।

PLO T FOR SALE
MOUZA:BHOLA



N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha
Contact : 8658607286



PLOT FOR SALE
MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455

MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30th Approch Road
Contact : 8658607286 / 8917571455

# ରାଜ୍ୟ ମାନ୍ୟତା ସୂଚକାଙ୍କ ଶୀର୍ଷରେ ଓଡ଼ିଶା

**ଭୁବନେଶ୍ୱର :** ଦେଶରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍ଏଫ୍ଏସ୍ଏ)ର କାର୍ଯ୍ୟକାରିତାକୁ ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଥମ ରାଜ୍ୟ ମାନ୍ୟତା ସୂଚକାଙ୍କ ୫ ଜୁଲାଇ, ୨୦୨୨ରେ ଜାରି କରାଯାଇଥିଲା। ଏହି ମାନ୍ୟତାରେ ଓଡ଼ିଶା ୦.୮୩୬ ସ୍କୋର ସହିତ ପ୍ରଥମ ସ୍ଥାନ ହାସଲ କରିଛି। ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଏବଂ ଲକ୍ଷ୍ୟ ଆଧାରିତ ସାଧାରଣ ବଣ୍ଟନ ପ୍ରଣାଳୀ (ଟିପିଡିଏସ୍) କାର୍ଯ୍ୟକାରୀ କରାଯାଉଛି। କେନ୍ଦ୍ର ସରକାର ଏହି ଦୁଇଟି ଯୋଜନାରେ ଖାଦ୍ୟଶସ୍ୟ ବିତରଣର ମୂଲ୍ୟାଙ୍କନ କରୁଛନ୍ତି। ଏହି କ୍ରମରେ ରାଜ୍ୟମାନଙ୍କର ପ୍ରଦର୍ଶନକୁ ନେଇ ଏନ୍ଏଫ୍ଏସ୍ଏ ମୂଲ୍ୟାଙ୍କନ ସୂଚକାଙ୍କ ପ୍ରକାଶିତ ହୋଇଛି। କେନ୍ଦ୍ର ଉପଭୋକ୍ତା ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ରାଷ୍ଟ୍ରମନ୍ତ୍ରୀ ସାଧ୍ୱୀ ନିରଞ୍ଜନ ଜ୍ୟୋତି ଲୋକସଭାରେ ଏକ ଲିଖିତ ଉତ୍ତରରେ କହିଛନ୍ତି ଯେ, ଏହି ସୂଚକାଙ୍କ ତିନୋଟି ସ୍ତମ୍ଭ ଉପରେ ଆଧାରିତ ଯାହାକି ଖାଦ୍ୟ ସୁରକ୍ଷା ଏବଂ ପୁଷ୍ଟିସାଧନର ବିଭିନ୍ନ ଦିଗକୁ ବିବେଚନା କରିଥାଏ। ପ୍ରତ୍ୟେକ ସ୍ତମ୍ଭରେ ବିଭିନ୍ନ ମାପଦଣ୍ଡ ରହିଛି ଯାହା ଏହି ମୂଲ୍ୟାଙ୍କନକୁ ସମର୍ଥନ କରିଥାଏ। ପ୍ରଥମ ସ୍ତମ୍ଭରେ ଏନ୍ଏଫ୍ଏସ୍ଏ, ଉପଯୁକ୍ତ ହିତାଧିକାରୀଙ୍କୁ ସାମିଲ କରିବା ଏବଂ ଏନ୍ଏଫ୍ଏସ୍ଏ ଅଧୀନରେ ସବୁ ବ୍ୟବସ୍ଥାର କାର୍ଯ୍ୟକାରିତାକୁ ଅନ୍ତର୍ଭୁକ୍ତ କରାଯାଇଛି। ଦ୍ୱିତୀୟ ସ୍ତମ୍ଭ ବିତରଣ ପ୍ଲାଟଫର୍ମକୁ ବିଶ୍ଳେଷଣ କରିଥାଏ ଏବଂ ଏଥିରେ ଖାଦ୍ୟ ଶସ୍ୟ ଆବଣ୍ଟନ, ଏହାର ପରିବହନ ଏବଂ ଅନ୍ତିମ ସୋପାନରେ ଥିବା ସୁଲଭ ବିକ୍ରୟ କେନ୍ଦ୍ରରେ ପହଞ୍ଚାଇବା ପ୍ରତି ଧ୍ୟାନ ଦିଆଯାଏ। ତୃତୀୟ ସ୍ତମ୍ଭରେ ବିଭାଗର ପୁଷ୍ଟିସାଧନ ପ୍ରୟାସ ଉପରେ ଧ୍ୟାନ ଦିଆଯାଇଛି। ରାଜ୍ୟମାନଙ୍କ ମଧ୍ୟରେ ପ୍ରତିଯୋଗିତାର ପରିବେଶ ସୃଷ୍ଟି କରିବା, ଆପୋସ ସହଯୋଗ ଓ ପରସ୍ପରଠାରୁ ଶିକ୍ଷାଲାଭ କରିବା, ପାରଦର୍ଶିତା ବଢ଼ାଇବା ଏବଂ ଗବେଷଣା ଓ ବିଶ୍ଳେଷଣ ପାଇଁ ସର୍ବସାଧାରଣ ମଞ୍ଚରେ ପ୍ରାମାଣିକ ତଥ୍ୟ ପ୍ରକାଶ କରିବା ଲାଗି ରାଜ୍ୟ ମାନ୍ୟତା ସୂଚକାଙ୍କ ପ୍ରସ୍ତୁତ କରାଯାଇଛି। ବର୍ତ୍ତମାନ, ଶୀର୍ଷ ସ୍ଥାନରେ ରହିଥିବା ରାଜ୍ୟମାନଙ୍କ ମଧ୍ୟରେ ଜାତୀୟ ସ୍ତରରେ କୌଣସି ଖାଦ୍ୟ ଓ ପୁଷ୍ଟିସାଧନ ମାଧ୍ୟମକୁ କାର୍ଯ୍ୟକାରୀ କରିବାର ପ୍ରସ୍ତାବ ନାହିଁ। ରାଜ୍ୟ/କେନ୍ଦ୍ର ଶାସିତ ପ୍ରଦେଶ ସରକାରମାନେ ଏନ୍ଏଫ୍ଏସ୍ଏର ସାମଗ୍ରିକ ଢାଞ୍ଚା ଅଧୀନରେ ଶ୍ରେଷ୍ଠ ପ୍ରଦର୍ଶନ କରୁଥିବା ରାଜ୍ୟମାନଙ୍କର ଶ୍ରେଷ୍ଠ ପଦ୍ଧତିକୁ ଗ୍ରହଣ କରିବା ଲାଗି ସମ୍ପୂର୍ଣ୍ଣ ସ୍ୱାଧୀନ ଅଟନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ସୂଚନା ଦେଇଛନ୍ତି।

Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com
Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**
Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**